ରୋହିତଙ୍କ
୧୨ତମ ଟେଷ୍ଟ ଶତକ

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-254 ◆BHUBANESWAR ◆SATURDAY ◆9 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୪ ◆ଭୁବନେଶ୍ୱର ◆ଶନିବାର ◆୯ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

DSPL-816

ODISHA INDIA'S BEST KEPT SECRET. | ଆମ ଓଡ଼ିଶା ନବୀନ ଓଡ଼ିଶା | INSPIRE INSTITUTE of SPORT | JSW | Reliance Foundation | YOUTH SPORTS | NALCO

ଭାରତର ପ୍ରଥମ
ଇନ୍‌ଡୋର୍ ଆଥଲେଟିକ୍ସ ସେଣ୍ଟର
ଏବଂ
ଆକ୍ୱାଟିକ୍ସ ସେଣ୍ଟର ଓ
ଇନ୍‌ଡୋର୍ ଡାଇଭିଂ ସେଣ୍ଟରର
ଶୁଭାରମ୍ଭ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ
କରକମଳରେ

୦୯ ମାର୍ଚ୍ଚ ୨୦୨୪

କଳିଙ୍ଗ ଷ୍ଟାଡ଼ିୟମ, ଭୁବନେଶ୍ୱର

"କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ଶକ୍ତି"

ଆକ୍ୱାଟିକ୍ସ ସେଣ୍ଟର

ଇନ୍‌ଡୋର୍ ଆଥଲେଟିକ୍ସ ସେଣ୍ଟର



ଇନ୍‌ଡୋର୍ ଡାଇଭିଂ ସେଣ୍ଟରର
ଭିତ୍ତିପ୍ରସ୍ତର ସ୍ଥାପନ

OIPR-29001/13/0248/2324

କ୍ରୀଡ଼ା ଦୃଶ୍ୟପଟ୍ଟର ରୂପାନ୍ତରଣ | କ୍ରୀଡ଼ାବିତ୍‌ଙ୍କ ସଶକ୍ତିକରଣ

ରନ୍ଧନ ଗ୍ୟାସ୍ ସିଲିଣ୍ଡର ଦର ୧୦୦ ଟଙ୍କା ହ୍ରାସ

■ **ନୂଆଦିଲ୍ଲୀ, ୮।୩ (ଏଜେନ୍ସି):** ଦୀର୍ଘ ଦିନ ପରେ କମିଲା ରନ୍ଧନ ଗ୍ୟାସ୍ ଦର। ଦେଶରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଧାରଣ ନିର୍ବାଚନ ପୂର୍ବରୁ ଗ୍ୟାସ୍ ସିଲିଣ୍ଡର ପିଛା ୧୦୦ ଟଙ୍କା ହ୍ରାସ ହୋଇଛି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦେଶର କୋଟି କୋଟି ମହିଳାଙ୍କୁ ଏହା ମୋଦି ସରକାରଙ୍କ ଉପହାର ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ସମ୍ପର୍କରେ ଏକ ଟୁଇଟ୍ କରି କହିଛନ୍ତି। ମୂଲ୍ୟ ହ୍ରାସ ପରେ ରାଜଧାନୀ ନୂଆଦିଲ୍ଲୀରେ ୧୪.୨ କେଜି ବିଶିଷ୍ଟ ଗ୍ୟାସ୍ ସିଲିଣ୍ଡର ଦର ୯୦୩ ଟଙ୍କାରୁ ୮୦୩ ଟଙ୍କାକୁ ହ୍ରାସ ଘଟିଛି। ସେହିଭଳି ଭୁବନେଶ୍ୱରରେ ଗ୍ୟାସ୍ ସିଲିଣ୍ଡର ଦର ୯୩୦ ଟଙ୍କାରୁ ୮୩୦ ଟଙ୍କାକୁ ଖସିଆସିଛି। ରନ୍ଧନ ଗ୍ୟାସ୍ ମୂଲ୍ୟରେ ଏହି ହ୍ରାସ ଦେଶର ୩୩ କୋଟି ଏଲ୍‌ପିଜି ହିତାଧିକାରୀଙ୍କୁ ଲାଭ ଦେବ। ଶେଷ ଥର ପାଇଁ ୨୦୨୩ ରକ୍ଷାବନ୍ଧନ ସମୟରେ କେନ୍ଦ୍ର ସରକାର ଏଲ୍‌ପିଜି ଦରରେ ସିଲିଣ୍ଡର ପିଛା ୨୦୦ ଟଙ୍କା ହ୍ରାସ ଘଟାଇଥିଲେ। ଟ୍ୱିଟ୍ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଯେ, ଆଜି ମହିଳା ଦିବସ ଅବସରରେ ଆମେ ଏଲପିଜି ସିଲିଣ୍ଡର ମୂଲ୍ୟରେ ୧୦୦ ଟଙ୍କା ରିଆତି ଦେବାକୁ ଏକ ବଡ ନିଷ୍ପତ୍ତି ନେଇଛୁ। ଏହା କେବଳ ମହିଳା ଶକ୍ତିଙ୍କ ଜୀବନକୁ ସହଜ କରିବ ନାହିଁ ବରଂ କୋଟି କୋଟି ପରିବାରର ଆର୍ଥିକ ବୋଝ ହ୍ରାସ କରିବ।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-254 ◆BHUBANESWAR ◆SATURDAY ◆9 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୪ ◆ଭୁବନେଶ୍ୱର ◆ଶନିବାର ◆୯ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

DSPL-808

ODISHA
INDIA'S BEST KEPT SECRET.

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

ନିଯୁକ୍ତି ପର୍ବ

ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

୧୨୯୪
ନୂଆ ନିଯୁକ୍ତି

୭୨୫
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

୨୮୦
ଅର୍ଥ ବିଭାଗ

୧୨୯
ଗ୍ରାମ୍ୟ ଉନ୍ନୟନ ବିଭାଗ

୧୬୦ ଜଣ କୃତୀ କ୍ରୀଡ଼ାବିତ୍
ଇସ୍ପାତ ଏବଂ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଗୃହ ବିଭାଗ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୦୯ ମାର୍ଚ୍ଚ ୨୦୨୪ । ପୂର୍ବାହ୍ନ ୧୧ଟା ୪୫ମିନିଟ
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର
ଏବଂ
ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱରରେ
ଆଭାସୀ ମାଧ୍ୟମରେ ଯୋଗଦାନ

ଓଡ଼ିଶା ସରକାର

OIPR-27068/13/0063/2324

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-254 ◆BHUBANESWAR ◆SATURDAY ◆9 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୪ ◆ଭୁବନେଶ୍ୱର ◆ଶନିବାର ◆୯ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

ଶ୍ରୀଲଙ୍କା ଯିବ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ଉତ୍ପାଦ

ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ପୁନରାବୃତ୍ତି

■ **ଭୁବନେଶ୍ୱର, ୮।୩ (ସମିସ):** ପଡ଼ୋଶୀ ରାଜ୍ୟ ଏବଂ ଦେଶମାନଙ୍କ ସହ ଓଡ଼ିଶାର ରହିଥିବା ପ୍ରାଚୀନ ଐତିହାସିକ ନୌବାଣିଜ୍ୟ ପରମ୍ପରାର ପୁନରାବୃତ୍ତି ହେବାକୁ ଯାଉଛି। ପ୍ରଥମ ଥର ପାଇଁ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ଉତ୍ପାଦ ଜଳପଥରେ ଯାଇ ବିଦେଶ ବଜାରରେ ପହଞ୍ଚିବ। ଏଥିସହ ଖଣିଜ ଦ୍ରବ୍ୟ, କୃଷି ଉତ୍ପାଦ, ଇଲେକ୍ଟ୍ରୋନିକ୍ସ, ମସଲା ଓ ସାମୁଦ୍ରିକ ଖାଦ୍ୟ ବିଦେଶ ଯିବ। ଅପରପକ୍ଷେ ବିଦେଶରୁ ଦରକାରୀ ସାମଗ୍ରୀ ଓଡ଼ିଶାରେ ପହଞ୍ଚିବ। ଆସନ୍ତା ମାସରୁ ପାରାଦୀପ ବନ୍ଦରରୁ ନୌ ବାଣିଜ୍ୟର ଏକ ନୂଆ ପରମ୍ପରା ଆରମ୍ଭ ହେବାକୁ ଯାଉଛି। ପାରାଦୀପ ବନ୍ଦର ଜରିଆରେ ପଣ୍ୟ ରପ୍ତାନୀ ଓ ଆମଦାନୀ ପାଇଁ ରାଜ୍ୟ ସରକାରଙ୍କ ସହ ହାତ ମିଳାଇଥିବା ବିଶ୍ୱର ବୃହତମ କଣ୍ଟେନର୍ ସିପିଂ କମ୍ପାନୀ ଏମ୍‌ଏସ୍‌ସି ଜରିଆରେ ନୌ ବାଣିଜ୍ୟ ଆରମ୍ଭ ହେବ। ଗୋଟିଏ ଥରରେ ୨୫୦ ନିୟୁତ ଟନ୍ ସାମଗ୍ରୀ ରପ୍ତାନୀ ଓ ଆମଦାନୀ ହୋଇପାରିବ। ଅନ୍ତର୍ଜାତୀୟ ଜଳପଥରେ ରପ୍ତାନୀ ଓ ଆମଦାନୀ ପାଇଁ ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶା ▶ପୃଷ୍ଠା-୧୬

ଲୋକସଭା ଆସନରେ ବିଜେଡିର ପ୍ରାର୍ଥିତ୍ୱ

ଏଥର ବି ୩୩ % ମହିଳା

ନାରୀ ସଶକ୍ତିକରଣରେ ମୁଖ୍ୟମନ୍ତ୍ରୀ ସାରା ଦେଶ ପାଇଁ ଉଦାହରଣ: ପାଣ୍ଡିଆନ

- ଦୁଇ ବର୍ଷରେ ମହିଳା ଏସ୍‌ଏଚ୍‌ଜି ଋଣ ୨୦ ହଜାର କୋଟି ଟପିବ
- ଅମ୍ବାନୀ, ଆଦାନୀ, ଟାଟାଙ୍କଠାରୁ ଅଧିକ ଋଣ ନେଉଛନ୍ତି ଓଡ଼ିଶାର ମା'
- ଅନ୍ୟମାନେ ଅନୁକରଣ କରୁଛନ୍ତି ମା'ଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ

■ **ଭୁବନେଶ୍ୱର,୮।୩(ସମିସ):** ନାରୀ ହିଁ ସକଳ ଶକ୍ତିର ଆଧାର। ମା'ମାନଙ୍କୁ ବାଦ୍ ଦେଇ କୌଣସି ରାଜ୍ୟ, କୌଣସି ରାଷ୍ଟ୍ର ବିକାଶ କରିପାରିବ ନାହିଁ। ଏହି କଥାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭରୁ ହୃଦବୋଧ କରିଛନ୍ତି। ସେଥିପାଇଁ ପରିଣାମ କଥା ଚିନ୍ତା ନ କରି ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇଛନ୍ତି। ଗତ ୨୦୧୯ ଲୋକସଭା ନିର୍ବାଚନରେ ବିଜେଡି ୩୩% ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିଥିଲା। ଆଗାମୀ ଲୋକସଭା ନିର୍ବାଚନରେ ମଧ୍ୟ ୩୩% ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ମହିଳା ବିଜେଡି ପକ୍ଷରୁ ଆୟୋଜିତ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏହି ଘୋଷଣା କରିଛନ୍ତି 'ୟ-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଏହା ସହିତ ଗତ ପଞ୍ଚାୟତ ଓ ଜିଲ୍ଲା ପରିଷଦ ନିର୍ବାଚନରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦରେ ୭୦% ମହିଳାଙ୍କ ନିର୍ବାଚନ ପଛରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଭଙ୍ଗୀକୁ ମଧ୍ୟ ଉନ୍ମୋଚନ କରିଛନ୍ତି।

ଶଙ୍ଖ ଭବନରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ସରକାର ଏବଂ ଦଳରେ ମହିଳା ମାନଙ୍କୁ ଗୁରୁତ୍ୱ ଦେଇ ଆସିଛନ୍ତି। ଓଡ଼ିଶାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯାନ ବିଜୁ ଜନତା ଦଳରକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିଛି। ଏହି ଆନ୍ଦୋଳନର ପ୍ରଭାବ ଆଜି ୭୦ ଲକ୍ଷରୁ ଅଧିକ ମହିଳାଙ୍କ ଉପଲବ୍ଧିକୁ ଦେଖିଲେ ସ୍ପଷ୍ଟ ହୋଇଯିବ। ପ୍ରବାଦ ପୁରୁଷ ବିଜୁ ବାବୁ ସମଗ୍ର ଦେଶରେ ପ୍ରଥମେ ମହିଳା ମାନଙ୍କ ସଂରକ୍ଷଣ ପାଇଁ ପଦକ୍ଷେପ ନେଇଥିଲେ। ପଞ୍ଚାୟତ ନିର୍ବାଚନରେ ୩୩% ଆସନ ମହିଳାମାନଙ୍କୁ ଦେଇଥିଲେ; କିନ୍ତୁ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ୩୩% ବଦଳରେ ୫୦% ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ କରିଛନ୍ତି। ରାଜନୀତିରେ ମହିଳାମାନଙ୍କର ଭାଗିଦାର ସୁନିଶ୍ଚିତ କରିବା ପାଇଁ ସେ ବଦ୍ଧପରିକର ଥିଲେ। ପ୍ରଥମ ଥର ପାଇଁ ନବୀନ ପଟ୍ଟନାୟକ ସଂସଦ ଓ ବିଧାନସଭାରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେବା ପାଇଁ ଦାବି କରିଥିଲେ। ଓଡ଼ିଶାର ମା' ମାନେ କିପରି ଆଗକୁ ଯିବେ ସେଥିପାଇଁ ସେ ଚିନ୍ତିତ ଥିଲେ। ବିଳମ୍ବରେ ହେଉ ପଛେ ସଂସଦରେ ଏହା ପାରିତ ହୋଇଛି। ତାଙ୍କର ଏହି ଉଦ୍ୟମ ହିଁ ବିଜୁ ଜନତା ▶ପୃଷ୍ଠା-୧୬

କାମିଆ ଜାନୀଙ୍କୁ ଜାତୀୟ ସମ୍ମାନ

'ନ୍ୟାସନାଲ କ୍ରିଏଟର୍ସ ଆୱାର୍ଡ' ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ମୋଦୀ

■ **ନୂଆଦିଲ୍ଲୀ ୮।୩ (ସମିସ):** ଅନ୍ତର୍ଜାତୀୟ ମହିଳା ଦିବସରେ ୟୁଟ୍ୟୁବର ତଥା ବ୍ଲଗର୍ କାମିଆ ଜାନୀଙ୍କୁ ମିଳିଛି 'ନ୍ୟାସନାଲ୍ କ୍ରିଏଟର୍ସ ଆୱାର୍ଡ'। ଫୁଡ୍ ଓ ଟ୍ରାଭେଲ ବ୍ଲଗର୍ ତଥା କର୍ଲି ଟେଲ୍‌ସ ୟୁଟ୍ୟୁବ୍ ଚ୍ୟାନେଲର ପ୍ରତିଷ୍ଠାତା କାମିଆଙ୍କୁ ନୂଆଦିଲ୍ଲୀର ଭାରତ ମଣ୍ଡପଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନ୍ୟ ୨୪ ଜଣଙ୍କ ସହ ପୁରସ୍କୃତ କରିଛନ୍ତି। ସାମାଜିକ ପରିବର୍ତ୍ତନ, ପରିବେଶ ସ୍ଥିରତା, ଶିକ୍ଷା, କ୍ରୀଡ଼ା, ନବସୃଜନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ଯୁବବର୍ଗଙ୍କ ପାଇଁ ପ୍ରଥମଥର ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ୨୦ଟି ବର୍ଗରେ ମୋଟ ୧.୫ ଲକ୍ଷ ନାମାଙ୍କନ ମଧ୍ୟରୁ ଶ୍ରେଷ୍ଠ ମନୋନୀତ ମୋଟ ୨୪ ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ ଟ୍ରାଭେଲ୍ କ୍ରିଏଟର ଭାବରେ କାମିଆଙ୍କ ନାମ ଏହି ସୂଚୀରେ ସ୍ଥାନ ପାଇଛି। କାମିଆ କିଛି ବର୍ଷ ହେଲା ଦେଶବିଦେଶରେ ଖାଦ୍ୟ, ଭ୍ରମଣ, ଜୀବନଶୈଳୀ, ଧାର୍ମିକ ପର୍ଯ୍ୟଟନସ୍ଥଳୀ ଉପରେ କାର୍ଯ୍ୟ କରି ଆସୁଛନ୍ତି ଏବଂ ନିଜ ଭିଡିଓରେ ଭାରତର ସୌନ୍ଦର୍ଯ୍ୟ ଓ ବିବିଧତା ▶ପୃଷ୍ଠା-୧୬

RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-254 •BHUBANESWAR •SATURDAY •9 MARCH 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୫୪ •ଭୁବନେଶ୍ୱର •ଶନିବାର •୯ ମାର୍ଚ୍ଚ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦

୧୨ରୁ ଗଡ଼ିବ ତୃତୀୟ ବନ୍ଦେ ଭାରତ

■ **ଭୁବନେଶ୍ୱର, ୮।୩ (ସମିସ):** ଓଡ଼ିଶାରେ ଗଡ଼ିବ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍। ଆସନ୍ତା ୧୨ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଭୁବନେଶ୍ୱର-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିବେ ବୋଲି ସୂଚନା ମିଳିଛି। ତେବେ ଏହା ପୂର୍ବରୁ ଆଜି ଭୁବନେଶ୍ୱର-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ୍‌ର ପରୀକ୍ଷାମୂଳକ ଚଳାଚଳ କରାଯାଇଥିଲା। ଆଜି ସକାଳ ସାଢ଼େ ୫ଟାରେ ଏହା ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରି ନିର୍ଦ୍ଧାରିତ ସମୟ ଭିତରେ ବିଶାଖାପାଟଣାରେ ପହଞ୍ଚିଥିଲା ଏବଂ ସେଠାରୁ ନିର୍ଦ୍ଧାରିତ ସମୟ ଭିତରେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲା। ସୂଚନାନୁସାରେ, ୮କୋଚ୍ ବିଶିଷ୍ଟ ଏହି ଟ୍ରେନ୍ ସୋମବାର ବ୍ୟତୀତ ଅନ୍ୟ ଦିନରେ ଚଳାଚଳ କରିବ। ୪୪୩ କିମି ଦୂରତା ଅତିକ୍ରମ ପାଇଁ ୫ଘଣ୍ଟାରୁ ଅଧିକ ସମୟ ଲାଗିବ। ଏହି ଟ୍ରେନ୍‌ର ସମୟ ସାରଣୀ ଚୂଡ଼ାନ୍ତ ହୋଇନଥିଲେ ସୁଦ୍ଧା ଏହା ଭୁବନେଶ୍ୱର, ଖୋର୍ଦ୍ଧାରୋଡ୍, ବ୍ରହ୍ମପୁର, ଇଚ୍ଛାପୁରମ୍, ପଲାସା, ଶ୍ରୀକାକୁଲମ୍ ରୋଡ୍, ବିଜୟନଗରମ୍, ବିଶାଖାପାଟଣାରେ ରହଣି କରିବ। ଯାତ୍ରା ସମୟରେ ଟ୍ରେନ୍‌ର ବେଗ ଘଣ୍ଟା ପ୍ରତି ୭୭କିମି ରହିବ ବୋଲି କୁହାଯାଉଛି।

ଭୁବନେଶ୍ୱର-ବିଶାଖାପାଟଣା ମଧ୍ୟରେ ଟ୍ରାଏଲ୍ ରନ୍

ଏଥର ଖରା ଯେମିତି, ବର୍ଷା ବି ସେମିତି

- ଗ୍ରୀଷ୍ମରେ ତାତି ଓ ମୌସୁମୀରେ ପ୍ରବଳ ବର୍ଷା ସମ୍ଭାବନା
- ଜୁଲାଇ-ସେପ୍ଟେମ୍ବର ମଧ୍ୟରେ ସ୍ୱାଭାବିକଠୁ ଅଧିକ ବର୍ଷିବ
- ଏଲ୍-ନିନୋ ଦୁର୍ବଳ ଯୋଗୁଁ ଠିକ୍ ରହିବ ମୌସୁମୀ ମିଜାଜ
- ୟୁରୋପିଆନ୍ ମଡେଲ୍‌ର ଆକଳନ ଆଣିଲା ସନ୍ତୋଷ
- ୩ଦିନ ପରେ ୬ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ତାପମାତ୍ରା

■ **ଭୁବନେଶ୍ୱର, ୮।୩ (ସମିସ):** ରାଜ୍ୟରେ ଚଳିତବର୍ଷ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେବ। ପ୍ରବଳ ତାତି ସାଙ୍ଗକୁ ବାରମ୍ବାର ଗ୍ରୀଷ୍ମ ଲହରୀ ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରିବ। ଏ ବର୍ଷ ଏଭଳି ଗ୍ରୀଷ୍ମ ପ୍ରବାହ ସ୍ଥିତି ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ସହ ବରିଷ୍ଠ ବିଶେଷଜ୍ଞମାନେ ବହୁ ପୂର୍ବରୁ ଚେତାବନୀ ଦେଇ ସାରିଛନ୍ତି। କିନ୍ତୁ ଏହାରି ଭିତରେ ରାଜ୍ୟବାସୀଙ୍କ ପାଇଁ ଏକ ଆଶ୍ୱସ୍ତିକର ଖବର ବି ଆସିଛି। ଚଳିତବର୍ଷ ଖରା ଭଳି ପ୍ରଚୁର ବର୍ଷା ମଧ୍ୟ ହେବାର ସମ୍ଭାବନା ରହିଛି। ଏପରିକି, ମୌସୁମୀ ୪ମାସ ମଧ୍ୟରୁ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ୩ ମାସ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ମୌସୁମୀ ସ୍ଥିତିକୁ ନେଇ ପ୍ରାଥମିକ ଭାବେ କିଛି ମଡେଲ୍ ଏଭଳି ଆକଳନ କରିଛନ୍ତି।

ଉଭୟ ଖରା ଓ ବର୍ଷା ଉପରେ ପ୍ରଭାବ ପକାଉଥିବା ଏଲ୍-ନିନୋ ବର୍ତ୍ତମାନ ଭାରତ ଉପରେ ସକ୍ରିୟ ରହିଛି। ଏହାଦ୍ୱାରା ଚଳିତ ବର୍ଷ ପ୍ରବଳ ତାତି ଅନୁଭୂତ ହେବା ନେଇ ପୂର୍ବରୁ ଆକଳନ କରାଯାଇଛି। ମାତ୍ର ମୌସୁମୀ ଅଗ୍ରସର ହେବା ବେଳକୁ ଅର୍ଥାତ୍ ଜୁନ୍ ସୁଦ୍ଧା ଏଲ୍-ନିନୋ ଦୁର୍ବଳ ହୋଇଯିବ ଏବଂ ମୌସୁମୀର ସ୍ଥିତି ଭଲ ରହିବାର ସମ୍ଭାବନା ରହିବ ବୋଲି ୟୁରୋପିଆନ୍ ମଡେଲ୍ ପ୍ରାଥମିକ ଆକଳନ କରିଛି। ଦେଶରେ ଜୁଲାଇରୁ ସେପ୍ଟେମ୍ବର ମଧ୍ୟ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ ଅଧିକ ରହିବା ନେଇ କୁହାଯାଇଛି। ସାଧାରଣତଃ ଏଲ୍-ନିନୋ ସକ୍ରିୟ ରହିଲେ ବର୍ଷାର ପରିମାଣ କମ୍ ରହିଥାଏ। ଗତବର୍ଷଠାରୁ ଆରମ୍ଭ ହୋଇଥିବା ଏଲ୍-ନିନୋ ଯୋଗୁଁ ଗତବର୍ଷ ଦେଶରେ ମୌସୁମୀ ବର୍ଷାରେ ପ୍ରଭାବ ପଡ଼ିଥିଲା। ରାଜ୍ୟରେ ମଧ୍ୟ ଅନେକ ସ୍ଥାନରେ ନିଅଣ୍ଟିଆ ବର୍ଷା ରହିଥିଲା। ତେବେ ଚଳିତବର୍ଷଠାରୁ ଏହି ସ୍ଥିତିରେ ଧୀରେଧୀରେ ପରିବର୍ତ୍ତନ ଆସିବା ସହ ମୌସୁମୀ ବର୍ଷା ଭଲ ହେବ ଓ ଚାଷ କାର୍ଯ୍ୟ ପାଇଁ ଏହା ସହାୟକ ହେବ ବୋଲି ପ୍ରାଥମିକ ଭାବେ ଆକଳନ କରାଯାଉଛି।

ସାଧାରଣତଃ ଏଲ-ନିନୋ ଯୋଗୁଁ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସମୁଦ୍ର ପୃଷ୍ଠର ତାପମାତ୍ରା ସାଧାରଣ ଅପେକ୍ଷା ଗରମ ହୋଇଯାଏ। ଏହି ପରିବର୍ତ୍ତନ ଦ୍ୱାରା ପାଣିପାଗଚକ୍ରରେ ପ୍ରଭାବ ପଡ଼ିଥାଏ। ଏଲ-ନିନୋ ସ୍ଥିତି ସୃଷ୍ଟି ହେଲେ, ବାୟୁମଣ୍ଡଳର ଉପରି ଭାଗରେ ଥିବା ଶୁଷ୍କବାୟୁ ତଳମୁହାଁ ହୋଇଥାଏ। ଏହା ମେଘ ସୃଷ୍ଟିକାରୀ ବାଦଲକୁ ଧ୍ୱଂସ କରିଦିଏ। ଏଲ ନିନୋର ପ୍ରଭାବ ସମଗ୍ର ବିଶ୍ୱରେ ଅନୁଭୂତ ହୁଏ, ଯେଉଁଥିପାଇଁ ବର୍ଷା, ଥଣ୍ଡା, ଉତ୍ତାପରେ ତାରତମ୍ୟ ସୃଷ୍ଟି ହୁଏ। ଗତ ୭୦ ବର୍ଷ ମଧ୍ୟରେ ପାଣିପାଗ ଉପରେ ଏଲ-ନିନୋ ପ୍ରଭାବ ୧୫ଥର ଘଟିଛି, ଯେଉଁଥିରୁ ଭାରତରେ ମାତ୍ର ୬ଥର ସାଧାରଣ ବୃଷ୍ଟିପାତ ହୋଇଛି। ଗତ ୪ଟି ଏଲ-ନିନୋ ବର୍ଷରେ ଭାରତ କ୍ରମାଗତ ମରୁଡ଼ି ପରିସ୍ଥିତି ଏବଂ ନିଅଣ୍ଟିଆ ବର୍ଷାର ସମ୍ମୁଖୀନ ହୋଇଛି। ଦୁର୍ବଳ, ମଧ୍ୟମ କିମ୍ବା ଶକ୍ତିଶାଳୀ ଏଲ-ନିନୋ ଦ୍ୱାରା ମୌସୁମୀ ବର୍ଷା ମଧ୍ୟ ଭିନ୍ନ ହୋଇପାରେ। ଅପରପକ୍ଷେ ଏଲ୍-ନିନୋ ଥିବା ସମୟରେ ପ୍ରବଳ ଗରମ ଓ ଗ୍ରୀଷ୍ମ ପ୍ରବାହ ସ୍ଥିତି ସୃଷ୍ଟି ହୋଇଥାଏ।

ଅନ୍ୟପଟେ ଆସନ୍ତା ୩ ଦିନ ପରେ ରାଜ୍ୟରେ ପ୍ରାୟ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବ ବୋଲି ପାଣିପାଗ କେନ୍ଦ୍ର କହିଛି। କିଛି ଦିନ ହେଲାଣି ରାଜ୍ୟର ଅନେକ ସ୍ଥାନରେ ବର୍ଷା ହୋଇଥିବା ବେଳେ ଶନିବାର ମଧ୍ୟ କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଶନିବାର ଦକ୍ଷିଣ ଉପକୂଳ ଓଡ଼ିଶାର ଜିଲ୍ଲାଗୁଡ଼ିକ ସହ କଟକ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବଲାଙ୍ଗିର, ବୌଦ୍ଧ ଓ ନବରଙ୍ଗପୁରର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ଶୁକ୍ରବାର ରାଜ୍ୟର ୩ଟି ସ୍ଥାନରେ ତାପମାତ୍ରା ୩୬ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି।

ଜାଗରରେ ଲିଭିଗଲା ଜୀବନଦୀପ

ବଡ଼ଭାଇ ଆଗରେ ସାନକୁ ଟାଣିନେଲା କୁମ୍ଭୀର

■ **ରାଜନଗର, ୮।୩ (ସମିସ):** ଜାଗରରେ ଲିଭିଗଲା ଜୀବନଦୀପ। ପରିବା ଫସଲରେ ପାଣି ଦେବାକୁ ନାଳକୁ ଯାଇଥିବା ବେଳେ ବଡ଼ଭାଇ ଆଗରେ ସାନ ଭାଇକୁ ଟାଣିନେଲା କୁମ୍ଭୀର। ଏପରି ଅଘଟଣ ଘଟିଛି, ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଦକ୍ଷିଣଭେଡ଼ା ଗ୍ରାମରେ। ମୃତକ ହେଲେ, ଦକ୍ଷିଣଭେଡ଼ା ଗାଁର ନିମାଇଁ ମଲିକ (୪୦)। ବଡ଼ଭାଇ ଚେଷ୍ଟା କରି ମଧ୍ୟ କୁମ୍ଭୀର ମୁହଁରୁ ସାନ ଭାଇକୁ ଉଦ୍ଧାର କରିପାରିନଥିଲେ।

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଦକ୍ଷିଣଭେଡ଼ା ଗାଁର ନିମାଇଁ ଓ ତାଙ୍କ ବଡ଼ଭାଇ ନିର୍ମଳ ଘରଠାରୁ ୨୦୦ ମିଟର ଦୂରରେ ଖରାଦିନିଆ ପରିବା ଚାଷ କରିଛନ୍ତି। ଲଙ୍କାଠାରୁ ଆରମ୍ଭ କରି ପୋଇ, ଭେଣ୍ଡି, କଖାରୁ, ମକା, ବାଇଗଣ ଆଦି ଚାଷ କରିଛନ୍ତି। ବ୍ରାହ୍ମଣୀ ନଦୀ ଓ ନଦୀରୁ ବାହାରିଥିବା ନାଳ ମଝିରେ ରହିଛି ଏହି ଜମି। ଆଜି ସକାଳେ ଗୋଟିଏ ପଟରେ ବଡ଼ଭାଇ ନିର୍ମଳ ପାଣି ଦେଉଥିବା ବେଳେ ଅନ୍ୟପଟରେ ସାନ ଭାଇ ନିମାଇଁ ପରିବାର କିଆରିରେ ପାଣି ଦେଉଥିଲେ। ନିମାଇଁ ଗୋଟିଏ ଗରା ପାଣି ଆଣି ବାଇଗଣ ଗଛରେ ଦେଇସାରିବା ପରେ ଆଉ ଥରେ ପାଣି ପାଇଁ ଯାଇଥିଲେ। ପାଣି ଆଣିବା ପାଇଁ ନାଳ ଭିତରେ ଗରା ବୁଡ଼ାଇବା କ୍ଷଣି ଛକି ରହିଥିବା ମଣିଷଖିଆ କୁମ୍ଭୀର ହଠାତ ଝାମ୍ପ ମାରି ନିମାଇଁଙ୍କୁ ପାଣି ଭିତରକୁ ଟାଣି ନେଇଥିଲା। ଭାଇ କୁମ୍ଭୀର ଖାଇଗଲା ବୋଲି ନିମାଇଁ ଦୁଇଥର ଡାକ ଛାଡିଥିଲେ। ପାଣି ଦେଉଥିବା ବଡ଼ଭାଇ ନିର୍ମଳ ଓ ସମ୍ପର୍କୀୟ ଭାଉଜ ପୁଷ୍ପ ଦୌଡ଼ି ଆସି ସେଠାରେ ପହଞ୍ଚିବା ବେଳକୁ କୁମ୍ଭୀର ନିମାଇଁଙ୍କୁ ନାଳ ମଝିକୁ ନେଇ ସାରିଥିଲା। ନିର୍ମଳ ଓ ପୁଷ୍ପ କୁମ୍ଭୀର ଉପରକୁ ଟେକା ଫୋପାଡ଼ିବା ସହ ସେଠାରେ ଥିବା ଡିଙ୍ଗି ଯୋଗେ ନିମାଇଁଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କୁମ୍ଭୀର ନିମାଇଁଙ୍କୁ ପାଣି ଭିତରେ କେଉଁଠି ଲୁଚାଇ ଦେଇ ନାଳରୁ ବାହାରି ନଦୀ ମଧ୍ୟକୁ ଚାଲିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହିତ ବନ ବିଭାଗ ଟିମ୍ ପହଞ୍ଚି ବୋଟ ମାଧ୍ୟମରେ ଖୋଜାଖୋଜି କରିଥିଲେ। ଏସିଏଫ୍ ଗଗନ ବିହାରୀ ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ଓ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ। ଦିନ ପ୍ରାୟ ୨ ଟାବେଳେ ନିମାଇଁଙ୍କ ମୃତଦେହ ନାଳ ଭିତରୁ ମିଳିଥିଲା।

ଓଡ଼ିଶା ପୁଲିସ ଇତିହାସରେ ପ୍ରଥମ

ସର୍ବାଧିକ ଅଫିମ ଜବତ କଲା ଏସ୍‌ଟିଏଫ୍

୧୦ କେଜି ୫୦୮ ଗ୍ରାମ ଅଫିମ୍ ଜବତ, ଦୁଇ ଭାଇ ଗିରଫ

■ **ଭୁବନେଶ୍ୱର, ୮।୩ (ସମିସ):** ଓଡ଼ିଶା ପୁଲିସ ଇତିହାସରେ ସର୍ବାଧିକ ଅଫିମ ଜବତ କରିଛି କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍। ରାଉରକେଲା ପୁଲିସ୍ ସହାୟତାରେ ପାନପୋଷରେ ଚଢ଼ଉ କରି ଏସ୍‌ଟିଏଫ୍ ୧୦ କେଜି ୫୦୮ ଗ୍ରାମ ଅଫିମ ଜବତ କରିବା ସହ ଦୁଇଜଣ ଆନ୍ତଃରାଜ୍ୟ ନିଶା ମାଫିଆଙ୍କୁ ଗିରଫ କରିଛି। ଜବତ ଅଫିମ୍‌ର ମୂଲ୍ୟ ସାଢ଼େ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଏସ୍‌ଟିଏଫ ପକ୍ଷରୁ କୁହାଯାଇଛି। ଗିରଫ ଦୁଇ ନିଶା ବେପାରୀ ଦୁଇ ଭାଇ। ସେମାନଙ୍କ ଘର ଝାଡ଼ଖଣ୍ଡରେ ହୋଇଥିବା ବେଳେ ସେମାନେ ରାଉରକେଲା ଏବଂ ସୁନ୍ଦରଗଡ଼କୁ ଅଫିମ୍ ଆଣି ବ୍ୟବସାୟ କରନ୍ତି। ଏସ୍‌ଟିଏଫ୍‌ର ସୂଚନା ଅନୁଯାୟୀ, ରାଜ୍ୟରେ ଏକାଥରକେ ଏତେ ପରିମାଣରେ ଅଫିମ ପୂର୍ବରୁ କେବେ ଜବତ ହୋଇନଥିଲା। ଏହା ଓଡ଼ିଶା ପୁଲିସ ଇତିହାସରେ ପ୍ରଥମ। ଗିରଫ ଅଭଯୁକ୍ତଦ୍ୱୟ ହେଲେ ବିଟୁ ସିଂହ ମୁଣ୍ଡା (୪୬) ଓ ରୋହିତ ମୁଣ୍ଡା (୪୯)। ଉଭୟଙ୍କ ଘର ଝାଡ଼ଖଣ୍ଡର ଖୁଣ୍ଟି ଜିଲ୍ଲାର ସିଗିଡ଼ରେ।

ତଦନ୍ତ ବେଳେ ଜଣାପଡ଼ିଛି ଯେ, ଏହି ଦୁଇ ଭାଇ ଓ ସେମାନଙ୍କର ଅନ୍ୟ କିଛି ସାଥୀ ରାଜସ୍ଥାନରୁ ଅଫିମ ସଂଗ୍ରହ କରି ଝଡ଼ଖଣ୍ଡ ସହ ଓଡ଼ିଶାର ସୁନ୍ଦରଗଡ଼ ଓ ରାଉରକେଲାରେ ବିକ୍ରି କରୁଥିଲେ। ସେମାନଙ୍କ ଅନ୍ୟ ସାଥୀମାନେ ଗିରଫ ହୋଇନାହାନ୍ତି। ସେମାନଙ୍କୁ ଗିରଫ କରିବା ପାଇଁ ଏସ୍‌ଟିଏଫ ତନାଘନା କରୁଛି। ଔଷଧ ପ୍ରସ୍ତୁତ ପାଇଁ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତରପ୍ରଦେଶରେ ସରକାରୀ ନୀତିନିୟମରେ ଅଳ୍ପ ପରିମାଣର ଅଫିମ ଚାଷ କରାଯାଉଛି। କିନ୍ତୁ କିଛି ଅସାଧୁ ଚାଷୀ ଏହି ଆଲରେ ଲାଇସେନ୍ସ ପାଇଥିବା ପରିମାଣଠାରୁ ବେଆଇନ ଭାବେ ଅଧିକ ଚାଷ କରିଥାନ୍ତି। ତେଣୁ ଏସ୍‌ଟିଏଫ ସନ୍ଦେହ କରୁଛି ଯେ ସେଠାରୁ ଏହି ଅଫିମ ବେଆଇନ ଭାବେ ଚାଲାଣ ହୋଇ ଏଠାକୁ ଆସୁଛି। ଏ ସଂପର୍କରେ ଅଧିକ ତଦନ୍ତ କରିବାକୁ ମଧ୍ୟପ୍ରଦେଶ ପୁଲିସ୍ ଓ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ନାରକୋଟିକ୍ସ ସହ ଏସ୍‌ଟିଏଫ୍ ଯୋଗାଯୋଗ କରିବ ବୋଲି କହିଛି।

ଲୋକକଥା

ଚଞ୍ଚକତା କରି ସର୍କାରୀ ଯୋଜନା
କେତେ ନଉଚନ୍ତି ହାତେଇ,
କେତେ ହରକତ ହଉଚନ୍ତି ସତେ
ହିତାଧିକାରୀଏ ନ ପାଇ।
ଏଭଳି ଘଟୁଚି କା ପାଇଁ,
କାଠବେଣ୍ଟ ଲାଗି କୁରାଢ଼ି ଯେପରି
ଗଛ ଦିଏ ତଳେ ଲୋଟେଇ ॥

ରତ୍ନଭଣ୍ଡାର ଅଳଙ୍କାର ତାଲିକା ପ୍ରସ୍ତୁତି

ତଦାରଖ କମିଟିର ପ୍ରଥମ ବୈଠକ ଆଜି

■ **ପୁରୀ, ୮।୩ (ସମିସ):** ଶନିବାର ଅନୁଷ୍ଠିତ ହେବ ରତ୍ନଭଣ୍ଡାର ଅଳଙ୍କାର ତାଲିକା ପ୍ରସ୍ତୁତି ତଦାରଖ କମିଟିର ପ୍ରଥମ ବୈଠକ। ଅପରାହ୍ନ ୨ଟାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ ପଶାୟତ ଅଧ୍ୟକ୍ଷତା କରିବେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ୱସୱାନ କିମ୍ବା ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କମିଟି ଗଠନ କରିବା ପରେ ଏହା ପ୍ରଥମ ବୈଠକ ହେବ। ଏହି ୧୨ ଜଣିଆ କମିଟିର ଅଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ ରହିଥିବା ବେଳେ ଉପାଧ୍ୟକ୍ଷ ଅଛନ୍ତି ପ୍ରସିଦ୍ଧ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ରମାକାନ୍ତ ପଣ୍ଡା। କମିଟିର ଅନ୍ୟ ସଦସ୍ୟମାନେ ହେଲେ ଆଲ୍ଲାହାବାଦ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି ଡ. ବିଧୁଭୂଷଣ ସାମଲ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପ୍ରତିନିଧି, ଏଏସ୍‌ଆଇର ପ୍ରତିନିଧି, ପରିଚାଳନା କମିଟି ସେବକ ପ୍ରତିନିଧି ଦୁର୍ଗାପ୍ରସାଦ ଦାସ ମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର ଓ ଜଗନ୍ନାଥ କର, ଭଣ୍ଡାର ମେକାପ ସେବକ ଗଣେଶ ମେକାପ, ପୁରୀ ଜିଲ୍ଲାପାଳ ଓ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ସଦସ୍ୟ ଆବାହକ ଭାବେ ରହିଛନ୍ତି।

କଂଗ୍ରେସ ପ୍ରାର୍ଥୀ ତାଲିକା

ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରୁ କେହି ନାହାନ୍ତି

ଓଡ଼ିଶାର ରାଜନୈତିକ ସ୍ଥିତି ଉପରେ ଏଆଇସିସିର ତୀକ୍ଷ୍ଣ ନଜର

ଆଜି ଦିଲ୍ଲୀରେ ବସିବ ଦ୍ୱିତୀୟ ପର୍ଯ୍ୟାୟ ସ୍କ୍ରିନିଂ କମିଟି ବୈଠକ

■ **ଭୁବନେଶ୍ୱର, ୮।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଶୁକ୍ରବାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଏଥିରେ ଦକ୍ଷିଣ ଓ ଉତ୍ତର-ପୂର୍ବାଞ୍ଚଳର ୮ରାଜ୍ୟରୁ ୩୯ଜଣଙ୍କ ନାମ ରହିଛି। ଏଥିରେ ପଡ଼ୋଶୀ ଛତିଶଗଡ଼ର ୬ଜଣଙ୍କ ନାମ ରହିଥିବା ବେଳେ ଓଡ଼ିଶାରୁ ଜଣେ ହେଲେ ପ୍ରାର୍ଥୀଙ୍କ ନାମ ନାହିଁ। ଏପରିକି କୋରାପୁଟର କଂଗ୍ରେସ ସାଂସଦ ସପ୍ତଗିର ଉଲ୍ଲାକାଙ୍କ ନାମ ନଥିବା ସମସ୍ତଙ୍କୁ ଚକିତ କରିଛି। ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ଟିକଟ ଘୋଷଣା ହେବା ନେଇ କଂଗ୍ରେସର ବରିଷ୍ଠ ନେତାମାନେ ବହୁ ପୂର୍ବରୁ କହି ଆସୁଥିଲେ ହେଁ ଓଡ଼ିଶାରୁ କାହାରି ନାମ ଏହି ତାଲିକାରେ ନ ରହିବା ଅନେକ ସନ୍ଦେହ ସୃଷ୍ଟି କରିଛି।

କୁହାଯାଉଛି ବର୍ତ୍ତମାନ ରାଜ୍ୟର ରାଜନୈତିକ ସ୍ଥିତି ଉପରେ ଏଆଇସିସି ତୀକ୍ଷ୍ଣ ନଜର ରଖିଛି। ଦଳରେ ଅଧିକାଂଶ ଆସନରେ ପ୍ରାର୍ଥୀ ହେବାକୁ ଲୋକ ନାହାନ୍ତି। ପ୍ରଗମନରେ ଯେଉଁମାନେ ଆବେଦନ କରିଛନ୍ତି, ସେମାନଙ୍କ ଉପରେ ଦଳ ଭରସା କରିପାରୁନାହିଁ। ତେଣୁ ବିଜେପି ଓ ବିଜେଡିର ନିରାଶ ଆଶାୟୀମାନଙ୍କୁ ନିଜ ଦଳରେ ସାମିଲ କରିବାକୁ କଂଗ୍ରେସ ଯୋଜନା କରିଛି। ଏପରିକି ବିଭିନ୍ନ ବିଧାନସଭା ଆସନରେ ଏହି ଆମଦାନୀ ନେତାଙ୍କୁ ଦଳ ପ୍ରାର୍ଥୀ କରିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏହା ବ୍ୟତୀତ ରାଜ୍ୟର ବହୁ ଆସନରେ କଂଗ୍ରେସରୁ ଟିକଟ ଆଶା ରଖିଥିବା ପ୍ରାର୍ଥୀଙ୍କ ତୁଳନାରେ ଉଭୟ ବିଜେଡି କିମ୍ବା ବିଜେପି ଟିକଟ ଆଶାୟୀଙ୍କ ସଂଗଠନ ଅପେକ୍ଷାକୃତ ସୁଦୃଢ଼ ରହିଛି। ସେହି ଆଶାୟୀମାନେ ନିଜ ଦଳରୁ ଟିକେଟ ନ ପାଇଲେ ସେମାନଙ୍କୁ କଂଗ୍ରେସରେ ସାମିଲ କରି ଭୋଟ ହାର ବୃଦ୍ଧି କରିବାକୁ ଦଳୀୟ ନେତୃତ୍ୱ ମଧ୍ୟ ଚିନ୍ତା କରୁଥାଇପାରନ୍ତି ଓ ଓଡ଼ିଶାରେ ପ୍ରାର୍ଥୀ ଘୋଷଣା ବିଳମ୍ବ ପଛରେ ଏହା ପ୍ରମୁଖ କାରଣ ବୋଲି ମନେ କରାଯାଉଛି।

ଅନ୍ୟପଟେ ଶନିବାର ଦିଲ୍ଲୀରେ ରାଜ୍ୟ କଂଗ୍ରେସର ଟିକଟକୁ ନେଇ ଦ୍ୱିତୀୟ ପର୍ଯ୍ୟାୟ ସ୍କ୍ରିନିଂ କମିଟି ବୈଠକ ବସିବ ବୋଲି ସୂଚନା ମିଳିଛି। ବୈଠକରେ କଂଗ୍ରେସ ଟିକେଟ ଆଶାୟୀଙ୍କ ଆବେଦନ ଉପରେ ପୁଣିଥରେ ଆଲୋଚନା ହେବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି।

DSPL-812
'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼'
ଛାତ୍ରଛାତ୍ରୀଙ୍କୁ ମିଳିବ ବସ୍, ଟ୍ରେନ ଓ ଫ୍ଲାଇଟ ଯାତ୍ରାରେ ରିହାତି
ସୁଗମ ଯାତାୟାତ
ଦକ୍ଷତା ବିକାଶ
ଡିଜିଟାଲ୍ ସଂଯୋଗୀକରଣ
ବିଶେଷ ସୁବିଧା ସୁଯୋଗ
ଆପଣଙ୍କ 'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼' ପାଇଁ ପଞ୍ଜୀକରଣ କରନ୍ତୁ
www.magi

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-254 ◆BHUBANESWAR ◆SATURDAY ◆9 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୪ ◆ଭୁବନେଶ୍ୱର ◆ଶନିବାର ◆୯ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

ପଞ୍ଚମ ବିବାହ କରିବେ ୯୨ ବର୍ଷୀୟ ରୁପର୍ଟ ମୁର୍ଦୋକ

କାର୍ଲିଫର୍ଣ୍ଣିଆ, ୮।୩(ଏଜେନ୍ସି): ଫକ୍ସ ଓ ନ୍ୟୁଜ୍ କର୍ପୋରେସନର ପୂର୍ବତନ ଅଧ୍ୟକ୍ଷ. ତଥା ୯୨ବର୍ଷ ବୟସ୍କ ମିଡିଆ ମୋଗଲ ରୁପର୍ଟ ମୁର୍ଦୋକା ପୁଣି ଥରେ ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ତାଙ୍କ ବାନ୍ଧବୀ ୬୭ବର୍ଷୀୟା ଅବସରପ୍ରାପ୍ତ ମଲିକ୍ୟୁଲାର ବାୟୋଲୋଜିଷ୍ଟ ଐଲେନା ଝୁକୋଭାଙ୍କୁ ଖୁବ୍ ନିକଟରେ ବିବାହ କରିବେ। ଏହି ବିବାହ କାର୍ଲିଖର୍ଣ୍ଣିଆର ଥିବା ମୁର୍ଦୋକାଙ୍କ ଅଙ୍ଗୁର ବଗିଚା ଓ ଇଷ୍ଟେଟ ମୋରାଗାରେ ଅନୁଷ୍ଠିତ ହେବ। ମୁର୍ଦୋକାଙ୍କର ଏହା ପଞ୍ଚମ ବିବାହ ହେବ। ମୁର୍ଦୋକା ହେଉଛନ୍ତି ବିଶ୍ୱ ସ୍ତରରେ ମିଡିଆ ଜଗତର ଏକ ପ୍ରସିଦ୍ଧ ନାମ ଓ ବ୍ୟକ୍ତିତ୍ୱ। ୧୯୫୦ରେ ଅଷ୍ଟ୍ରେଲିଆରେ କ୍ୟାରିୟର ଆରମ୍ଭ କରିଥିବା ମୁର୍ଦୋକା ୧୯୬୯ରେ ନ୍ୟୁଜ୍ ଅଫ୍ ଦି ୱାର୍ଲଡ ଓ ଇଂଲଣ୍ଡର ସନ୍ ଖବରକାଗଜ କିଣିଥିଲେ। ଏହା ପରେ ସେ ନ୍ୟୁୟର୍କ ପୋଷ୍ଟ, ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ସମେତ ଆମେରିକାର ଅନେକ ଖବରକାଗଜ ଓ ପତ୍ରିକାର ମାଲିକାନା କିଣିଥିଲେ।

'ଇଣ୍ଡି' ମେଣ୍ଟ ଛିଡୁଛି; ଏନଡିଏ ବଢୁଛି

■ ଜମ୍ମୁ କାଶ୍ମୀର, କେରଳରେ ଇଣ୍ଡି ମେଣ୍ଟକୁ ଧକ୍କା
■ ଏନଡିଏରେ ସାମିଲ ହେବେ ଟିଡିପି, ଲୋକସେନା

ନୂଆଦିଲ୍ଲୀ,୮।୩(ଏଜେନ୍ସି): ୨୦୨୪ ନିର୍ବାଚନ ଯେତିକି ପାଖେଇ ଆସୁଛି ବିରୋଧୀ ଇଣ୍ଡିଆ ମେଣ୍ଟ ପାଇଁ ସମସ୍ୟା ସେତିକି ବଢିବାରେ ଲାଗିଛି। ବିଶେଷକରି ଆସନ ବଣ୍ଟନ ବୁଝାମଣା ସମସ୍ୟାକୁ ନେଇ ଏହି ମେଣ୍ଟରେ ସାମିଲ ହୋଇଥିବା ବହୁ ଦଳ ଏବେ ମୁହଁ ଫେରାଇବାରେ ଲାଗିଛନ୍ତି। ପୂର୍ବରୁ ଟିଏମସି, ସମାଜବାଦୀ ପାର୍ଟି ,ଆପ୍ ଆଦିକୁ ନେଇ ଇଣ୍ଡିଆ ମେଣ୍ଟରେ ସମସ୍ୟା ବଢିଥିଲା ବେଳେ ଏବେ ଜମ୍ମୁ କାଶ୍ମୀର ଏବଂ କେରଳରେ ମଧ୍ୟ ସ୍ଥିତି ଜଟିଳ ହୋଇପଡ଼ିଛି। ଜମ୍ମୁ କାଶ୍ମୀରରେ ଫାରୁକ୍ ଶେଖଙ୍କ ଏନସି ଏବଂ ମେହବୁବା ମୁଫତିଙ୍କ ପିଡିପି ଦଳ ମଧ୍ୟରେ ଆସନ ବୁଝାମଣାକୁ ନେଇ ବିବାଦ ଉପୁଜିବା ପରେ ଏହାର ପ୍ରଭାବ ଇଣ୍ଡିଆ ମେଣ୍ଟ ଉପରେ ପଡ଼ିଛି। ଏହିକ୍ରମରେ ଇଣ୍ଡିଆ ମେଣ୍ଟରୁ ଅଲଗା ହେବାକୁ ମେହବୁବା ମୁଫତି ନିଷ୍ପତ୍ତି ନେଇଥିବା ଘୋଷଣା କରିଛନ୍ତି। ସେହିପରି କଂଗ୍ରେସର ବହୁ ପ୍ରମୁଖ ନେତା ଜଣକ ପରେ ଜଣେ ବିଜେପିରେ ସାମିଲ ହେଉଥିବାରୁ କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ କଂଗ୍ରେସ ଉପରେ ବର୍ଷିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୧ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜେପିରେ ସାମିଲ ହୋଇସାରିଛନ୍ତି। ତେଣୁ ଏଭଳି ଦଳକୁ ନେଇ କେରଳରେ କିଭଳି ମେଣ୍ଟ କରାଯିବ ବୋଲି ବିଜୟନ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ପୂର୍ବରୁ ଏନଡିଏ ପଲା ଭାରୀ ହେବାରେ ଲାଗିଛି। ଏନଡିଏ ସହ ପୂର୍ବରୁ ବହୁ ଦଳ ସାମିଲ ହୋଇସାରିଥିଲା ବେଳେ ଏବେ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ଏବଂ ଜନସେନା ମେଣ୍ଟ ଏନଡିଏରେ ସାମିଲ ହେବା ନିଶ୍ଚିତ ହୋଇଯାଇଥିବା କୁହାଯାଇଛି।

୩୭୦ ଧାରା ଉଚ୍ଛେଦକୁ ସମାଲୋଚନା ଅଧିକାର ସମସ୍ତଙ୍କ ରହିଛି : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୮।୩(ଏଜେନ୍ସି): ସମ୍ବିଧାନର ଧାରା ୧୯(୧)(ଏ) ଅନୁଯାୟୀ ଆଇନ ନ ଭାଙ୍ଗି ଶାନ୍ତିପୂର୍ଣ୍ଣ ଭାବେ ଅସହମତ ହେବା କିମ୍ବା ସମାଲୋଚନା କରିବାର ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଛି। ସମ୍ବିଧାନର ଧାରା ୨୧ରେ ନାଗରିକଙ୍କୁ ଏକ ସମ୍ମାନଜନକ ତଥା ଅର୍ଥପୂର୍ଣ୍ଣ ଜୀବନ ଜାପନର ଅଧିକାର ଦିଆଯାଇଛି। ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ନିଷ୍ପତ୍ତିକୁ ସମାଲୋଚନା କରିବା ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଛି ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଅଭୟ ଏସ ଓକା ଓ ବିଚାରପତି ଉଜ୍ଜ୍ୱଳ ଭୁୟାଁଙ୍କ ଖଣ୍ଡପୀଠ ରୁଲିଂ ଦେଇଛନ୍ତି। ଏପରି ରୁଲିଂ ସହ ଖଣ୍ଡପୀଠ ମହାରାଷ୍ଟ୍ରର କୋହ୍ଲାପୁର କଲେଜର ପ୍ରଫେସର ଜାଭେଦ ଅହମଦ ହାଜାମଙ୍କୁ ଦୋଷମୁକ୍ତ କରିଛନ୍ତି। ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ହେବା ଓ ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ପ୍ରତ୍ୟାହୃତ ହେବାରୁ ପ୍ରଫେସର ଜାଭେଦ ଅହମ୍ମଦ ହାଜାମ ଏକ ଟ୍ୱାଟସଆପ୍ ଷ୍ଟାଟସରେ ଅଗଷ୍ଟ ୫ କଶ୍ମୀର ପାଇଁ କଳା ଦିବସ ଓ ଅଗଷ୍ଟ ୧୪ ପାକିସ୍ତାନର ସ୍ୱାଧୀନତା ଦିବସରେ ପାକିସ୍ତାନୀଙ୍କୁ ଶୁଭେଚ୍ଛା ବାର୍ତ୍ତା ପୋଷ୍ଟ କରିଥିଲେ। ସେଥିପାଇଁ ପୁଲିସ୍ ତାଙ୍କ ବିରୋଧରେ ଆଇପିସିର ଧାରା ୧୫୩(ଏ) ରେ ମାମଲା ରୁଜୁ କରିଥିଲା। କିନ୍ତୁ ସମାଲୋଚନା ଓ ପ୍ରତିବାଦ ପାଇଁ ଯଦି ଧାରା ୧୫୩(ଏ) ଲାଗୁ କରାଯାଏ ତେବେ ଦେଶରେ ଗଣତନ୍ତ୍ର ହିଁ ରହିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ମହାଶିବରାତ୍ରୀରେ ଅଘଟଣ ;ବିଦ୍ୟୁତ ସ୍ପର୍ଶରେ ୧୪ ପିଲା ଗୁରୁତର

ଜୟପୁର,୮।୩(ଏଜେନ୍ସି): ରାଜସ୍ଥାନରେ ପବିତ୍ର ମହାଶିବରାତ୍ରୀରେ ଉତ୍ସବ ପାଳନ ବେଳେ ଦୁର୍ଘଟଣା ଯୋଗୁ ୧୪ ପିଲା ଗୁରୁତର ଆହତ ହୋଇଛନ୍ତି। ଶିବଙ୍କ ବରଯାତ୍ରୀ ଦଳ ଯାଉଥିବା ସମୟରେ ବିଦ୍ୟୁତ ଲାଗି ଯିବାରୁ ଏହି ୧୪ ପିଲା ପୋଡି ହୋଇ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଶରୀର ଶତପ୍ରତିଶତ ପୋଡି ଯାଇଥିଲା ବେଳେ ଆଉ ଜଣେ ପିଲା ଶରୀର ୫୦ ପ୍ରତିଶତ ପୋଡି ଯାଇଛି। ଏହି ଦୁଇଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଥିବା ଡାକ୍ତରମାନେ କହିଛନ୍ତି। ସମସ୍ତ ଆହତ ବୟସ ୧୦ ରୁ ୧୬ ମଧ୍ୟରେ ହୋଇଥିବା ବେଳେ ସେମାନଙ୍କୁ ନିକଟସ୍ଥ ଏମବିଏସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଭଳି ଏକ ଦୁଃଖଦ ଘଟଣା କୋଟାର କୁନହାରି ଥର୍ମାଲ ଛକ ନିକଟରେ ଘଟିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, କୋଟାର କୁନହାରି ଥାନା ଷ୍ଟେସନ ପରିସରରେ ମହାଶିବରାତ୍ରୀ ଅବସରରେ ଶୁକ୍ରବାର ଶିବଙ୍କ ବରଯାତ୍ରୀ ଦଳରେ ଲୋକମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଏହି ସମୟରେ ଲୋକମାନେ ବଡ ବଡ ବାଉଁଶରେ ଧାର୍ମିକ ପତାକା ଲଗାଇ ଯାଉଥିଲେ । ବରଯାତ୍ରୀ ଦଳରେ କିଛି ପିଲା ଯାଉଥିଲା ବେଳେ ସେମାନଙ୍କ ମଧ୍ୟରୁ ଜଣେ ପିଲା ଏକ ଲୁହାଛଡ଼ି ଧରି ଯାଉଥିଲା। ହେଲେ ଏହି ଲୁହା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାରରେ ଲାଗିଯାଇଥିଲା। ଫଳରେ ୧୪ ପିଲା ଗୁରୁତର ଆହତ ହୋଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାଜ୍ୟ ଶକ୍ତିମନ୍ତ୍ରୀ ହିରାଲାଲ ନାଗର ଆହତ ଲୋକମାନଙ୍କୁ ଭେଟିବା ପାଇଁ ଏମବିଏସ ହସ୍ପିଟାଲରେ ପହଞ୍ଚି ଚିକିତ୍ସା ନିମନ୍ତେ ସମସ୍ତ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ରାଜ୍ୟସଭାକୁ ମନୋନୀତ ହେଲେ ସୁଧା ମୂର୍ତ୍ତି

ନୂଆଦିଲ୍ଲୀ, ୮।୩(ଏଜେନ୍ସି): ଇନଫୋସିସ୍ ଅଧ୍ୟକ୍ଷ ନାରାୟଣ ମୂର୍ତ୍ତିଙ୍କ ପତ୍ନୀ ସୁଧା ମୂର୍ତ୍ତିଙ୍କୁ ରାଜ୍ୟସଭାକୁ ମନୋନୀତ କରାଯାଇଛି। ଏହି ଅବସରରେ ସୁଧାଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜେ ସୁଧା ମୂର୍ତ୍ତୀଙ୍କୁ ରାଜ୍ୟସଭା ପାଇଁ ମନୋନୀତ କରିଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ। ସାମାଜିକ କଲ୍ୟାଣଦିଗରେ ତାଙ୍କର କାର୍ଯ୍ୟ ଏବଂ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ସୁଧା ମୂର୍ତ୍ତିଙ୍କର ଅବଦାନ ଅତୁଳନୀୟ ଏବଂ ପ୍ରେରଣାଦାୟକ ।ରାଜ୍ୟସଭାରେ ତାଙ୍କର ଉପସ୍ଥିତି ମହିଳା ଶକ୍ତିକୁ ଆହୁରି ପ୍ରଶସ୍ତ କରିବ ବୋଲି ମୋଦୀ କହିଛନ୍ତି। ସେ ସୁଧାଙ୍କ ସଂସଦୀୟ କାର୍ଯ୍ୟକାଳର ସଫଳ କାମନା କରିଛନ୍ତି।

ନମାଜପାଠବେଳେ ଗୋଇଠା ମାରି ଏସ୍ଆଇ ନିଲମ୍ବିତ

ନୂଆଦିଲ୍ଲୀ,୮।୩(ଏଜେନ୍ସି): ଦିଲ୍ଲୀରେ ରାସ୍ତାରେ ନମାଜ ପାଠ କରୁଥିବା ମୁସଲମାନ ଲୋକଙ୍କୁ ଗୋଇଠା ମାରି ଜଣେ ପୁଲିସ ବାବୁ ନିଲମ୍ବିତ ହୋଇଛନ୍ତି। ନମାଜ ବେଳେ ମୁସଲମାନମାନେ ସଜଦା କରୁଥିବା ବେଳେ ପୁଲିସ ବାବୁ ଜଣଙ୍କ ସେମାନଙ୍କୁ ପଛ ପଟୁ ଗୋଇଠା ମାରୁଥିବା ବେଳର ଭିଡିଓ ସାମ୍ନାକୁ ଆସିଛି ।ଭିଡିଓ ସାମ୍ନାକୁ ଆସିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ,ଶୁକ୍ରବାର ଜୁମ୍ମା ଥିବାରୁ ଦିଲ୍ଲୀର ଇନ୍ଦ୍ରଲୋକ ଅଞ୍ଚଳରେ ଏକ ମସଜିଦ ନିକଟରେ ନମାଜ ପାଠ ପାଇଁ ବହୁ ମୁସଲମାନ ଲୋକ ଏକାଠି ହୋଇଥିଲେ। ମସଜିଦ ଭିତରେ ପ୍ରବଳ ଭିଡ଼ ଥିବାରୁ କିଛି ଲୋକ ରାସ୍ତା ଉପରେ ସଦଜା କରିବା ଆରମ୍ଭ କରିଥିଲେ।ସେମାନେ ପ୍ରାର୍ଥନା କରୁଥିବା ବେଳେ ଦିଲ୍ଲୀ ପୁଲିସର କିଛି ଅଧିକାରୀ ସେଠାରେ ପହଞ୍ଚି ଭିଡ଼ ନିୟନ୍ତ୍ରଣ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଏହି ସମୟରେ ଜଣେ ପୁଲିସ୍ ବାବୁ ନମାଜ ପଢୁଥିବା ଲୋକଙ୍କୁ ପଛରୁ ଗୋଇଠା ଓ ହାତରେ ଚାପୁଡ଼ା ମାରିବା ଆରମ୍ଭ କରି ଦେଇଥିଲେ। ଏହି ଘଟଣା ପରେ ମୁସଲମାନମାନେ ସ୍ଥାନୀୟ ଥାନା ଘେରାଉ କରିଥିଲେ। ପରେ ପରେ ପୁଲିସ ଡେପୁଟି କମିଶନର ପୁଲିସ୍(ଉତ୍ତର) ଏମକେ ମୀନା ସଂପୃକ୍ତ ଅଧିକାରୀଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି।

ଅମ୍ରିତପାଲ ସିଂକୁ ସହାୟତା କରିବା ଅଭିଯୋଗରେ ଜେଲ୍ ଅଧୀକ୍ଷକ ଗିରଫ

ଗୌହାଟୀ,୮।୩(ଏଜେନ୍ସି): ଆସାମର ଦିବ୍ରୁଗଡ କେନ୍ଦ୍ରୀୟ ଜେଲର ବନ୍ଦୀ ଥିବା ଖଲିସ୍ତାନୀ ସମର୍ଥକ ତଥା ୱାରିସ୍ ପଞ୍ଜାବ ଦେ ' ସଂଗଠନ ମୁଖିଆ ଅମ୍ରିତପାଲ ସିଂକୁ ସହାୟତା କରିବା ଅଭିଯୋଗରେ ଏହି ଜେଲର ଅଧୀକ୍ଷକ ନୃପେନ ଦାସଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଜେଲର ଜଣକ ଅମୃତପାଲ ଏବଂ ତାଙ୍କ ସହଯୋଗୀମାନଙ୍କୁ ସହାୟତା କରୁଥିଲେ ବୋଲି ଅଭିଯୋଗ ହୋଇଛି। କିଛି ଦିନ ପୂର୍ବେ ଏହି କଏଦୀମାନଙ୍କ ପାଖରୁ ସ୍ମାର୍ଟଫୋନ୍, ସ୍ମାଇକାମ ,ବ୍ଲୁଟୁଥ୍ ସ୍ପିକର ସମେତ ଅନ୍ୟ ବହୁ ଇଲେକ୍ଟ୍ରୋନିକ୍ ଉପକରଣ ଜବତ କରାଯାଇଥିଲା। ସେମାନଙ୍କ ନିକଟରେ ଏହିସବୁ ଉପକରଣ ପହଞ୍ଚିବା କ୍ଷେତ୍ରରେ ଜେଲର ନୃପେନଙ୍କ ଭୂମିକା ରହିଥିଲା ଏବଂ ସେ ଆବଶ୍ୟକ ଅନୁସାରେ ତାଙ୍କ କର୍ତ୍ତବ୍ୟ ତୁଲାଇ ନଥିବା କୁହାଯାଇଛି। ନୃପେନ ଗିରଫ ହେବା ପରେ ଏବେ ତାଙ୍କୁ ଦିବ୍ରୁଗଡ ସଦର ପୁଲିସ ଷ୍ଟେସନରେ ରଖାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ ଆସାମର ଦିବ୍ରୁଗଡ ସେଣ୍ଟ୍ରାଲ ଜେଲରୁ ଅନେକ ବୈଦ୍ୟୁତିକ ଉପକରଣ ଉଦ୍ଧାର କରାଯାଇଥିଲା, ଯେଉଁଠାରେ ଜାତୀୟ ସୁରକ୍ଷା ଆଇନ (ଏନଏସଏ)ରେ ଗିରଫ ହୋଇଥିବା ବନ୍ଦୀମାନଙ୍କୁ ରଖାଯାଇଥିଲା। ଅନ୍ୟ ସେଲ ତୁଳନାରେ ଏନଏସଏ ସେଲଗୁଡିକରେ ଅତ୍ୟନ୍ତ ସତର୍କତା ସହ ନଜର ରଖାଯାଇଥିଲା ବେଳେ ଏହିସବୁ ଉପକରଣ ସେଠାରେ କିଭଳି ପହଞ୍ଚିପାରିଲା ତାହାକୁ ନେଇ ପ୍ରଶ୍ନ ଉଠିଥିଲା।

୮/୩/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୨,୩୭,୭୨୪/- ସୁନା: ୫୨.୨୦୦ ଗ୍ରାମ୍ ରୁପା: ୬୨.୦୦୦ ଗ୍ରାମ୍

ସିଟି ଶ୍ରୀକ୍ଷେତ୍ର

ଶ୍ରୀଲୋକନାଥ ପୀଠ

ଉଜାଗର ରହି ଜାଗର ଜାଳିଲେ

ରାତିର ଶେଷ ପ୍ରହରରେ ଉଠିଲା ମହାଦୀପ

ପୁରୀ, ୮।୩(ସମିସ)

ପବିତ୍ର ମହାଶିବରାତ୍ରି ଅବସରରେ ପୁରୀର ବିଭିନ୍ନ ଶୈବପୀଠରେ ସୃଷ୍ଟି ହୋଇଥିଲା ଭିନ୍ନ ଏକ ଭକ୍ତିମୟ ପରିବେଶ। ଶିବ ପଞ୍ଚାକ୍ଷର ମନ୍ତ୍ରରେ ଗୁଞ୍ଜରିତ ହୋଇଥିଲା ପୀଠ ପରିସର। ଘଣ୍ଟଘଣ୍ଟି, ହୁଳହୁଳି ଓ ଜୟ ଭୋଲେନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶ୍ରୀକ୍ଷେତ୍ର। ସକାଳୁ ସହରର ବିଭିନ୍ନ ଶିବ ମନ୍ଦିର ସମ୍ମୁଖରେ ଲାଗିଥିଲା ଶ୍ରଦ୍ଧାଳୁଙ୍କ ଲମ୍ବାଧାଡି। ଦେବଦେବ ମହାଦେବଙ୍କୁ ପୂଜାର୍ଚ୍ଚନା ଏବଂ ଦର୍ଶନ ଲାଗି ସମସ୍ତେ ହୋଇଥିଲେ ମନ୍ଦିରମୁହାଁ। ସମସ୍ତଙ୍କ ତୁଣ୍ଡରେ ଥିଲା ଓଁ ନମଃ ଶିବାୟ..ଓଁ ନମଃ ଶିବାୟର ପବିତ୍ର ଧ୍ୱନି। ଦିନତମାମ୍ ଦର୍ଶନ ପାଇଁ ଭିଡ଼ ଲାଗି ରହିଥିଲା। ସଞ୍ଜ ନଇଁବା କ୍ଷଣି ପୁରୀ ସହରର ଗଳିକନ୍ଦି ଆହୁରି ଚଳଚଞ୍ଚଳ ହୋଇପଡ଼ିଥିଲା। ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ (ଶ୍ରୀଲୋକନାଥ, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀକପାଳମୋଚନ, ଶ୍ରୀମାର୍କଣ୍ଡେଶ୍ୱର ଓ ଶ୍ରୀଯମେଶ୍ୱର)ଙ୍କ ପୀଠରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ବାବା ବାଲିକପିଳେଶ୍ୱର, ଆଖଣ୍ଡଳମଣୀ, ଓଁକାରେଶ୍ୱର, ଶଙ୍କରେଶ୍ୱର, ଯୋଡାଲିଙ୍ଗ, ବେଲେଶ୍ୱର, କାଳନ୍ଦିଶ୍ୱର, ଉତ୍ତରେଶ୍ୱର, ଗରୁଡେଶ୍ୱର ପ୍ରଭୃତି ଶୈବପୀଠରେ ଜାଗର ଜାଳିବା ପାଇଁ ବ୍ରତଧାରୀଙ୍କ ଗହଳି ହୋଇଥିଲା। ରାତି ଉଜାଗର ରହି ଜାଗର ଜାଳିଥିଲେ ଶ୍ରଦ୍ଧାଳୁ। ଅଧିକାଂଶ ମନ୍ଦିରରେ ରାତି ସାଢେ ୧୨ଟା ମଧ୍ୟରେ ମହାଦୀପ ଉଠିଥିଲା। ତେବେ ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ରାତିର ଶେଷ ପ୍ରହରରେ ଉଠିଥିଲା ମହାଦୀପ। ଲକ୍ଷାଧିକ ଶ୍ରଦ୍ଧାଳୁ ଲୋକନାଥଙ୍କୁ ଦର୍ଶନ କରି ଦିବ୍ୟ ଅନୁଭୂତି ପାଇଛନ୍ତି।

ମହାଶିବରାତ୍ରି ପାଇଁ ଗୁରୁବାର ରାତି ପ୍ରାୟ ୧୨ଟାରେ ଶ୍ରୀଲୋକନାଥ ମନ୍ଦିର ଦ୍ୱାର ଫିଟିଥିଲା। ଏହାପରେ ମଙ୍ଗଳ ଆଳତି, ଅବକାଶ ପୂଜା ସରି ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ଦର୍ଶନ ବନ୍ଦ କରାଯାଇ ଗୋପାଳବଲ୍ଲଭ, ସକାଳ ଧୂପ ଓ ମଧ୍ୟାହ୍ନ ଧୂପ ଭୋଗ କରାଯାଇଥିଲା। ଏହାପରେ ପୁଣି ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଦିନତମାମ୍ ବ୍ୟାରିକେଡ୍‌ରେ ଯାଇ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀଲୋକନାଥଙ୍କୁ ଦର୍ଶନ କରିଥିଲେ।

ମହା ଶିବରାତ୍ରିରେ ଲୋକନାଥଙ୍କୁ ଦର୍ଶନ କଲେ ରୋଗବ୍ୟାଧିରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ମାନସିକ ରଖିଥିବା ଭକ୍ତମାନେ ଲୋକନାଥଙ୍କ ନିକଟରେ ରୂପାରେ ରୂପ ଲାଗି କରିବା ସହିତ ଚୁଡାଘଷା ଭୋଗ କରିଥିଲେ। ଏଥିସହ କିଆ, କେତକୀ, ନାଗେଶ୍ୱର, ପଳାଶ ଆଦି ଫୁଲ ଲାଗି କରାଇଥିଲେ। ସନ୍ଧ୍ୟା ପରଠାରୁ ଦୀପ ଜାଳି ନିଷ୍ଠାର ସହ ଜାଗର ପାଳିଥିଲେ। ରାତି ପ୍ରାୟ ୧୨ଟାରେ ସର୍ବସାଧାରଣ ଦର୍ଶନ ବନ୍ଦି ରହି ଠାକୁରଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ପରଠାରୁ ଭକ୍ତିଭରା ଭଜନ ଶ୍ରଦ୍ଧାଳୁଙ୍କୁ ଭାବଭକ୍ତିରେ ଭିଜାଇ ଦେଇଥିଲା। ଅପରପକ୍ଷେ ଶ୍ରୀମନ୍ଦିରରେ ଠାକୁରଙ୍କ ଗୋପାଳ ବଲ୍ଲଭ ଭୋଗ ସରିବା ପରେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମାଙ୍କୁ ନୂଆପାଟ ଲୁଗା ପ୍ରଭୃତି ବସନଭୂଷଣ ଲାଗି କରାଯାଇଥିଲା। ଲୋକନାଥଙ୍କ ସେବକମାନେ ଆସି ବିମାନରେ ଠାକୁରଙ୍କୁ ବିଜେ କରାଇ ଶ୍ରୀଲୋକନାଥ ମନ୍ଦିର ଅଭିମୁଖେ ବାହାରିଥିଲେ। ଶ୍ରୀନଅର ସମେତ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ବିଳମ୍ବିତ ପ୍ରହରରେ ଶ୍ରୀଲୋକନାଥ ପୀଠରେ ପହଞ୍ଚିଥିଲେ। ଏହାପରେ ଠାକୁରଙ୍କ ନଟବର ମହାସ୍ନାନ ଏବଂ ନଟବର ଭୋଗ ବଢ଼ିଥିଲା। ପରେ ହରିହର ଭେଟ ହୋଇଥିଲା। ଏହି ନୀତି କେବଳ ମହାଶିବରାତ୍ରିରେ ଅନୁଷ୍ଠିତ ହୁଏ।

ଶ୍ରୀମନ୍ଦିରରେ ଥିବା ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ବଳଭଦ୍ରଙ୍କଠାରୁ ଆଜ୍ଞାମାଳ ନେଇ ହରିଙ୍କ ରୂପରେ ଆସି ଲୋକନାଥ (ହର)ସହିତ ଭେଟିଥାନ୍ତି। ତାହାକୁ ହରିହର ଭେଟ କୁହାଯାଇଥାଏ। ହରିହର ଭେଟ ପରେ ଘଣ୍ଟଛତା ଭୋଗ ଏବଂ ରହଣି ଭୋଗ ହୋଇଥିଲା। ଏହାପରେ ଯାତ୍ରାଙ୍ଗୀ ଭୋଗ, ଚତୁର୍ଦ୍ଦଶୀ ଭୋଗ ଏବଂ ବଡସିଂହାର ଭୋଗ ସମ୍ପନ୍ନ ହୋଇଥିଲା। ରାତିର ଶେଷ ପ୍ରହରରେ ଠାକୁରଙ୍କ ମହାଦୀପ ଉଠିଥିଲା।

ଶ୍ରୀଲୋକନାଥଙ୍କ ମସ୍ତକରେ କେତକୀ ଫୁଲ

ବର୍ଷକର ଏହି ଗୋଟିଏ ଦିନ ଅର୍ଥାତ୍ ମହାଶିବରାତ୍ରିରେ ଭଗବାନ ଶଙ୍କରଙ୍କ ମସ୍ତକରେ କେତକୀ ଫୁଲ ଚଢାଯାଇଥାଏ। ଏ ସମ୍ପର୍କରେ ଶ୍ରୀଲୋକନାଥ ମନ୍ଦିରର ପୂଜକ ସନ୍ତୋଷ ପଣ୍ଡା କହିଛନ୍ତି, ମହାଶିବରାତ୍ରି ଦିନ ଯିଏ ଯେଉଁ ମାନସିକ ରଖି ଦେବଦେବ ମହାଦେବଙ୍କ ମସ୍ତକରେ କେତକୀ ଫୁଲ ଚଢାଏ ତାଙ୍କର ମାନସିକ ପୂରଣ ହୋଇଥାଏ। ଏହି ବିଶ୍ୱାସକୁ ନେଇ ଅନେକ ଶ୍ରଦ୍ଧାଳୁ ଶ୍ରୀଲୋକନାଥଙ୍କ ଶିରରେ କେତକୀ ଫୁଲ ଚଢାଇଛନ୍ତି।

ସମାଜକୁ ବିକଶିତ କରିବାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ, ୮।୩(ସମିସ): ସମାଜକୁ ବିକଶିତ ଓ ପ୍ରଗତିଶୀଳ କରିବାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜି ମହିଳା ମାନେ ସଶକ୍ତ ଓ ସାହସୀ ହୋଇଛନ୍ତି। ରୋଷେଇଶାଳଠାରୁ ବିମାନ ଚାଳନା, ଶିକ୍ଷାଠାରୁ ସେନାବାହିନୀ ପର୍ଯ୍ୟନ୍ତ ସେମାନେ ପରିବ୍ୟାପ୍ତ ହୋଇଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ପବିତ୍ର ମହାଶିବରାତ୍ରି ଅବସରରେ ଶ୍ରୀଲୋକନାଥ ଜାଗରପଦାଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଡେପୁଟି କଲେକ୍ଟର ବିବେକାନନ୍ଦ ସାହୁ, ସମାଜସେବୀ ଶ୍ୟାମପ୍ରକାଶ ସେନାପତି, ଲାଲା ଅନନ୍ତ କୁମାର ସିଂହ, ଜୟନ୍ତୀ ମହାପାତ୍ର, ମଧୁମିତା ମହାପାତ୍ର ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ସ୍ଥିତି, ପରିସ୍ଥିତି ଓ ବର୍ତ୍ତମାନର ପ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। ଯୋର୍ସ ହୋପ୍ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସଂଯୋଜିକା ରିନାରାଣୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରଶ୍ମିତା ଦାସମହାପାତ୍ର, ପ୍ରିୟଙ୍କା ମହାପାତ୍ର, ଚନ୍ଦନା ମହାପାତ୍ର, ପୂର୍ଣ୍ଣ କାମନା ହୋତା, ସଂଯୁକ୍ତା ଆପଟ, ତନୁଜା ମହାନ୍ତି, ପି. ଭାନୁ ରାଓ, କମଳିନୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବାବା ଜଳ ମାର୍କଣ୍ଡେଶ୍ୱର ମନ୍ଦିରରେ ମହାଶିବରାତ୍ରି

ପୁରୀ, ୮।୩(ସମିସ): ମହାଶିବରାତ୍ରି ଅବସରରେ ଅଠରନଳାସ୍ଥିତ ବାବା ଜଳ ମାର୍କଣ୍ଡେଶ୍ୱର ମନ୍ଦିରରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଛି। ସକାଳୁ ବିଳମ୍ବିତ ରାତି ଯାଏ ଶ୍ରଦ୍ଧାଳୁମାନେ ଜଳ ମାର୍କଣ୍ଡେଶ୍ୱରଙ୍କ ଦର୍ଶନ କରିଥିଲେ। ବହୁ ଭକ୍ତ ଜାଗର ଜାଳିଥିଲେ। ବିଳମ୍ବିତ ରାତିରେ ମନ୍ଦିର ଶିଖରକୁ ପୂଜକ ଲକ୍ଷ୍ମୀଧର ଦାଶ ଓ ମାନସ ରଞ୍ଜନ ଦାଶ ମହାଦୀପ ଉଠାଇଥିଲେ। ମନ୍ଦିର ପ୍ରତିଷ୍ଠାତା ସୁଦର୍ଶନ ବାରିକଙ୍କ ତତ୍ତ୍ୱାବଧାରେ ସ୍ଥାନୀୟ ୱାର୍ଡମେମ୍ବର ଜଗନ୍ନାଥ ପରିଡ଼ା, ଟୁଟୁଆ ପରିଡ଼ା, ମନୋଜ ବାରିକ, ଜିତନ ଦାଶ, ବାସୁଦେବ ବାରିକଙ୍କ ସମେତ ଅନ୍ୟ ଯୁବକମାନେ ସହଯୋଗ କରିଥିଲେ। ଦୀର୍ଘବର୍ଷ ଧରି ବାବା ଜଳମାର୍କଣ୍ଡେଶ୍ୱରଙ୍କ ମନ୍ଦିରରେ ମହାଆଡମ୍ବରରେ ଜାଗର ପାଳିତ ହୋଇଆସୁଛି। ଆଗାମୀ ଦିନରେ ଏହାକୁ ଅଧିକ ଉତ୍ସବମୁଖର କରାଯିବ ବୋଲି ମନ୍ଦିର ପକ୍ଷରୁ କୁହାଯାଇଛି।

ଜାଗର ଅହୋରାତ୍ର ସାଂସ୍କୃତିକ ସମାରୋହ

ପୁରୀ, ୮।୩(ସମିସ): ପବିତ୍ର ମହାଶିବରାତ୍ରି ଅବସରରେଶ୍ରୀ ଶ୍ରୀଲୋକନାଥ ମନ୍ଦିର ପ୍ରାଙ୍ଗଣ ଲୋକାରଣ୍ୟ ହୋଇ ଉଠିଥିଲା।ପ୍ରାତଃ କାଳରୁ ଶ୍ରଦ୍ଧାଳୁ ଓ ଭକ୍ତ ମାନେ ଧାଡ଼ିରେ ରହି ଶ୍ରୀ ଲୋକନାଥଙ୍କ ଦର୍ଶନ କରିଥିଲେ।ରାତ୍ରିସାରା ଭକ୍ତମାନେ ମନ୍ଦିର ଚତୁର୍ପାର୍ଶ୍ୱରେ ଉଜାଗର ରହି ଦୀପ ଜାଳି ଥିଲେ। ମନ୍ଦିର ନିକଟସ୍ଥ ଜାଗରପଦା ଠାରେ ଶ୍ରୀଲୋକନାଥ ଦେବ ସାଂସ୍କୃତିକ ସଂସଦ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଜାଗର ଅହୋରାତ୍ର ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଥିଲା।ଏହାକୁ ଉପଜିଲ୍ଲାପାଳ ଗୋପୀନାଥ କୁଅଁର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ବିବେକାନନ୍ଦ ସାହୁ, ସହଦେବ ସାହୁ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଆଇନଜୀବୀ କୈଳାସ ପରିଡ଼ା, ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ଶ୍ରୀ ଲୋକନାଥ ଦେବ ସାଂସ୍କୃତିକ ସଂସଦର ସଭାପତି ରବି ନାରାୟଣ ପଣ୍ଡା ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ଉପସଭାପତି ରାଜେଶ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପରେ ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଗୀତିନାଟ୍ୟ ଓ ଭଜନ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ସ୍ୱେଚ୍ଛାସେବୀଙ୍କ ଜଳସେବା

ପୁରୀ, ୮।୩(ସମିସ): ପୁରୀର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ମନ୍ଦିରରେ ଜାଗର ଯାତ୍ରା ବେଶ୍ ଆଧ୍ୟାତ୍ମିକ ପରିବେଶରେ ସମ୍ପନ୍ନ ହୋଇଛି। ଏହି ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ସେଣ୍ଟଜୋନ ଆମ୍ବୁଲାନ୍ସ ବ୍ରିଗେଡ଼ମାନଙ୍କ ପକ୍ଷରୁ ପ୍ରାଥମିକ ଚିକିତ୍ସା ସେବା ସହ ଜଳବଣ୍ଟନ କରାଯାଇଥିଲା। ସେଣ୍ଟଜୋନ ଆମ୍ବୁଲାନ୍ସ ଭାରତ ସେବାଶ୍ରମ ସଂଘ ସହଯୋଗରେ ସ୍ୱେଚ୍ଛାସେବୀମାନେ ଲେମ୍ବୁ ଓ ନାଣ୍ଡିବଗୁଲି ସରବତ ବଣ୍ଟନ କରିଥିଲେ। ସ୍ୱେଚ୍ଛାସେବୀଙ୍କୁ ସୂଚନା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉତ୍ସାହିତ କରିଥିବା ବେଳେ ଭାରତ ସେବାଶ୍ରମ ଓ ସୂଚନା ଲୋକସମ୍ପର୍କ କର୍ମଚାରୀ ମଧ୍ୟ ସହଯୋଗର ହାତ ବଢ଼ାଇଥିଲେ। ଏହି ବଣ୍ଟନରେ ସେଣ୍ଟଜୋନ ଆମ୍ବୁଲାନ୍ସର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର, ଜଗନ୍ନାଥ ଧାମ ଆମ୍ବୁଲାନ୍ସ ଡିଭିଜନର କମାଣ୍ଡର ଲାଲା ଅନନ୍ତ ସିଂ, ଡେପୁଟି କମାଣ୍ଡର ନିରଞ୍ଜନ ମହାପାତ୍ର, ଗାୟତ୍ରୀ ଦାସ, ଜୟନ୍ତୀ ମହାପାତ୍ର, ମଧୁସ୍ମିତା ମହାପାତ୍ର, ରଶ୍ମିତା ଦାସମହାପାତ୍ର, ରୀନାମଣି ନାୟକ, ତନୁଜା ମହାନ୍ତି, ରମେଶ ନାୟକ, ଅଜୟ କୁମାର ପ୍ରଧାନ, ମୋନାଲିସା ସେନାପତି ଏହି ଜଳବଣ୍ଟନ କାର୍ଯ୍ୟରେ ସହଯୋଗ ଯୋଗାଇଥିଲେ। ଭାରତ ସେବାଶ୍ରମ ସଂଘର ସ୍ୱାମୀ ସୁକୁମାର ମହାରାଜ, ସନ୍ତୋଷ କୁମାର ଦାଶ, ସୁରେଶ ମହାରଣା ପ୍ରାଥମିକ ଚିକିତ୍ସା ଓ ଜଳବଣ୍ଟନ କାର୍ଯ୍ୟ କରିଥିଲେ।

ପିଏଚ୍.ଡି ଲାଭ

ଗବେଷକ ରାଜକୁମାର ବଘେଲ, ମେଟ୍ସ ବିଶ୍ୱବିଦ୍ୟାଳୟ ରାୟପୁରରୁ ଇଂରାଜୀରେ ପି.ଏଚ.ଡି ଉପାଧି ପାଇବା ପାଇଁ ବିବେଚିତ ହୋଇଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Pantheism, Mythology and its Relationship with humanity with special reference to Naveen Patnaik's works. ଡକ୍ଟର ରାଜକୁମାର ମେଟ୍ସ (MATs)ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ଚଂଜନା ଦାସ ସରଖେଲଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭଟି, ଆମିଟି ବିଶ୍ୱବିଦ୍ୟାଳୟ ରାୟପୁର Asst. Professor Sukarna Karkun ଏବଂ ଓଡ଼ିଶା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ଡକ୍ଟର ସନ୍ଧ୍ୟାରାଣୀ ସାହୁଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ଡଃ. ରାଜକୁମାର ସାନସରାଇପାଲି ଗ୍ରାମର ସ୍ୱର୍ଗତ କୁବେର ବଘେଲ ଏବଂ ମାୟାବତୀ ବଘେଲଙ୍କ ଚତୁର୍ଥ ପୁତ୍ର ଅଟନ୍ତି। ସେ ବର୍ତ୍ତମାନ ଅମ୍ବାଭୋନା ବ୍ଲକ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡଧରା ଠାରେ ପ୍ରଧାନଶିକ୍ଷକ ରୂପେ କାର୍ଯ୍ୟରତ। ଏହି ସଫଳତା ପାଇଁ ସେ ତାଙ୍କ ସ୍ତ୍ରୀ ତଥା ପରିବାରର ସମସ୍ତ ସଦସ୍ୟ, ବନ୍ଧୁବାନ୍ଧବ, ଶୁଭେଚ୍ଛୁ, ବିଧାୟକ ଭଟଲି ତଥା ସର୍ବୋପରି ପରମାତ୍ମାଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଟେବୁଲ୍ ଟେନିସ୍ ମାଷ୍ଟର୍ସ ପ୍ରତିଯୋଗିତା: ଭାଗନେବେ ପୁରୀର ୪ ଖେଳାଳି

ପୁରୀ, ୮।୩(ସମିସ): ଭୁବନେଶ୍ୱର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟ ଟେବୁଲ୍ ଟେନିସ ପ୍ରତିଯୋଗିତାରେ ଓଡ଼ିଶାର ବିଶିଷ୍ଟ ଟେବୁଲ୍ ଟେନିସ ଖେଳାଳି ଡକ୍ଟର ବିମଳ ପ୍ରସାଦ ମହାନ୍ତି ବରିଷ୍ଠ ବିଭାଗ(୫୯ ବର୍ଷ ବୟସରୁ ଊର୍ଦ୍ଧ୍ୱ)ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରୀ ପାଇଁ ସୁନାମ ଆଣିଛନ୍ତି। ସେହିପରି ୫୯ ବର୍ଷରୁ ଊର୍ଦ୍ଧ୍ୱ ମହିଳା ବିଭାଗରେ ରଞ୍ଜିତା ପଟ୍ଟନାୟକ ଭଟ୍ଟାଚାର୍ଯ୍ୟ ଦ୍ୱିତୀୟ ଓ ଉତ୍କଳିକା ପତି ତୃତୀୟ ଏବଂ ୪୯ ବର୍ଷ ବୟସରୁ ଊର୍ଦ୍ଧ୍ୱ ପୁରୁଷ ବିଭାଗରେ ଡାକ୍ତର ଅରୋଜିତ୍ ଦ୍ୱିତୀୟ ହୋଇଛନ୍ତି।

ଆସନ୍ତା ମାସରେ ପୁରୀର ଏହି ୪ ଜଣ ଖେଳାଳୀ ହାଇଦ୍ରାବାଦରେ ହେବାକୁ ଥିବା ମାଷ୍ଟର୍ସ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ଯୋଗଦେବେ ବୋଲି ଆସୋସିଏଶନ ପକ୍ଷରୁ ବଦ୍ରି ମିଶ୍ର ଜଣାଇଛନ୍ତି। ଏହି ଅବସରରେ ଆସୋସିଏଶନର ଖେଳାଳୀମାନଙ୍କ ତରଫରୁ ବରିଷ୍ଠମାନଙ୍କୁ ଶୁଭେଚ୍ଛା ଦିଆଯାଇଛି।

ନାରୀ କବି ସମ୍ମିଳନୀ ଓ ପ୍ରେରଣା ସମ୍ମାନ ପ୍ରଦାନ

ପ୍ରେରଣାଦାୟୀ ମହିଳାଙ୍କୁ ସମ୍ବର୍ଦ୍ଧନା

ପୁରୀ, ୮।୩(ସମିସ)

ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ସ୍ୱେଚ୍ଛାସେବୀ ସଙ୍ଗଠନ 'ଦି ବେଲ୍'ର ଓମେନସ୍ କ୍ଲବ ଓ ଇନର ହୁଇଲ ଶ୍ରୀକ୍ଷେତ୍ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି କାର୍ଯ୍ୟକ୍ରମ 'ପ୍ରେରଣା'। ବଡଶଙ୍ଖସ୍ଥିତ ରାଣୀସତୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକା ପ୍ରମୋଦା ଦେବୀ ଓ ସମ୍ମାନିତ ଅତିଥି ଭାବେ ସୁ ସାହିତ୍ୟିକା ସୁଶ୍ରୀ ହରପ୍ରିୟା ସାହୁ ଯୋଗଦେଇଥିଲେ। ପ୍ରାରମ୍ଭରେ 'ଦି ବେଲ୍' ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଇନର ହୁଇଲ୍ ଶ୍ରୀକ୍ଷେତ୍ର ସମ୍ପାଦିକା ରାଜଲକ୍ଷ୍ମୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ପ୍ରଦ୍ୟୁତି ଦାସ ପରିଚାଳନା କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଅନ୍ୟମାନଙ୍କ ପ୍ରତି ଉଦାହରଣ ସୃଷ୍ଟି କରିଥିବା ମହିଳାମାନଙ୍କୁ ପ୍ରେରଣା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଟୋ ଚାଳନା କରି ନିଜର ପରିବାର ପ୍ରତିପୋଷଣ କରିବା ସହିତ ନିଜକୁ ସ୍ୱାବଲମ୍ବୀ କରିପାରିଥିବା ସୁମିତ୍ରା ସାହୁ, ସାମ୍ବାଦିକତା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିଥିବା ରାଜଶ୍ରୀ ସାହୁ ଓ କ୍ରୀଡାବିତ୍ ସୁନିତା ମିଶ୍ରଙ୍କୁ ପ୍ରେରଣା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଦ୍ୱିତୀୟାର୍ଦ୍ଧରେ ଜିଲ୍ଲାସ୍ତରୀୟ ନାରୀ କବି ସମ୍ମିଳନୀ ଆୟୋଜିତ ହେଇଥିଲା। କବିତା ଆସସରେ ପୁରୀ ଜିଲ୍ଲାରୁ ଆସିଥିବା ୫୦ରୁ ଊର୍ଦ୍ଧ୍ୱ ପ୍ରତିଷ୍ଠିତ ନାରୀ କବି ସ୍ୱରଚିତ କବିତା ପାଠ କରିଥିଲେ। କବିତା ଆସରକୁ ବିଶିଷ୍ଟ ସାହିତ୍ୟିକା ଡ. ମନସା ଶ୍ରୀଚନ୍ଦନ ଓ କବି ଶିକ୍ଷୟିତ୍ରୀ କଳ୍ପନା ମିଶ୍ର ପ୍ରଭୃତି ସଂଯୋଜନା କରିଥିଲେ। ପରିଶେଷରେ ଇନର ହୁଇଲ୍ କ୍ଲବର ସଭାପତି ସବିତା ଶ୍ରୀଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ 'ଦି ବେଲ

ଶିବ ପଞ୍ଚାକ୍ଷରରେ କମ୍ପିଲା ଶୈବପୀଠ

ସାକ୍ଷୀଗୋପାଳ, ୮।୩(ସମିସ): ମହାଶିବ ରାତ୍ରି ପାଇଁ ଶୈବପୀଠ ଗୁଡିକରେ ରୁଦ୍ରାଭିଷେକ, ଶିବ ପଞ୍ଚକ୍ଷର, ଶିବ ମହିମା ସ୍ତୋତ, ବିଶ୍ୱଶାନ୍ତି ମହାଯଜ୍ଞ, ଭଜନ କୀର୍ତ୍ତନରେ ଶୀବ ପୀଠ ଗୁଡିକ ଆଧ୍ୟାତ୍ମିକ ପରିବେଷ ସୃଷ୍ଟି ହୋଇଛି। ଏହି ଅବସରରେ ବିଭିନ୍ନ ଶୈବ ପୀଠ ଗୁଡିକ ସଫେଇ କରାଯିବା ସହ ଫୁଲ ଓ ରଙ୍ଗ ବେରଙ୍ଗ ଆଲୋକ ମାଳରେ ମନ୍ଦିରକୁ ସଜ୍ଜିତ କରାଯାଇଛି। ଶୈବପୀଠରେ ଚର୍ତୁପାର୍ଶ୍ୱରେ ରାତିସାରା ଉଜାଗର ରହି ଭକ୍ତମାନେ ଅଖଣ୍ଡ ଜାଗର ଜାଳି ଥିବା ଦେଖାଯାଇଥିଲା। ପ୍ରସିଦ୍ଧ ଶୈବପୀଠ ଯୋଡାଲିଙ୍ଗ ଓ ସତ୍ୟବାଦୀର ବରାଳ ବାଲୁଙ୍କେଶ୍ୱର ଦେବ, ସାଣ୍ଡରା ନୀଳକଣ୍ଠେଶ୍ୱର, ଷୋଳହଳ ଲୋକନାଥ, ବଳପୁର ବାଲୁଙ୍କେଶ୍ୱର, ସୁଆଣ୍ଡୋ ଲୋକେଶ୍ୱର, ବିଦ୍ୟାଧରପୁର ଶ୍ରୀକୁଣ୍ଡେଳେଶ୍ୱର, ପାରକେଣା ଗ୍ରାମର ବାଲିକପିଳେଶ୍ୱର, ସାକ୍ଷୀଗୋପାଳ ବଜାରର ରତ୍ନେଶ୍ୱର, ଖଜୁରେଶ୍ୱର, ବନ୍ତେଶ୍ୱର, କୋଶଳେଶ୍ୱର, ଇଷାଣେଶ୍ୱର, ମୁଅଁଖିଆ, ଲକ୍ଷେଶ୍ୱର, ବୀରରାମଚନ୍ଦ୍ରପୁର ଧବଳେଶ୍ୱର ଓ ଲକ୍ଷେଶ୍ୱର, ବାଲିସାହିର ଖରାଖିଆ ମହାଦେବ, ଅଳଗୁମର ଗତିଶ୍ୱର, ବଣିଆସାହିର ବାଲୁଙ୍କେଶ୍ୱର, ସେବକସାହିର ଅନନ୍ତେଶ୍ୱର, ଭୁତୁପଡ଼ା ବାଲୁଙ୍କେଶ୍ୱର, ଇନ୍ଦିପୁରର କୁମାରେଶ୍ୱର, ଓଲବେଦରପଡ଼ାର ଇନ୍ଦ୍ରେଶ୍ୱର, ପଟ୍ଟନାୟିକିଆ ର ମାଳ ବାଲୁଙ୍କେଶ୍ୱର ଆଦି ଦେବଙ୍କ ପୀଠ ଗୁଡିକରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଛି। ସତ୍ୟବାଦୀ ବ୍ଲକ ସ୍ଥିତ ପ୍ରସିଦ୍ଧ ଶୈବପୀଠ ବରାଳ ବାଲୁଙ୍କେଶ୍ୱରଙ୍କ ପୀଠରେ ରାତି ୧୦ଟା ୩୦ରେ ହରିହର ଭେଟ ହେବାପରେ ବଡସିଂହାର ପରେ ମନ୍ଦିରଚୁଡାକୁ ମହାଦୀପ ଉଠିଥିଲା। ବୀରରାମଚନ୍ଦ୍ରପୁର ଲକ୍ଷେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଜାଗରଯାତ୍ରା ଅବସରରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୩୦ ଜଣରୁ ଅଧିକ କବିକବୟିତ୍ରୀ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ମୁଅଁଖିଆ ମହାଦେବଙ୍କ ପୀଠରେ ଗୋପାଳପୁର ପାଟଣାସ୍ଥିତର ଯୁବକଙ୍କ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ସେବକସାହି ଅନନ୍ତେଶ୍ୱରଙ୍କ ଦେବଙ୍କ ପୀଠରେ ସାକ୍ଷୀଗୋପାଳଙ୍କ ସେବାୟତ ସଂଘ ଓ ଯୁବକଙ୍କ ସହଯୋଗରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

ଗମ୍ଭାରୀପଦା/କାକଟପୁର: ଫାଲଗୁନ୍ ମାସର ଆଜିର ଦିନଟି ପ୍ରାଚୀ ଅବବାହିକାରେ ବିଶେଷ ଗୁରୁତ୍ୱ ବହନ କରିଅଛି। ପୌରାଣିକ ପବିତ୍ର ପ୍ରାଚୀ ନଦୀ ଅବବାହିକାରେ ଅବସ୍ଥିତ ଅଷ୍ଟଶମ୍ଭୁ କ୍ଷେତ୍ରରେ ରାତି ସାରା ଉଜାଗର ରହି ଶିବ ଭକ୍ତମାନେ ପରିବାରର ମଙ୍ଗଳ କାମନା କରି ଦୀପ ଜାଳନ୍ତି। ପୁରୁଷ- ମହଳିମାନେ ଦିନଯାକ ଉପବାସ ରହି ଶୈବ ପୀଠ ଗୁଡିକରେ ଜାଗର ଜାଳିବା ସହିତ ମହାଦୀପ ଉଠିବା ପରେ ବ୍ରତ ସମାପନ କରିଥିଲେ। କେତେକ ଶୈବ ମନ୍ଦିରରେ ବିଶ୍ୱଶାନ୍ତି ପାଇଁ ଯଜ୍ଞର ଆୟୋଜନ ସହିତ ଦରିଦ୍ର ନାରାୟଣ ସେବା ଭକ୍ତଙ୍କ ଦ୍ୱାରା କରାଯାଉଥିବା ଦେଖିବାକୁ ମିଳୁଛି।

ନୟାହାଟ: ପୁରୀ ଜିଲ୍ଲା ନୟାହାଟ ଅଞ୍ଚଳରେ ବିଭିନ୍ନ ଶୈବ ପୀଠରେ ଜାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୟାହାଟ ଅଞ୍ଚଳର ଦେସ୍ତଳୀ, ବଉଲାଙ୍ଗ, ଜଙ୍ଗଲବରୀ, ସୋରଭା, ଇସାଣ ପୁର, ଧୁମାଳ ପଞ୍ଚାୟତ ସହିତ ବାହାରଣା, ତୁଳସୀପୁର ପଞ୍ଚାୟତରେ ଜାଗର ଯାତ୍ରା ହୋଇଯାଇଛି। ପଞ୍ଚାୟତରେ ଥିବା ରାମେଶ୍ୱର, ଆଖଣ୍ଡଳମଣି, ସନ୍ଦେଶ୍ୱର, ଐସାନେଶ୍ୱର, ଅମରେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ଜାଗର ଉତ୍ସବ ପାଳନ କରିଥିଲେ।ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନ ମଣ୍ଡଳୀର ଯୁବ ସମାଜସେବୀ ଜିତୁ ମହାନ୍ତି ହରିପୁର ଠାରୁ ଜାଗର ଯାତ୍ରା ପରିକ୍ରମା ଆରମ୍ଭ କରି କର୍ଣ୍ଣ କୋଟଳି ମହାଦେବ, ନିଳକଣ୍ଠେଶ୍ୱର ମହାଦେବ

ପ୍ରମୁଖ ଶୈବ ପୀଠ ପରିକ୍ରମା କରିଥିଲେ।ପରିକ୍ରମା ସମୟରେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ନାୟକ, ସ୍ନେହରବିନ୍ଦୁ ମହାନ୍ତି, ଉଲ୍ଲାସ ପ୍ରଧାନ, ଆଲୋକ ସ୍ୱାଇଁ, ଚନ୍ଦନ ମହାରଣା, ସୁବ୍ରତ ପଟ୍ଟନାୟକ, ଶରତ ପ୍ରଧାନ, ପିଣ୍ଟୁ ମହାନ୍ତି, ବିକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

କଣାସ: ମହାଶିବ ରାତ୍ରି ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ଶୈବ ପୀଠରେ ଜାଗରଯାତ୍ରା ପାଇଁ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳୁଛି। କାତପଡ଼ାର ନୀଳକଣ୍ଠେଶ୍ୱରଦେବ, ତ୍ରିଲୋଚନପୁରର କପିଳେଶ୍ୱରଦେବ, ନୂଆପଡ଼ା ଗ୍ରାମର ବାଙ୍କେଶ୍ୱରଦେବ, ସିରେଇ ଗ୍ରାମର ଗତିଶ୍ୱରଦେବ, କଣାସ ଗ୍ରାମର

ବାବା ଲୋକନାଥ, ଦୋକନ୍ଦା ଗ୍ରାମର ନୀଳକଣ୍ଠେଶ୍ୱରଦେବ, ବାଲିପାଟଣା ଗ୍ରାମର ଲୋକନାଥଦେବ, ବଡାସ ଗ୍ରାମର ବୈଦନାଥ ଦେବ, ଜଙ୍କିଆ ଗ୍ରାମର କପିଳେଶ୍ୱର ଦେବ, ଗଡ଼ିଶାଗୋଦା ଗ୍ରାମର ହଟକେଶ୍ୱରଦେବ, ବେଣାଗାଁ ଗ୍ରାମର କପିଳେଶ୍ୱରଦେବ, ସାହାସପୁର ଗ୍ରାମର ଗତିଶ୍ୱରଦେବ, ଗଡ଼ବଳଭଦ୍ରପୁର ଗ୍ରାମର ସ୍ୱପ୍ନେଶ୍ୱରଦେବ, ସିଦ୍ଧେଶ୍ୱର ଗ୍ରାମରେ ସିଦ୍ଧେଶ୍ୱର ଦେବ, ଖୁଣ୍ଟିଆବାଣପୁରରେ ବିଷ୍ଣୁଶ୍ୱର ଦେବ, ମାଳିଶାହିରେ କୁମୁଦେଶ୍ୱର ଦେବ, ବାରିମଣ୍ଡଳ ଗ୍ରାମର ଗତୀଶ୍ୱର ଦେବ, ମୋଟରା ଗ୍ରାମର ଗତୀଶ୍ୱର ଦେବ, ରୁଦ୍ଧିପୁର ଗ୍ରାମର ଆଖଣ୍ଡଳମଣୀ ଦେବ ପ୍ରଭୃତି ମନ୍ଦିରରେ ପ୍ରବଳ ଭିଡ ସାଙ୍ଗକୁ ସନ୍ଧ୍ୟାରେ ମହିଳା ଓ ପୁରୁଷମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

ଗୋପ: ଗୋପ ବ୍ଲକ ଅଞ୍ଚଳରେ ମହାଶିବରାତ୍ରି ଜାଗର ଉପଲକ୍ଷେ ବିଭିନ୍ନ ଶୈବ ପୀଠରେ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ଗୋପ ଅଧିନ ବିଭିନ୍ନ ଶୈବପୀଠ ବଣିଆସାହି ସ୍ଥିତ ବାଲୁଙ୍କେଶ୍ୱର, ଦକ୍ଷିଣେଶ୍ୱର, ବେଲେଶ୍ୱର, ଆଖଣ୍ଡଳେଶ୍ୱର, ଗ୍ରାମେଶ୍ୱର, ନୀଳକଣ୍ଠେଶ୍ୱର, ତୋଟା ଲୋକନାଥ, ପାଟେଳିଆ ସ୍ଥିତ ଲୋକନାଥ ସମେତ ନାଗପୁର ସ୍ଥିତ ବାଟ କପିଳେଶ୍ୱର, ବକ୍ରେଶ୍ୱର ଆଦି ମନ୍ଦିରରେ ଜାଗର ଯାତ୍ରା ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିବାବେଳେ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ପରିବାରର ଶୁଭ ମନାସିଥିଲେ। ବିଳମ୍ବିତ ରାତିରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା।ଗୋପ ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ସୁରକ୍ଷା କଡ଼ାକଡ଼ି କରାଯାଇଛି।

ନିମାପଡ଼ା: ଜାଗର ଉପଲକ୍ଷେ ନିମାପଡ଼ା ଅଞ୍ଚଳରେ ଥିବା ଶୈବପୀଠ ଗୁଡିକରେ ଭକ୍ତଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ପୂର୍ଣ୍ଣେଶ୍ୱର ମନ୍ଦିର, ଜଟେଶ୍ୱର ମନ୍ଦିର, ସୋମନାଥ ମନ୍ଦିର, ଅମରେଶ୍ୱର ମନ୍ଦିର, ବନ୍ଦେଶ୍ୱର ରାମେଶ୍ୱର

ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିରରେ ସକାଳୁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିଭିନ୍ନ ସ୍ଥାନରେ ଶୈବପୀଠ ଗୁଡିକ ବେଶ ସାଜସଜା ସାଙ୍ଗକୁ ଅନେକ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ଦେଖିବାକୁ ମିଳିଥିଲା। ଭକ୍ତମାନେ ଉଜାଗର ରହିବା ସହିତ ସନ୍ଧ୍ୟାରେ ନିକଟସ୍ଥ ବିଭିନ୍ନ ଶିବ ମନ୍ଦିରରେ ଦୀପ ଲଗାଇ ମାନସିକ ପୂରଣ ପାଇ ପୂଜାର୍ଚ୍ଚନା କରିଥିଲେ।

ଡେଲାଙ୍ଗ: ଡେଲାଙ୍ଗ ବ୍ଲକର ବିଭିନ୍ନ ଶୈବ ପୀଠ ଗୁଡିକରେ ପବିତ୍ର ଶିବରାତ୍ରି ଅବସରରେ ଭିଡ ପରିଲିଖିତ ହୋଇଛି। ଏହି ପରିପ୍ରେକ୍ଷିରେ ପ୍ରଶିଦ୍ଧ ପାହାଡ ବିଶ୍ୱନାଥ ମନ୍ଦିରରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଇନ୍ଦିପୁର ସ୍ଥିତ ଡାହାଣଶ୍ୱର, ମାଳିସାହି ସ୍ଥିତ କୁମାରେଶ୍ୱର, କୁଆପଦାର ବଣି ବକ୍ରେଶ୍ୱର, ବେରବୋଇର ବ୍ରହ୍ମେଶ୍ୱର ଦେବ, ହରିରାଜପୁରର ପଶ୍ଚିମଶମ୍ଭୁ ସୋମନାଥ ଦେବ, ଅଳଉତାର ଶ୍ରୀନୀଳକଣ୍ଠେଶ୍ୱର, ଖେଲୋଉରର ଖେଲେଶ୍ୱର ଦେବ ଆଦି ପ୍ରସିଦ୍ଧ ମହାଦେବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଶ୍ରଦ୍ଧାଳୁମାନେ ସନ୍ଧ୍ୟାରୁ ପବିତ୍ର ଜାଗର ଜାଳିବା ପାଇଁ ଭିଡ ହୋଇଥିବା ମନ୍ଦିର କମିଟି ଓ ସେବାୟତମାନେ କହିଛନ୍ତି।

ଆଖଣ୍ଡଳମଣି ମନ୍ଦିରରେ ୧୪୪ ଧାରା, ପୁଲିସ ମୁତୟନ

ଅସ୍ତରଙ୍ଗ, ୮।୩(ସମିସ): ପବିତ୍ର ମହାଶିବରାତ୍ରି ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠ ଉତ୍ସବମୁଖର ହୋଇ ଉଠିଥିବା ବେଳେ ଅସ୍ତରଙ୍ଗ ସାମୁଦ୍ରିକ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମରେ ବିଜେ କରିଥିବା ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଏକ ଅଭାବନୀୟ ଘଟଣା ସୃଷ୍ଟି ହୋଇଛି। ଗ୍ରାମର ଦୁଇଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଯୋଗୁଁ ମନ୍ଦିର ପରିସରରେ ୧୪୪ଧାରା ଜାରି ହେବାସହ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ପ୍ରତ୍ୟେକ ବର୍ଷ ମଧୁପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଶିବରାତ୍ରି ଦିନ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇ ଆସୁଥିଲା। ଗତବର୍ଷ ଅଷ୍ଟପ୍ରହର ନାମଯଜ୍ଞ ଚାଲୁଥିବା ବେଳେ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇ ମାରପିଟ୍ ସହିତ ଥାନାରେ ମାମଲା ରୁଜୁ କରାଯାଇଥିଲା। ଦୁଇଗୋଷ୍ଠୀର ପ୍ରାୟ ୩୦ଜଣରୁ ଅଧିକ ଗ୍ରାମବାସୀ ଜେଲଦଣ୍ଡ ଭୋଗି ଜାମିନରେ ଆସିଥିଲେ। ଚଳିତବର୍ଷ ମନ୍ଦିର ପ୍ରାଙ୍ଗଣରେ ସେହି ଅଷ୍ଟପ୍ରହରୀକୁ ନେଇ ଦୁଇଗୋଷ୍ଠୀଙ୍କ ପକ୍ଷରୁ ଅସ୍ତରଙ୍ଗ ସାମୁଦ୍ରିକ ଥାନାରେ ଦୁଇଟି ବିବାଦୀୟ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା ଦୁଇପକ୍ଷଙ୍କୁ ଥାନାକୁ ଡକାଇ ଆପୋଷ ବୁଝାମଣା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସଫଳ ହୋଇପାରି ନଥିଲା। ଉଭୟ ଗୋଷ୍ଠିଙ୍କ ମଧ୍ୟରେ ରହିଥିବା ବିବାଦ ଭବିଷ୍ୟତର ଏକ ଗୋଷ୍ଠି ସଙ୍ଘର୍ଷ ଆଡକୁ ମୁହାଁଉଥିବା ଅନୁମାନ କରି ଅସ୍ତରଙ୍ଗ ସାମୁଦ୍ରିକ ଥାନା ଅଧିକାରୀ ଏବଂ ଅସ୍ତରଙ୍ଗ ତହସିଲଦାର ମନ୍ଦିର ଚାରିପାର୍ଶ୍ୱରେ ୧୪୪ଧାରା ଜାରିକରିବା ସହିତ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ପୁଲିସ ଫୋର୍ସ ମୁତୟନ କରାଯାଇଛି।ଅସ୍ତରଙ୍ଗର ବିଭିନ୍ନ ଶୈବପୀଠରେ ମହା ଆଡ଼ମ୍ବରରେ ମହାଶିବରାତ୍ରି ପାଳନ କରାଯାଉଥିବା ବେଳେ ମଧୁପୁରର ଆଖଣ୍ଡଳମଣିଙ୍କ ମନ୍ଦିର ଖାଁ ଖାଁ ଲାଗୁଛି।ମନ୍ଦିର ପରିସର ରେ ୧୪୪ଧାରାର ନୋଟିସ ଝୁଲୁଥିବା ବେଳେ ଭକ୍ତଙ୍କ ଦ୍ୱାରା ପୂଜାର୍ଚ୍ଚନା ବନ୍ଦ ରହିଛି।

ପ୍ରେସ୍ ବିଜ୍ଞପ୍ତି

ଜନସାଧାରଣଙ୍କ ଅବଗତି ନିମନ୍ତେ

KISSର ୧୦ ଏକର ଜଙ୍ଗଲ ଜମିର Forest Land Diversion

- କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ (KISS) ହେଉଛି ବିଶ୍ୱର ସର୍ବବୃହତ୍ତ ଜନଜାତି ଅନୁଷ୍ଠାନ।
- KISS ଏକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ। ଏହା ସମ୍ପୂର୍ଣ୍ଣ ଆବାସିକ ଓ ଦେୟମୁକ୍ତ।
- KISSରେ ୪୦ ହଜାର ଛାତ୍ରଛାତ୍ରୀ ଅଧ୍ୟୟନରତ ଓ ୪୦ ହଜାର ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ କ୍ଷେତ୍ରରେ କର୍ମରତ।
- ଦୀର୍ଘ ୩୧ ବର୍ଷ ଧରି KISS ଜରିଆରେ ନିରନ୍ତର ଶିକ୍ଷାଦାନ କରି ଜନଜାତି ପିଲାଙ୍କୁ ଜାଗ୍ରତ କରିବା ସହ ସମାଜରେ ଭଲ ମଣିଷ ଭାବେ ଛିଡ଼ା ହେବାକୁ ସାହସ ଯୋଗାଇଛନ୍ତି ଅଚ୍ୟୁତ ସାମନ୍ତ।
- ଶତାଧିକ ଜନଜାତି ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ସଫଳତା ସହ କରୁଛନ୍ତି ପୃଥିବୀ ପରିଭ୍ରମଣ।
- ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରେ KISSର ୧୦ ଏକର ଜଙ୍ଗଲ କିସମ ଜମିର Forest Land Diversion ହୋଇଛି।
- KISSର ଏହି ଜଙ୍ଗଲ କିସମ ଜମିର Forest Land Diversion ପାଇଁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ୨୦୦୭ ମସିହାରୁ ୨୦୨୪ ପର୍ଯ୍ୟନ୍ତ ଦୀର୍ଘ ୧୭ବର୍ଷ କାଳ ନିରନ୍ତର ପ୍ରୟାସ କରି ସଫଳତା ପାଇଛନ୍ତି।
- ପ୍ରକାରାନ୍ତରେ ଏହା ଜନଜାତି ଛାତ୍ରଛାତ୍ରୀ, ଅଭିଭାବକ ଓ ସମଗ୍ର ଜନଜାତି ସମ୍ପ୍ରଦାୟର ସଫଳତା।
- ଏଥିପାଇଁ ଅଚ୍ୟୁତ ସାମନ୍ତଙ୍କୁ କିଛି ନକାରାତ୍ମକ ଲୋକଙ୍କଠାରୁ ଅନେକ ଦୁଃଖ, କଷ୍ଟ, ଲାଞ୍ଛନା ଓ ଗଞ୍ଜଣା ସହିବାକୁ ପଡ଼ିଛି। କିଛି ନକାରାତ୍ମକ ବ୍ୟକ୍ତି, କିଛି ବିତ୍ତଶାଳୀ ବ୍ୟକ୍ତିଙ୍କ ଅର୍ଥବଳରେ ଅଚ୍ୟୁତ ସାମନ୍ତଙ୍କୁ ୧୦ବର୍ଷ ଧରି ସମଗ୍ର ବିଶ୍ୱରେ ଜମି ମାଫିଆ ଭାବେ ନିନ୍ଦିତ କରିଆସିଛନ୍ତି।
- ଏଥିରେ ଅଚ୍ୟୁତ ସାମନ୍ତ ଭାଙ୍ଗି ପଡ଼ିନାହାନ୍ତି କି ଜନଜାତିଙ୍କ ସେବାରୁ ନିବୃତ୍ତ ହୋଇନାହାନ୍ତି କିମ୍ବା ଏହାକୁ ଭୃକ୍ଷେପ କରିନାହାନ୍ତି। ନିଜ ଲକ୍ଷ୍ୟରେ ସେ ଅଗ୍ରସର ହୋଇ KIIT ଓ KISSକୁ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ KISSର ଏହି ୧୦ ଏକର ଜମିର କିସମ ପରିବର୍ତ୍ତନ କରିବାରେ ସଫଳ ହୋଇଛନ୍ତି।
- ଆଜି ଅଚ୍ୟୁତ ସାମନ୍ତ ନିଜକୁ ଓ KISSକୁ ମିଥ୍ୟା ଅପବାଦରୁ ମୁକ୍ତ କରିଛନ୍ତି।
- ଅଚ୍ୟୁତ ସାମନ୍ତଙ୍କ ନାମରେ କୌଣସି ଜମି କିମ୍ବା ଘର ନଥିବା ବେଳେ ତାଙ୍କୁ କୁଚକ୍ରୀ ଗୋଷ୍ଠୀ ଜମି ମାଫିଆ ଭାବେ ଦେଶ ଓ ଦେଶ ବାହାରେ ପିଟିସନ୍ ପକାଇ ନିନ୍ଦିତ କରିଆସୁଥିଲେ।
- ୨୫ବର୍ଷ ବୟସରୁ ସେ ଜନଜାତି ଓ ସମାଜସେବା ପାଇଁ ନିଜ ଜୀବନକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେଇଛନ୍ତି। ତାଙ୍କୁ ଯେତେ ଧନ୍ୟବାଦ ଦେଲେ କମ୍ ହେବ।
- ଗତ ୧୭ବର୍ଷ ମଧ୍ୟରେ ପଲ୍ଲୀସଭା/ଗ୍ରାମସଭାଠାରୁ ଆରମ୍ଭ କରି ବିଭିନ୍ନ ଦପ୍ତରକୁ ଦୌଡ଼ି ନିୟମ ଅନୁସାରେ ଏହି କାମଟିକୁ ସଫଳ କରାଇଛନ୍ତି।
- ଏଥିପାଇଁ KISSର ସମସ୍ତ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, KISS ଅଭିଭାବକ ସଂଘ, ଓଡ଼ିଶା ଆଦିବାସୀ ଫୋରମ୍, ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ଓ ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ଜନଜାତିର ଜନନାୟକ ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ।

ଶାନ୍ତି ମୁର୍ମୁ	ଦୁଲା ବାଙ୍କିରା	ରାମ ଶବର	କାଦେ ସୋରେନ୍	ନିରଞ୍ଜନ ବିଶି	ବାଳକୃଷ୍ଣ ଶବର
ଶାନ୍ତି ମୁର୍ମୁ	ଦୁଲା ବାଙ୍କିରା	ରାମ ଶବର	କାଦେ ସୋରେନ୍	ନିରଞ୍ଜନ ବିଶି	ବାଳକୃଷ୍ଣ ଶବର
ସଭାପତି, କିସ୍ ଛାତ୍ରସଂଘ	ସଭାପତି, କିସ୍ ପୁରାତନ ଛାତ୍ରସଂଘ	ସଭାପତି, କିସ୍ ଅଭିଭାବକ ସଂଘ	ସଭାପତି, ଓଡ଼ିଶା ଆଦିବାସୀ ଫୋରମ	ସଭାପତି, ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ	ସଭାପତି,ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ
(ପଞ୍ଜୀକୃତ)	(ପଞ୍ଜୀକୃତ)	(ପଞ୍ଜୀକୃତ)	(ପଞ୍ଜୀକୃତ)	(ପଞ୍ଜୀକୃତ)	(ପଞ୍ଜୀକୃତ)

ବିଶ୍ୱର ସବୁଠାରୁ ସୁନ୍ଦର ଓ ଶ୍ରେଷ୍ଠ ସୃଷ୍ଟିକୁ ନା ଦେଖିହୁଏ ନା ଛୁଇଁହୁଏ, କେବଳ ହୃଦୟରେ ଅନୁଭବ କରିହୁଏ।
-ହେଲେନ୍ କେଲେର

ସକାଳ
THE SAKALA

ନାଗପୁର ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ସରକାରଙ୍କୁ ବୈଚାରିକ ବିରୋଧ ଦେଶଦ୍ରୋହ ନୁହେଁ

ଅବଶେଷରେ ଏକ ଦୀର୍ଘକାଳୀନ ବିଚାରର ଅନ୍ତ ଘଟିଛି ଏବଂ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନ 'ୟୁଏପିଏ'ରେ ୨୦୧୩-୧୪ରେ ମହାରାଷ୍ଟ୍ର ପୁଲିସ୍ ଦ୍ୱାରା ଗିରଫ ହୋଇ କାରାଦଣ୍ଡ ଭୋଗୁଥିବା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜଣେ ବାମପନ୍ଥୀ ଆଦର୍ଶବାଦୀ ପୂର୍ବତନ ପ୍ରଫେସର ଜିଏନ୍ ସାଇବାବା ଏବଂ ତାଙ୍କର ପାଞ୍ଚଜଣ ସହଯୋଗୀଙ୍କୁ ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚ ଖଲାସ କରିଛନ୍ତି। ୨୦୧୭ରେ ଏମାନେ ବେଆଇନ କାର୍ଯ୍ୟକଳାପରେ ଲିପ୍ତଥିବା ଅଭିଯୋଗରେ ଏକ ନିମ୍ନ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ହାଇକୋର୍ଟରୁ ତଳକୋର୍ଟ ଦଣ୍ଡ ବିରୋଧରେ ରାୟ ପାଇବା ପାଇଁ ୧୦ ବର୍ଷରୁ ଅଧିକ ସମୟ ଲାଗିଗଲା। ଆମ ନ୍ୟାୟିକ ବ୍ୟବସ୍ଥା ଯାହା ସେଥିରେ ପ୍ରଫେସର ସାଇବାବା ଓ ତାଙ୍କ ସହଯୋଗୀ ଯେ ପୂରା ମୁକ୍ତ ହୋଇଗଲେ ତାହା କୁହାଯାଇ ନ ପାରେ। ଏହି ରାୟ ବିରୋଧରେ ପୁଲିସ ସୁପ୍ରିମକୋର୍ଟକୁ ଯାଇପାରେ ଏବଂ ଯେଉଁ ୟୁଏପିଏ ଆଇନ ବଳରେ ସେ ଗିରଫ ହୋଇଛନ୍ତି ତାହାର ଦଫା ସବୁ ଏତେ ଜଟିଳ ଯେ ସେଥିରୁ ଖସିବା ବଡ଼ ମୁସ୍କିଲ। କାରଣ ଏଥିରେ ଦେଶର ଜାତୀୟ ଏକତା ଓ ସଂହତି ଉପରେ ଆକ୍ରମଣ ପ୍ରସଙ୍ଗ ଜଡ଼ିତ। ତେଣୁ ଏହି ଆଇନ ବଳରେ ଗିରଫ ହେବା ଅର୍ଥ ଦେଶ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ହେବା।

ବିଚାରାଳୟ ଆଇନର ଗଣ୍ଡି ଭିତରେ ତଥ୍ୟ ପ୍ରମାଣକୁ ଦେଖି ଦୋଷୀ ନିର୍ଦ୍ଦୋଷ ସ୍ଥିର କରେ। ଆମ ଶାସନ ଓ ପୁଲିସ୍ ବ୍ୟବସ୍ଥାର ଚରିତ୍ର ଯାହା ସେଥିରେ ଆଇନର ଦୁରୁପଯୋଗ କରି ଭିନ୍ନ ମତ ବା ଆଦର୍ଶର ଲୋକଙ୍କୁ ଜେଲ୍‌ରେ ଠୁଙ୍କିବାକୁ ନାନା ପ୍ରକାର ମନଗଢ଼ା ଅଭିଯୋଗ ଓ ପ୍ରମାଣ ଯୋଗାଡ଼ କରି ଅଭିଯୁକ୍ତଙ୍କ ଖସିବାର ଆଇନଗତ ବାଟ ବନ୍ଦ କରି ଦେଇଥାଏ। ପ୍ରଫେସର ସାଇବାବା ଓ ତାଙ୍କ ସହଯୋଗୀ ନିଷିଦ୍ଧ ଘୋଷିତ ସିପିଆଇ ମାଓବାଦୀ ଗୋଷ୍ଠୀ ଆର୍‌ଡିଏଫ୍ (ରିଭଲ୍ୟୁସନାରୀ ଡେମୋକ୍ରାଟିକ୍ ଫ୍ରଣ୍ଟ)ର ସଦସ୍ୟ ଥିଲେ। ସେମାନଙ୍କ ପାଖରୁ କିଛି ମାଓବାଦୀ ପୁସ୍ତକ ଓ ଲେଖା ଜବତ ହୋଇଥିଲା। ଯେତେବେଳେ ଏହି ଦୁଇ ଅନୁଷ୍ଠାନ ବେଆଇନ ଘୋଷିତ ହେଲା ପ୍ରଫେସର ସାଇବାବା ଓ ତାଙ୍କ ସହଯୋଗୀଙ୍କୁ ପୁଲିସ୍ ଗିରଫ କଲା। ତେବେ ଏମାନଙ୍କ ସଂଗଠନ ସହିତ ଆଦର୍ଶଗତ ସମ୍ପର୍କ ବିନା ଅନ୍ୟ କିଛି ସମ୍ବନ୍ଧ ନଥିଲା। ସେମାନେ କୌଣସି ହିଂସାତ୍ମକ କାର୍ଯ୍ୟ ବା ଦେଶବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ନଥିଲେ। ପୁଲିସ୍ ନାନା ଦଫା ଲଗାଇଥିଲେ ମଧ୍ୟ ଏମାନଙ୍କ ବିରୋଧରେ ଦେଶ ବିରୋଧୀ କାର୍ଯ୍ୟକଳାପ ସମ୍ପୃକ୍ତ ଥିବାର ଆବଶ୍ୟକୀୟ ପ୍ରମାଣ ଦେଇ ପାରିନଥିଲା।

ଏହାସତ୍ତ୍ୱେ ସେମାନଙ୍କୁ ଜେଲ୍ ଭୋଗିବାକୁ ପଡ଼ିଲା, କାରଣ ଆମ ପୁଲିସ୍ ନିରପେକ୍ଷ ନୁହେଁ ଏବଂ ଏହା ରାଜନୈତିକ ଚାପରେ କାମ କରେ। ତେଣୁ ସେମାନଙ୍କ ବିରୋଧରେ ଗୁରୁତର ଦଫା ଲାଗୁ ହୋଇଥିଲା। ପ୍ରଫେସର ସାଇବାବା ଏହି ମାମଲାରେ ନିର୍ଦ୍ଦୋଷ ଥିଲେ ଏବଂ ସେତେବେଳେ ବହୁ ବୁଦ୍ଧିଜୀବୀ ଓ ଆଇନ ବିଶାରଦ ତାଙ୍କ ଗିରଫଦାରୀଙ୍କୁ ଉଦ୍ଦେଶ୍ୟମୂଳକ ଓ ବେଆଇନ ବୋଲି କହି ତୀବ୍ର ବିରୋଧ କରିଥିଲେ। ତଥାପି ଆଂଶିକ ପକ୍ଷାଘାତଗ୍ରସ୍ତ ଏହି ପ୍ରଫେସରଙ୍କୁ ଅକଥନୀୟ ଦଣ୍ଡ ଭୋଗିବାକୁ ପଡ଼ିଲା କେବଳ ଆଦର୍ଶ ଓ ବୈଚାରିକଗତ ବିରୋଧ ପାଇଁ। ଏକ ବହୁଦଳବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତେ ସରକାରଙ୍କ ନୀତି ଓ ଆଦର୍ଶ ସହିତ ଏକମତ ହେବା ଆବଶ୍ୟକ ନୁହେଁ କିମ୍ବା ସମସ୍ତଙ୍କର ବିଚାର ଏକ ହେବ ନାହିଁ। ତାହାର ଅର୍ଥ ନୁହେଁ ଯେ ସରକାରୀ ନୀତି ଓ ଆଦର୍ଶକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ପୁଲିସ ଲଗାଇ ଦେଶଦ୍ରୋହ ଭଳି ଜନବିରୋଧୀ ଆଇନ ବଳରେ ଗିରଫ କରି ହରକତ କରିବା। କୌଣସି ଶାସ୍ତ୍ର ପଢ଼ିଦେଲେ ବା କିଛି ଆଦର୍ଶରେ ବିଶ୍ୱାସ କଲେ ମଣିଷର ଆଚରଣ ଓ ଉଚ୍ଚାରଣ ଯେ ବଦଳିଯିବ ଏବଂ ସେ ଦୁଷ୍ଟ, ସଇତାନ ଓ ଦେଶବିରୋଧୀ ହୋଇଯିବ ତାହା କହିବା ହାସ୍ୟାସ୍ପଦ। ଯେଉଁମାନେ ଆତଙ୍କବାଦ, ମାଓବାଦୀ କାର୍ଯ୍ୟକଳାପ ଓ ବିଚ୍ଛିନ୍ନତାବାଦୀ ଆତଙ୍କ ଭିଆଉଛନ୍ତି, ସେମାନେ ଏସବୁ ଆଦର୍ଶର ପାଠ ପଢ଼ିନାହାନ୍ତି। ସେମାନେ ଅପରାଧୀ ହେବା ପଛରେ ଅନେକ କାରଣ ରହିଛି। ତେଣୁ ବିରୋଧାତ୍ମକ ନଥିପତ୍ର, ଲେଖା ପୁସ୍ତକ ଜଣକ ପାଖରୁ ଜବତ ହେଲେ ସେ ଯେ ଦେଶ ବିରୋଧୀ ଓ ଆତଙ୍କବାଦୀ, ତାହା କୁହାଯାଇ ନ ପାରେ। ଏହି ପ୍ରସଙ୍ଗରେ ପ୍ରଖ୍ୟାତ ଚିନ୍ତକ ଆଲବର୍ଟ ଆଇନଷ୍ଟାଇନଙ୍କର ଗୋଟିଏ ଉକ୍ତି ମନେପଡ଼େ। ସେ କହିଥିଲେ 'ଆଇନ ମଧ୍ୟ ସ୍ୱାଧୀନ ମତପ୍ରକାଶର ଅଧିକାରକୁ ସୁନିଶ୍ଚିତ କରିପାରିବ ନାହିଁ। କାରଣ ନିଜର ସ୍ୱାଧୀନ ମତ ପ୍ରକାଶ ପାଇଁ ପ୍ରତ୍ୟେକ ବ୍ୟକ୍ତି ଚାହିଁବ ଯେ ତା' ପାଇଁ ଦଣ୍ଡ ମୁକ୍ତ ବ୍ୟବସ୍ଥା ସୁନିଶ୍ଚିତ ହେଉ। ତେଣୁ ସମସ୍ତଙ୍କୁ ସ୍ୱାଧୀନ ମତ ପୋଷଣର ଅଧିକାର ଦେବାକୁ ହେଲେ ସମଗ୍ର ରାଷ୍ଟ୍ର, ସମାଜ ଓ ବ୍ୟବସ୍ଥାରେ ସହନଶୀଳତାର ଏକ ଚେତନା ରହିବା ଉଚିତ।'

ପରିତାପର ବିଷୟ ହେଉଛି ସରକାର ନିଜକୁ ବଞ୍ଚାଇବାକୁ ଓ ବିରୋଧୀଙ୍କୁ ଦମନ କରିବାକୁ ଯାଇ ଦେଶଦ୍ରୋହ ଭଳି କଠୋର ଆଇନର ଦୁରୁପଯୋଗ କରୁଛନ୍ତି। ସେଠି ପୁଲିସ ନିରପେକ୍ଷ ହେବାର ଅବକାଶ ନାହିଁ। ଏହା ଶାସନକଳର ବୋଲକରା ସାଜିବାକୁ ବାଧ୍ୟ ହେଉଛି। ପୁଲିସ ପ୍ରଶାସନ ମଧ୍ୟ କେବଳ ବିଶୃଙ୍ଖଳା ଓ ଅବ୍ୟବସ୍ଥା ସୃଷ୍ଟି କରୁନାହାନ୍ତି, ଏହାକୁ ମଧ୍ୟ ନିଜର ଓ ସରକାରଙ୍କ ସୁରକ୍ଷା ପାଇଁ ବ୍ୟବହାର କରୁଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ଓ ଆଦର୍ଶ ଗଣତନ୍ତ୍ରର ପରିପନ୍ଥୀ।

ନାଗରିକଙ୍କୁ ସମ୍ବିଧାନ ଯେଉଁ ଅଧିକାର ଓ ସୁରକ୍ଷା ପ୍ରଦାନ କରିଛି ସରକାର ସେଥିରେ ହସ୍ତକ୍ଷେପ କରିବା ଅନୁଚିତ। ଅତି ଉତ୍ସାହୀ କର୍ତ୍ତୃପକ୍ଷ, ପୁଲିସ୍ ଓ ପ୍ରଶାସନ ଏ କ୍ଷେତ୍ରରେ ସଂଯମ ଆଚରଣ କରିବା ଆବଶ୍ୟକ। ଆଇନର ଦୁରୁପଯୋଗ ମଧ୍ୟ କରାଯିବା ଅନୁଚିତ। ବିଚାର ବ୍ୟବସ୍ଥା ଓ ନାଗରିକ ସମାଜ ସକ୍ରିୟ ରହିଲେ ଦେଶର ନାଗରିକଙ୍କ ସାମ୍ବିଧାନିକ ଅଧିକାର ସୁରକ୍ଷିତ ରହିପାରିବ। ଟ୍ରାଏଲ-କୋର୍ଟଗୁଡ଼ିକର ଏ କ୍ଷେତ୍ରରେ ଯେତିକି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ବିଚାରପତିମାନଙ୍କର ମଧ୍ୟ ସମାନ ଦାୟିତ୍ୱବୋଧ ଅଛି। ସେମାନେ ସତର୍କ ଏବଂ ତତ୍ପର ରହିଲେ ପୁଲିସ୍, ପ୍ରଶାସନ ଓ ସରକାର ଭିନ୍ନ ମତାବଲମ୍ବୀ ନାଗରିକଙ୍କ ଉପରେ ଅତ୍ୟାଚାର କରିପାରିବେ ନାହିଁ।

ସୁଖରକଥା ଆମ ସମାଜ କ୍ରମଶଃ ବଦଳୁଛି। ଦେଶଦ୍ରୋହ ଭଳି ଦମନମୂଳକ ଆଇନ ବିରୋଧରେ ଲୋକେ ସ୍ୱର ଉତ୍ତୋଳନ କରିବା ଫଳରେ ଏହାର ପ୍ରୟୋଗ ବିଶେଷ ଏବେ ହେଉନାହିଁ। ଏହାସତ୍ତ୍ୱେ ସରକାର ଓ କର୍ତ୍ତୃପକ୍ଷ ପ୍ରତିପକ୍ଷ ବା ବିରୋଧୀଙ୍କୁ ଦମନ କରିବାକୁ ସବୁବେଳେ ନିଜ ପାଖରେ ବାଟ ରଖିବାକୁ ଆଗ୍ରହୀ ହେବ। ତେବେ ପୁଲିସ୍‌କୁ ରାଜନୈତିକ ପ୍ରଭାବରୁ ମୁକ୍ତ ରଖାଗଲେ ଓ ଅନୁସନ୍ଧାନ କାର୍ଯ୍ୟ ସ୍ୱାଧୀନ ସଂସ୍ଥା ଦ୍ୱାରା ହେଲେ ସରକାରୀ ଉତ୍ପୀଡ଼ନକୁ ପ୍ରତିହତ କରିହେବ। ସାଇବାବାଙ୍କ ଭଳି ପ୍ରଫେସରଙ୍କୁ ଦୁର୍ବଳ ତଥ୍ୟ ପ୍ରମାଣ ସତ୍ତ୍ୱେ ଯେପରି ଦୀର୍ଘ କାଳ କାରାଗାରରେ ରଖାଗଲା, ତାହା ଦୁର୍ଭାଗ୍ୟଜନକ। ଏହାର ପୁନରାବୃତ୍ତି ଭାରତରେ ଆଉ ନ ଘଟୁ।

ଭାରତର ନୂତନ ନ୍ୟାୟ ସଂହିତା

ଗଦାଧର ବଳ
ଭଦ୍ରକ, ମୋ: ୯୪୩୭୧୨୮୮୪୧

ଆସନ୍ତା ଜୁଲାଇ, ୧ ତାରିଖରୁ ଆମ ଦେଶରେ ନୂଆ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବାକୁ ଯାଉଛି। ବ୍ରିଟିଶ ସରକାରଙ୍କ ଦ୍ୱାରା ୧୮୬୦ ମସିହାରେ ପ୍ରଣୀତ ଭାରତୀୟ ପିଙ୍ଗଳ କୋଡ(ଆଇପିସି)କୁ 'ଭାରତୀୟ ନ୍ୟାୟ ସଂହିତା', ୧୮୮୯ ମସିହାରେ ପ୍ରଣୀତ ଓ ୧୯୭୨ ମସିହାରେ ସଂଶୋଧିତ ଫୌଜଦାରୀ କାର୍ଯ୍ୟବିଧି ଆଇନ(ସିଆରପିସି)କୁ 'ଭାରତୀୟ ନାଗରିକ ସୁରକ୍ଷା ସଂହିତା' ଏବଂ ଭାରତୀୟ ସାକ୍ଷ୍ୟ ବିଧି ଆଇନ (ଇଣ୍ଡିଆନ ଏଭିଡେନ୍ସ ଆକ୍ଟ)କୁ 'ଭାରତୀୟ ସାକ୍ଷ୍ୟ ଅଧିନିୟମ'ରେ ପରିବର୍ତ୍ତନ କରାଯାଇଛି। ପ୍ରଚଳିତ ଆଇନରେ ବ୍ରିଟିଶ ଶାସକମାନଙ୍କ ଔପନିବେଶିକ ମାନସିକତା ପ୍ରତିଫଳିତ ହେଉଥିବାରୁ ଏହାକୁ ଉଚ୍ଛେଦ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ଏହି କାରଣରୁ ନ୍ୟାୟିକ ସଂହିତା ପ୍ରଣୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସଂସଦରେ ପାରିତ ହେବା ପରେ ଗତ ବର୍ଷ ଡିସେମ୍ବର ୨୫ ତାରିଖରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇ ଏହା ଆଇନରେ ପରିଣତ ହୋଇଛି। ମାତ୍ର ଏହାକୁ ଆସନ୍ତା ଜୁଲାଇ ମାସ ୧ ତାରିଖରେ କାର୍ଯ୍ୟକାରୀ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା କାର୍ଯ୍ୟକାରୀ ହେଲେ ତଦନ୍ତକାରୀ ସଂସ୍ଥା ଯଥା ପୁଲିସ, ଓକିଲ ଓ ବିଚାରପତିମାନଙ୍କ ପାଇଁ ପ୍ରାଥମିକସ୍ତରରେ କିଛିଟା ଅସୁବିଧା ହୋଇପାରେ। ତେଣୁ ବିଶାଳ ତିୱାରି ନାମକ ଜନୈକ ଆଇନଜୀବୀ ଏହି ଆଇନକୁ କାର୍ଯ୍ୟକାରୀ କରିବା ଆଗରୁ ଦେଶର ପ୍ରମୁଖ ସମ୍ବିଧାନ ବିଶାରଦମାନଙ୍କ ଦ୍ୱାରା ତର୍ଜମା କରିବା ପାଇଁ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଛନ୍ତି। ପୁରୁଣା ଆଇନର ଦଫାକୁ କେବଳ ପରିବର୍ତ୍ତନ କରାଯାଇଛି ବୋଲି ବିରୋଧୀମାନେ ଅଭିଯୋଗ କରି ଆସୁଛନ୍ତି। ମାତ୍ର ସରକାରଙ୍କ ତରଫରୁ କୁହାଯାଉଛି ଯେ ବିଚାର ପ୍ରକ୍ରିୟା ସର୍ବାଧିକ ୩ ବର୍ଷ ଭିତରେ ଶେଷ ହେଉଥିବାରୁ 'ତାରିଖ' ଯୁଗର ଅବସାନ ହେବ ବୋଲି ଆଶା କରାଯାଉଛି।

ନୂଆ ଆଇନରେ ମୋଟ ୩୧୩ଟି ଧାରା ସଂଯୋଗକରାଯାଇଛି। ମହିଳା ଓ ନାବାଳିକାମାନଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ନାବାଳିକା ଯୌନ ନିର୍ଯାତନା ପାଇଁ ସର୍ବାଧିକ ଦଣ୍ଡବିଧାନ ଫାଶୀ କିମ୍ବା ଆଜୀବନ କାରାଦଣ୍ଡ ବ୍ୟବସ୍ଥା କରାଯାଇଛି। ଫୌଜଦାରୀ କାର୍ଯ୍ୟବିଧି ଆଇନ (ସିଆରପିସିରେ ପୂର୍ବରୁ ୪୮୪ ଟି ଧାରା ଥିବା ବେଳେ ନୂଆ 'ଭାରତୀୟ ନାଗରିକ ସୁରକ୍ଷା ସଂହିତା' ରେ ମୋଟ ୫୩୧ଟି ଧାରା ରହିଛି ଓ ୧୬୦ଟି ଧାରାକୁ ପରିବର୍ତ୍ତନ କରାଯାଇ ୯ଟି ନୂଆ ଧାରା ଯୋଗ କରାଯାଇଛି। ଭାରତୀୟ



ପିଙ୍ଗଳ କୋଡ(ଆଇପିସିରେ ମୋଟ ୫୧୧ ଗୋଟି ଦଫା ରହିଥିବା ବେଳେ ନୂଆ 'ଭାରତୀୟ ନ୍ୟାୟ ସଂହିତା'ରେ ମୋଟ ୩୫୮ ଗୋଟି ଧାରା ରହିଛି ଓ ୮ଗୋଟି ନୂଆ ଧାରା ଯୋଗ କରାଯାଇଛି। ସେହିପରି ଭାରତୀୟ ସାକ୍ଷ୍ୟ ବିଧି ଆଇନ(ଇଣ୍ଡିଆନ ଏଭିଡେନ୍ସ ଆକ୍ଟ) ବା 'ଭାରତୀୟ ସାକ୍ଷ୍ୟ ଅଧିନିୟମ'ରେ ମୋଟ ୧୬୭ ଧାରା ଥିବା ବେଳେ ତାହାକୁ ୧୭୦କୁ ବୃଦ୍ଧି କରାଯାଇଛି, ଯେଉଁଥିରେ ୨୩ ଗୋଟି ଧାରାର ପରିବର୍ତ୍ତନ କରାଯାଇଛି। ପିଙ୍ଗଳ କୋଡର ଦଫା ୩୦୭ କୁ ୧୦୮, ଦଫା ୩୭୫, ୩୭୬ କୁ ୬୩, ଦଫା ୬୯ ଓ ଦଫା ୩୦୨କୁ ୧୦୧, ଗଣ ବଳାତ୍କାର ଅପରାଧ ପାଇଁ ଉଦ୍ଦିଷ୍ଟ ଦଫା ୩୭୬କୁ ୭୦, ବଧୂହତ୍ୟା ଦଫା ୩୦୪(ଖ)କୁ ୮୦, ମାନହାନି ପାଇଁ ଦଫା ୪୯୯, ୫୦୦ କୁ ୩୫୬, ରାଜଦ୍ରୋହ ଦଫା ୧୨୪(କ) କୁ ୧୫୨, ଦେଶ ବିରୋଧୀ କାର୍ଯ୍ୟକଳାପ ପାଇଁ ଉଦ୍ଦିଷ୍ଟ ଅପରାଧର ଦଫା ୧୨୧(କ)କୁ ରାଜଦ୍ରୋହ ଅପରାଧ ଭାବେ ନାମିତ କରାଯାଇ ଦଫା ୧୪୮, ଦେଶ ବିରୋଧୀ ଷଡ଼ଯନ୍ତ୍ର ପାଇଁ ଉଦ୍ଦିଷ୍ଟ ଦଫା ୧୨୧ କୁ ଦଫା ୧୪୭, ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଜନିତ ଅପରାଧ ପାଇଁ ଉଦ୍ଦିଷ୍ଟ ଦଫା ୩୦୬ କୁ ୧୦୮ରେ ପରିବର୍ତ୍ତନ କରାଯାଇଛି। ସେହିପରି ପ୍ରତାରଣା ପାଇଁ ଥିବା ଦଫା ୪୨୦ ନୂଆ ଆଇନରେ ଦଫା ୩୧୮ ହୋଇଛି। ଘୃଣ୍ୟ ଭାଷଣ ପାଇଁ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି। ଗଣବଳାତ୍କାର ଅପରାଧ ପାଇଁ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ଦୁର୍ଘଟଣା ଘଟାଇ ଥିବା ଚାଳକ ଯଦି ଆଘାତପ୍ରାପ୍ତ ବ୍ୟକ୍ତିକୁ ଡାକ୍ତରଙ୍କ ପାଖକୁ ନେଇ ଗଲା, ଅଭିଯୁକ୍ତର ଦଣ୍ଡ କୋହଳ ବ୍ୟବସ୍ଥା ହୋଇଛି। ପୂର୍ବରୁ ମୁଣ୍ଡକୁ ଆଘାତ କଲେ ସାଧାରଣ ଦଫା ଲାଗୁ ଥିବା ବେଳେ ନୂଆ ଆଇନରେ ଆଘାତ କାରଣରୁ ଯଦି ବ୍ରେନ ଡେଡ ହୋଇଗଲା, ତେବେ ଦଶ ବର୍ଷ ସଶ୍ରମ କାରାଦଣ୍ଡ ବ୍ୟବସ୍ଥା ରହିଛି। ଅଭିଯୁକ୍ତ ବ୍ୟକ୍ତିକୁ ଗିରଫ କରିବା ବେଳେ ବା ପରେ ତା'ର ପରିବାରକୁ ପୁଲିସ ଅବଗତ କରିବା ନୂଆ ଆଇନରେ ବାଧ୍ୟତାମୂଳକ କରାଯାଇଥିବା ବେଳେ ଅଭିଯୋଗକାରୀକୁ ୯୦ ଦିନ ଭିତରେ ତା' ମାମଲାଟିର ସ୍ଥିତି ବିଷୟରେ ଅବଗତ କରାଯିବ। ୯୦ ଦିନ ଭିତରେ ଯଦି ଅଭିଯୁକ୍ତ ଗିରଫ ବା ଆତ୍ମସମର୍ପଣ ନ କଲା, ମାମଲାଟିକୁ କୋର୍ଟ ଏକ ତରଫା ଭାବରେ ବିଚାର କରି ରାୟକୁ ସଂରକ୍ଷିତ କରି ରଖିବେ। ଗମ୍ଭୀର ଅପରାଧରେ ଦଣ୍ଡିତ ବ୍ୟକ୍ତି ମୋଟ ଦଣ୍ଡର ଅଧା ଭୋଗ କରି ସାରିଥିଲେ ବ୍ୟାବହାରିକ ପରିବର୍ତ୍ତନକୁ ବିଚାରକୁ ନେଇ ତା'କୁ ମୁକ୍ତ କାରାଯାଇ ପାରିବ। ରାୟ ସଂରକ୍ଷଣ ବାହାନାରେ କୋର୍ଟ ରାୟକୁ ୪୩ ଦିନରୁ ଅଧିକ ସମୟ ରଖି ପାରିବେ ନାହିଁ। କ୍ଷମା ଯାଚିକା କେବଳ ଅପରାଧୀ ନିଜେ ହିଁ କରି ପାରିବେ। ଏବେ ସେ ନିଜେ କିମ୍ବା ତାଙ୍କ ତରଫରୁ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଏହି ଆବେଦନ କରି ପାରୁଛନ୍ତି।

ଗୃହମନ୍ତ୍ରୀଙ୍କ କହିବା ମୁତାବକ ସେ ଏହି ଆଇନକୁ ତର୍ଜମା କରିବା ବେଳେ ୧୮ଟି ରାଜ୍ୟ ସରକାର, ୬ଟି କେନ୍ଦ୍ର ଶାସିତ ଅଞ୍ଚଳ, ଦେଶର ସର୍ବୋଚ୍ଚ ନ୍ୟାୟାଳୟ, ୨୨ଟି ରାଜ୍ୟର ଉଚ୍ଚ ନ୍ୟାୟାଳୟ, ଅନେକ ନ୍ୟାୟାଳୟର ବିଚାରପତି, ୪୨ ଜଣ ସାଂସଦ, ୨୭୦ ଜଣ ବିଧାୟକଙ୍କ ସହ ମୋଟ ୧୫୮ଟି ବୈଠକ ଡକାଇ ସେମାନଙ୍କ ସହ ଆଲୋଚନା କରି ଏହି ନୂଆ ଆଇନ ଆଣିଛନ୍ତି।

ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୬ (୨) ଯାହାକି 'ହିଟ ଆଣ୍ଡ ରନ' ବା ଗାଡ଼ି ଚଳାଇ ଯାଉଥିବା ବେଳେ ଦୁର୍ଘଟଣା ଘଟାଇ ଅଭିଯୁକ୍ତ ଫେରାର ହୋଇ ଗଲେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ଲକ୍ଷ ଟଙ୍କା ଜୋରିମାନା ବ୍ୟବସ୍ଥାକୁ ଭାରତୀୟ ମୋଟର ଚାଳକ ସଂଘ ବିରୋଧ କରିବାରୁ ତାହାକୁ କାର୍ଯ୍ୟକାରୀ କରା ନଯାଇ ସ୍ଥଗିତ ରଖା ଯାଇଛି। ବ୍ରିଟିଶ ଶାସନକାଳରେ ପ୍ରଣୀତ 'ରାଜଦ୍ରୋହ' ଅପରାଧକୁ 'ଦେଶଦ୍ରୋହ' ବୋଲି ଆଖ୍ୟାୟିତ କରାଯାଇଛି।

ଜୁଲାଇ ୧ ତାରିଖରୁ ନୂଆ ଆଇନ ଜାତୀୟସ୍ତରରେ ଲାଗୁ ହେବାକୁ ଥିବା ବେଳେ ପୁରୁଣା ମାମଲାଗୁଡ଼ିକ ପୁରୁଣା ଆଇନ ଅନୁଯାୟୀ ବିଚାର ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ତେଣୁ ଉଭୟ ଆଇନକୁ ଏକାସଙ୍ଗରେ ତର୍ଜମା କରି ବିଚାର କରିବା ଆଇନଜୀବୀ ଓ ବିଚାରପତିମାନଙ୍କୁ ନିଶ୍ଚିତ ଅସୁବିଧାରେ ପକାଇବ। ତଦନ୍ତକାରୀ ସଂସ୍ଥାର ଅଧିକାରୀ, ଆଇନଜୀବୀ ଓ ବିଚାରପତିମାନଙ୍କୁ ଉପଯୁକ୍ତ ତାଲିମ ଦିଆଯାଇ ଏହା କାର୍ଯ୍ୟକାରୀ ହୋଇଥିଲେ ନୂଆ ଆଇନ କାର୍ଯ୍ୟକାରିତାର ସୁଫଳ ଉପଲବ୍ଧି ହେବାରେ କୌଣସି ଅସୁବିଧା ହୋଇ ନ ଥା'ନ୍ତା ବୋଲି ମନେ ହୁଏ।

ଗଳ୍ପ ଆମ ସ୍ୱଳ୍ପ ଜୀବନର

ବିଜୟକୁମାର ପାଢ଼ୀ
ଭୁବନେଶ୍ୱର, ମୋ: ୭୮୯୪୧୫୩୫୭୮

ଜୀବନକୁ ନେଇ ଅନେକ ତତ୍ତ୍ୱ, ତଥ୍ୟ, ବ୍ୟାଖ୍ୟା ଓ ସଂଜ୍ଞା ରହିଛି। କବି, ଲେଖକ, ଭାବୁକ କେବେ ଜୀବନକୁ ଏକ ନଦୀ, ଝରଣା, ଗଛ ସହିତ ତୁଳନା କଲେଣି ତ କେବେ ଜୀବନକୁ ଏକ ପ୍ରତିଯୋଗିତାମୂଳକ ଖେଳ କିମ୍ବା ନାଟକ କିମ୍ବା ଗଳ୍ପ ସହିତ ତୁଳନା କଲେଣି। କେହି କେହି ତ ଜୀବନକୁ ଏକ ଅଛିଣ୍ଡା ଗଣିତ ବୋଲି କହିବାକୁ ପଛାଇ ନାହାନ୍ତି। ଉଇଲିୟମ୍ ଟର୍ନରଙ୍କ ଭାଷାରେ - 'ଆମେମାନେ ଜାଣିଛୁ ପୃଥିବୀ ଅଣୁ, ପରମାଣୁରେ ତିଆରି, କିନ୍ତୁ ବାସ୍ତବିକ୍ ଏହା ଏକ ନିରୁତା ଗଳ୍ପରେ ହିଁ ପ୍ରସ୍ତୁତ ହୋଇଛି।' ଅର୍ଥାତ୍ କାହାଣୀ ଭଳି ଆମେ ବଞ୍ଚିଥାଉ, କାହାଣୀରେ ଆମେ ବଞ୍ଚିଥାଉ କାହାଣୀ ସୃଷ୍ଟି ପାଇଁ ଆମେ ବଞ୍ଚିଥାଉ। ସତ କହିବାକୁ ଗଲେ ପ୍ରତ୍ୟେକ ଜୀବନ ତ ଏକ ରୋମାଞ୍ଚକର କାହାଣୀ।

ସାହିତ୍ୟରେ ଗଳ୍ପର ପରିକଳ୍ପନା ଆକସ୍ମିକ ନୁହେଁ। ଏହା ମାନବ ସମାଜର ଅଭ୍ୟୁଦୟ କାଳରୁ ଆରମ୍ଭ ହୋଇ କାଳକ୍ରମେ ବିଭିନ୍ନ ଭାବରେ ବିକାଶ ଲାଭ କରିଛି। ଗଦ୍ୟ ସାହିତ୍ୟରେ ସର୍ବାଦୃତ ମାଧ୍ୟମଟି ହେଲା ଗପ, କଥା ବା କାହାଣୀ। କାହାଣୀକୁ ଯେତିକି ଆଗ୍ରହରେ ପଢ଼ିହୁଏ, ସେତିକି ଆଗ୍

ଦୁର୍ଘଟଣାରେ ଡାକ୍ତରଙ୍କ ମୃତ୍ୟୁ

ନୟାଗଡ଼,୮।୩(ସମିସ): ନୟାଗଡ଼ ଜିଲ୍ଲା ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଲୋରେଲ କୁମାର ସାହୁଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଡା. ଲୋରେଲ କଟକ ଜିଲ୍ଲା ଆଠଗଡ଼ ଅଂଶୁପା ଅଞ୍ଚଳର ବୋଲି ସୂଚନା ମିଳିଛି। ସେ ଗୁରୁବାର ସନ୍ଧ୍ୟାରେ କୌଣସି କାମରେ ଯାଇ ବୁଲଟ୍ରେ ଯୋଗେ ମହୀପୁରରୁ ନୟାଗଡ଼ ଅଭିମୁଖେ ଫେରୁଥିଲେ। ରାତି ପ୍ରାୟ ୧୧.୩୦ରେ ନୟାଗଡ଼ ସଦରଥାନା ନିକଟସ୍ଥ ନୂଆ ବସ୍‌ଷ୍ଟାଣ୍ଡଠାରେ ଏକ ଷଣ୍ଢକୁ ଧକ୍କା ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୟାଗଡ଼ ଟାଉନଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି। ଡା. ଲୋରେଲଙ୍କ ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

ବିଜେଡି ସାଂଗଠନିକ କମିଟି ଗଠିତ

ଭାପୁର,୮।୩(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜୁ ଜନତା ଦଳର ନୂତନ ସାଙ୍ଗଠନିକ କମିଟି ଗଠନ କରାଯାଇଛି। ରାଜ୍ୟ ସଭାପତିଙ୍କ ଅନୁମୋଦନକ୍ରମେ ଏହି କମିଟି କାର୍ଯ୍ୟାରମ୍ଭ କରିଛି। ଏହି କମିଟିରେ ସାଧାରଣ ସମ୍ପାଦକ ଭାବେ ବରିଷ୍ଠ ସାମ୍ବାଦିକ ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଗୀତିକାନ୍ତ ପଣ୍ଡା, ସଂଗ୍ରାମ କେଶରୀ ପଟ୍ଟନାୟକ, ପ୍ରଭାତ କୁମାର ବରାଡ, ପ୍ରଭାତ କୁମାର ପଟ୍ଟନାୟକଙ୍କ ସହ ଅନେକ ବୁଦ୍ଧିଜୀବୀ ସାମିଲ ହୋଇଛନ୍ତି। ସେହିପରି ସାମ୍ବାଦିକ ଭରତ କୁମାର ବେହେରାଙ୍କୁ ଉପସଭାପତି ଦାୟିତ୍ୱ ଅର୍ପଣ କରାଯାଇଛି। ଯୁଗ୍ମ ସମ୍ପାଦକ ଭାବେ ସାମ୍ବାଦିକ ସୁଶାନ୍ତ କୁମାର ପଟ୍ଟନାୟକ ଓ ପ୍ରଭାତ କୁମାର ରାଉତ ସାମିଲ ହୋଇଛନ୍ତି। ଦଳକୁ ଅଧିକ ମଜଭୁତ ଓ ସୁଦୃଢ଼ କରିବା ପାଇଁ ସମାଜର ବୁଦ୍ଧିଜୀବୀ, ସାମ୍ବାଦିକ, ଓକିଲ, ଅବସରପ୍ରାପ୍ତ ଶିକ୍ଷକ, ଉଚ୍ଚ ଶିକ୍ଷିତ ଯୁବ ଗୋଷ୍ଠୀ ଓ ବରିଷ୍ଠ ରାଜନେତାଙ୍କୁ ସାମିଲ କରାଯାଇଛି।

● ଧାନ ଦେଉନି ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ

ଅସୁରକ୍ଷିତ ଜାତୀୟ ପକ୍ଷୀ

ନୟାଗଡ଼,୮।୩(ସମିସ): ଜାତୀୟ ପକ୍ଷୀ ମୟୂର ଅସୁରକ୍ଷିତ। କେତେବେଳେ ଜାତୀୟ ରାଜପଥ ଉପରେ ଜାତୀୟ ପକ୍ଷୀର ଜୀବନ ଯାଉଛି, ତ ପୁଣି କେବେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ସେମାନଙ୍କର ବିନାଶ କରୁଛି। ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବାଣିଗୋଛା ପଶ୍ଚିମ ବନାଞ୍ଚଳରେ ରହିଛି ସାତପୁରୀ ପାହାଡ଼। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ କଡ଼ରେ ଅବସ୍ଥିତ ଏହି ପାହାଡ଼ ଉପରେ ରହିଛି ଗମ୍ଭାରିଗଣ୍ଡା ଗାଁ। ପାହାଡ଼ରେ ଶତାଧିକ ମୟୂରଙ୍କ ଚଳପ୍ରଚଳ ସବୁବେଳେ ଲାଗି ରହୁଛି। ଅନେକ ସମୟରେ ମୟୂର ପଲ୍ଲ ରାସ୍ତା କଡ଼ରେ ଥିବା ଜମିକୁ ଚାଲି ଆସିଥାନ୍ତି। ଜାତୀୟ ରାଜପଥ ଉପରେ ଠିଆ ହେଲେ ନିଶ୍ଚିତ ମୟୂର ସ୍ୱର ଶୁଣିବାକୁ ମିଳେ। କେହି

କେହି ଏହି ପାହାଡ଼ରେ ହଜାରେରୁ ଊର୍ଦ୍ଧ୍ୱ ମୟୂର ରହିଥିବା କହିଛନ୍ତି। ନିକଟସ୍ଥ ଜମିରେ ଧାନ ଅମଳ ସମୟରେ ଶତାଧିକ ମୟୂର ଆସି ଧାନ ଖାଇ ଦେଇଥାନ୍ତି। ବୁଗୁଡ଼ାର ଚାଷୀ ପ୍ରଫୁଲ ନାୟକଙ୍କ ଗତବର୍ଷ ଚାଷ ଜମିରୁ ଆଦୌ ଧାନ ଅମଳ କରିନାହାନ୍ତି। ସବୁଧାନ ମୟୂର ଖାଇ ଦେଇଥିବା କହିଛନ୍ତି। ଦେଶର ଜାତୀୟ ପକ୍ଷୀ ସୁରକ୍ଷା ପାଇଁ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଆଜି ପର୍ଯ୍ୟନ୍ତ କୌଣସି ସୁରକ୍ଷା ବ୍ୟବସ୍ଥା କଥା ଚିନ୍ତା କରି ନାହିଁ। ଅନେକ ମୟୂର ଶିକାରୀଙ୍କ ଦ୍ୱାରା ମୃତ୍ୟୁବରଣ କରୁଥିବା ବେଳେ କିଛି ମୟୂର ଜାତୀୟ ରାଜପଥ ଉପରେ ଗାଡ଼ି ମାଡ଼ରେ ମୃତ୍ୟୁବରଣ କରୁଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ଏହି ଅଞ୍ଚଳରେ ଥିବା ମୟୂରଙ୍କ ଅଣ୍ଡା ସବୁବେଳେ ବିପଦଗ୍ରସ୍ତ ହେଉଛି। ତନ୍ତ୍ର ସାଧନା ପାଇଁ ମୟୂର ଅଣ୍ଡାର ଆବଶ୍ୟକତା ଥିବାରୁ ଅନେକ ଅଣ୍ଡାକୁ ବାହାରକୁ ଚାଲାଣ କରାଯାଉଛି। ଅଣ୍ଡାଗୁଡ଼ିକ ସୁରକ୍ଷିତ ରହିଲେ, ମୟୂର ସଂଖ୍ୟା ନିହାତି ଭାବେ ବୃଦ୍ଧି ପାଇ ପାରନ୍ତା। ଏହା ବ୍ୟତିତ ସ୍ୱତନ୍ତ୍ର ଭାବେ ଜାତୀୟ ରାଜପଥ ପାଶ୍ୱର୍ରେ ତାର ଜାଲି ଦ୍ୱାରା ସୁରକ୍ଷା ପାଚେରି ନିର୍ମାଣ କରାଯାଇ, ସେମାନଙ୍କ ଜୀବନ କାଳକୁ ନିଶ୍ଚିତ କରାଯାଇପାରନ୍ତା। ବ୍ୟାଘ୍ର ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଏଠାରେ ଜାତୀୟ ପକ୍ଷୀର ସୁରକ୍ଷାକୁ ଧ୍ୟାନ ଦିଆଯାଉନଥିବା ଅଭିଯୋଗ ହେଉଛି। ଏନେଇ ବନ୍ୟପ୍ରାଣୀ ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଦାବି ହେଉଛି।

ବିଭିନ୍ନ ସ୍ଥାନରେ ମହାଶିବରାତ୍ରି

ରାତି ୧୨ଟାରେ ଉଠିଲା ଲଡୁବାବାଙ୍କ ମହାଦୀପ

ନୟାଗଡ଼/ଶରଣକୁଳ,୮।୩(ସମିସ)

ନୟାଗଡ଼ ଜିଲ୍ଲା ଶରଣକୁଳ ଲଡୁବାବାଙ୍କ ପୀଠରେ ଶୁକ୍ରବାର ପ୍ରସିଦ୍ଧ ମହା ଶିବରାତ୍ରି ପର୍ବ ଅବସରରେ ଲକ୍ଷାଧିକ ଭକ୍ତ ସନ୍ଧ୍ୟାରେ ମନ୍ଦିର ପରିସରରେ ଏବଂ ଚତୁପାର୍ଶ୍ୱରେ ଦୀପ ଜାଳିଥିଲେ। ପୂର୍ବ ନିର୍ଦ୍ଧରିତ ନୀତି ଅନୁଯାୟୀ ରାତି ୧୨ଟାରେ ମହାଦୀପ ଉଠିଥିଲା। ରାତ୍ରି ୧ଟା ପର୍ଯ୍ୟନ୍ତ ପ୍ରବଳ ଜନଗହଳି ଲାଗି ରହିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ନୟାଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ କର୍ଣ୍ଣଧାର ସମାଧାନ, ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ଶରଣକୁଳ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଥାନା ଅଧିକାରୀ ପୁଷ୍ପଲତା ବେହେରା, ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ଭାବରେ ମହା ଶିବରାତ୍ରୀ ପାଳନ ପାଇଁ ତଦାରଖ କରିଥିଲେ। ଗୁରୁବାର ରାତ୍ର ୧୨ଟାରେ ମନ୍ଦିର ଖୋଲାଯାଇ ଭୋର ୩ ଘଣ୍ଟା ମଧ୍ୟରେ ଠାକୁରଙ୍କ ସକାଳ ଅବକାଶ ନୀତିଠାରୁ ସକାଳର ସମସ୍ତ ପୂଜା ନୀତି ସମାପନ କରାଯାଇ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ରହିଥିଲା। ମାତ୍ର ୧ ଘଣ୍ଟା ମଧ୍ୟରେ ସନ୍ଧ୍ୟା ପୂଜାନୀତି ସଂପନ୍ନ କରାଯାଇ ରାତ୍ର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ରହିଥିଲା। ଲଡୁବାବାଙ୍କ ଚଳନ୍ତି ପ୍ରତିମା ପ୍ରଭୁ ଚନ୍ଦ୍ରଶେଖର ଦକ୍ଷିଣ ଦ୍ୱାର ଦେଇ ବେଢ଼ା ପରିକ୍ରମା କରିଥିଲେ। ନିର୍ଦ୍ଧାରିତ ସମୟ ଅନୁଯାୟୀ ରାତ୍ର ୧୨ଟା ସମୟରେ ମହାଦୀପ ଉଠିଥିଲା। ପରମ୍ପରା ଅନୁଯାଇ ରାତ୍ର ୧ଟା ମଧ୍ୟରେ ଠାକୁର ତିନି ଘେରା ବେଢ଼ା ପରିକ୍ରମା କରିଥିବା ବେଳେ ତିନି ମହାଦୀପ ଉଠିଥିଲା। ପ୍ରବଳ ଭକ୍ତ ସମାଗମ ହୋଇଥିବାରୁ ଶାନ୍ତି ଶୃଙ୍ଖଳା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ୪ ଇନ୍ସ୍ପେକ୍ଟର, ୮ ଜଣ ଏସଆଇ, ୧୫ ଜଣ ଏଏସଆଇ, ୨୬ କନେଷ୍ଟବଳ, ୫୦ ହୋମଗାର୍ଡ ଓ ୩ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଏଥି ସହିତ ମନ୍ଦିର କର୍ମଚାରୀ, ଶରଣକୁଳ ମହାବିଦ୍ୟାଳୟ, ନୟାଗଡ଼ ସତ୍ୟସାଇ ପରିବାର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ରଣପୁର: ରଣପୁରର ବିଭିନ୍ନ ସ୍ଥାନରେ ବହୁ ଆଡ଼ମ୍ବରରେ ମହା ଶିବରାତ୍ରି ପାଳନ କରାଯାଇଛି। ରଣପୁର ଅଞ୍ଚଳର ପଞ୍ଚୁ ମହାଦେବ ତଥା ସ୍ୱପ୍ନେଶ୍ୱର ମନ୍ଦିର, ଚଣ୍ଡେଶ୍ୱର ମନ୍ଦିର ସମେତ ସୁର୍କାବାଡ଼ି ଭୋଳେଶ୍ୱର ମନ୍ଦିରଠାରେ ମହାଶିବରାତ୍ରି ତଥା ଜାଗର ଯାତ୍ରା ପାଳିତ ହୋଇଛି। ଏଥିରେ ହଜାର ହଜାର ଉପାସକ, ଶ୍ରଦ୍ଧାଳୁ ସାମିଲ ହୋଇ ଦୀପ ପ୍ରଜ୍ୱଳନ ସହିତ ହରିହର ଭେଟ ଏବଂ ମହାଦୀପ ଦର୍ଶନ କରିଥିଲେ। ସୁର୍କାବାଡ଼ିସ୍ଥିତ ଭୋଳେଶ୍ୱର ମନ୍ଦିରଠାରେ ଅନେକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ସମସ୍ତଙ୍କ ପାଇଁ ଅନ୍ନଛତ୍ର ଖୋଲା ଯାଇଥିଲା।

ଓଡ଼ଗାଁ : ପବିତ୍ର ମହାଶିବରାତ୍ରି ତଥା ଜାଗର ଉପଲକ୍ଷେ ରାଜ୍ୟର ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇପଡ଼ିଛି। ଏହି ଅବସରରେ ଓଡ଼ଗାଁ-ବାହାଡାଝୋଲା ରାସ୍ତାର ଜାମୁପାଟଣାର ଶୁଳିଆ ପାଦଦେଶରେ ବିରାଜିତ ଦେବ ଦେବ ମହାଦେବ ଶୁଳପାଣି ବାବା ଦୂତୀକେଶ୍ୱରଙ୍କ ପୀଠରେ ମହା ସମାରୋହରେ ଜାଗର ପର୍ବ ପାଳିତ ହୋଇଛି। ଏଥିସହିତ ଓଡ଼ଗାଁ ଶ୍ରୀ ରଘୁନାଥ ଜିଉଙ୍କ ମନ୍ଦିର ବେଢ଼ା ଓ ରାମସାଗର ଠାରେ ବିରାଜିତ ରାମେଶ୍ୱର, କୁରାଳ ବିଜେ ଚଣ୍ଡେଶ୍ୱର, ବାଲୁଙ୍କେଶ୍ୱର, ରାମେଶ୍ୱର ଓ ବୈଦ୍ୟନାଥଙ୍କ ପୀଠରେ ଶ୍ରଦ୍ଧାଳୁ ଓ ମାନସିକଧାରୀ ଜାଗର ଜାଳିଥିଲେ। ଦୂତିକେଶ୍ୱରଙ୍କ ପୀଠରେ ଭୋର୍ ୩ଟାରୁ ଦ୍ୱାରଫିଟା ହୋଇ ୪ଟା ପର୍ଯ୍ୟନ୍ତ ଅବକାଶ ନୀତି ଅନୁଷ୍ଠିତ ହୋଇଥିବା ବେଳେ ସକାଳ ୧୦ରୁ ରାତି ୧୦ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ସାହାଣମେଲାରେ ବାବାଙ୍କ ଦର୍ଶନ କରିଥିଲେ। ସେହିପରି ଓଡ଼ଗାଁ ବିଜେ ଶ୍ରୀ ରଘୁନାଥ ଜିଉଙ୍କ ବେଢ଼ା ସହିତ ରାମସାଗର ପୋଖରୀ ନିକଟ ରାମେଶ୍ୱର, ବାହାଡ଼ାଝୋଲାର ବାବା ଫୁଲେଶ୍ୱର, ଗୋଠବଣ ନୀଳକଣ୍ଠେଶ୍ୱର, ରାବରା ମଧୁକେଶ, ଗିରିଡିପଲ୍ଲୀ କଣ୍ଠେଶ୍ୱର, କୋମଣ୍ଡ ଗୁପ୍ତେଶ୍ୱରଙ୍କ ସମେତ ଅନ୍ୟ ଶୈବପୀଠରେ ମାନସିକଧାରୀ ଜାଗର ଦୀପ ଜାଳିଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ଓଡ଼ଗାଁ ଥାନା ପକ୍ଷରୁ ସମସ୍ତ ଶୈବପୀଠରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଥିଲା।

ଭାପୁର: ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ସମସ୍ତ ଶୈବପୀଠ ମାନଙ୍କରେ ଜାଗର ଯାତ୍ରା ଆୟୋଜିତ ହୋଇଯାଇଛି। ହଜାର ହଜାର ଶିବ ଭକ୍ତମାନେ ମହାଦୀପ ଉଠିବା ପର୍ଯ୍ୟନ୍ତ ଦୀପ ଜାଳି ମନ୍ଦିର ପରିସରରେ ବସି ରହିଥିଲେ। ବ୍ଲକର ବାଘୁଆପଲ୍ଲୀ ଶିବ ମନ୍ଦିର, ବାଇଗୁଣିଆ ପଞ୍ଚାୟତ ଖୁଣ୍ଟୁପଡା ଶିବ ମନ୍ଦିରରେ ହଜାର ହଜାର ଭକ୍ତ ଏକତ୍ରିତ ହୋଇଥିବାରୁ ପୁଲିସ ପ୍ରଶାସନ ସ୍ୱତନ୍ତ୍ର ଭାବେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମୁତୟନ ରହିଥିଲେ। ଦୁଇଟି ପାଟ୍ରୋଲିଂ ଭ୍ୟାନ ରାତି ସାରା ବିଭିନ୍ନ ସ୍ଥାନରେ ପହରା ଦେଇଥିଲେ। ବାଘୁଆପଲ୍ଲୀ ଶିବ ମନ୍ଦିର ପରିସରରେ ଜାଗର ମହୋତ୍ସବ ଉପଲକ୍ଷେ ଭଜନ ସନ୍ଧ୍ୟାର ଆୟୋଜନ ହୋଇଥିଲା। ଖୁଣ୍ଟୁପଡାଠାରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟ ସହ ଅପେରା ଯୋଗୁଁ ବହୁ ଜନସମାଗମ ହୋଇଥିଲା। ଭାପୁର, ମାଳିବେରେଣୀ, ତରବାଲୋ, କରବର, ପଦ୍ମାବତୀ, ଖଇରଗାଡିଆ, ବଡସହରା, ଫତେଗଡ଼ ଶିବ ମନ୍ଦିରରେ ମଧ୍ୟ ସ୍ୱତନ୍ତ୍ର ଭାବେ ଯାଗର ଯାତ୍ରା ଆୟୋଜନ ହୋଇଥିଲା।

ଖଣ୍ଡପଡ଼ା: ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଖଣ୍ଡପଡ଼ା ସହର ସମେତ ସମସ୍ତ ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହୋଇ ଉଠିଛି। ସକାଳୁ ଶୈବପୀଠଗୁଡିକରେ ପୂଜାର୍ଚ୍ଚନା ନିମନ୍ତେ ଶତାଧିକ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଖଣ୍ଡପଡା ସହରର ପ୍ରଭୁ ନୀଳକଣ୍ଠେଶ୍ୱର ଦେବ, ବନ୍ଧବିମଲେଶ୍ୱର ମହାଦେବ, ଖଲିସାହି ନୀଳକଣ୍ଠେଶ୍ୱର ଦେବ, କଣ୍ଟିଲୋ ସିଦ୍ଧେଶ୍ୱର ମହାଦେବ, ସିଧାମୂଳା ଆଖଣ୍ଡଳମଣି ଦେବ, ବୋଦସା ବାଲୁଙ୍କେଶ୍ୱରଦେବ, ବାଘୁଆପଲ୍ଲୀ ବାବା ଆଖଣ୍ଡଳମଣି, ବନମାଳିପୁର ସୋମନାଥ ଦେବ, ବାହାଡ଼ା ଲୋକନାଥ ଦେବଙ୍କ ପୀଠରେ ଏହି ଅବସରରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ସମୟରେ ମନ୍ଦିର ବେଢ଼ାରେ ପ୍ରଦୀପ ପ୍ରଜ୍ୱଳନ ନିମନ୍ତେ ଶତାଧିକ ମହିଳା ଏବଂ ପୁରୁଷଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

ଖୋଲାରେ ପଡ଼ିଛି ଲକ୍ଷାଧିକ ଟଙ୍କାର ବ୍ୟାୟାମ ଉପକରଣ

ଖଣ୍ଡପଡ଼ା,୮।୩(ସମିସ): ଖଣ୍ଡପଡ଼ା ସହରାଞ୍ଚଳକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଖୋଲା ବ୍ୟାୟାମଶାଳା ଓ ଶିଶୁଙ୍କ ନିମନ୍ତେ ବିଭିନ୍ନ ସ୍ଥାନରେ ଥିବା ପାର୍କରେ ଖେଳଣା ଉପକରଣରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ରକ୍ଷଣାବେକ୍ଷଣ ଅଭାବରୁ କିଛି ବର୍ଷ ମଧ୍ୟରେ ସେ ସବୁ ନିଜର ପରିଚୟ ହରାଇବା ସ୍ଥିତିକୁ ଚାଲି ଆସିଛି। ଆଉ କିଛି ଲକ୍ଷାଧିକ ଟଙ୍କାର ନୂତନ ଉପକରଣ ଏବେ ଅସୁରକ୍ଷିତ ଭାବରେ ପଡ଼ି ରହିଛି। ଏପରି ଦେଖିବାକୁ ମିଳିଛି ସହରାଞ୍ଚଳ ଅଧୀନ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ। ସହାରାଞ୍ଚଳ ଅଧୀନ ୧ନଂ ୱାର୍ଡ କରଡ଼ାବଣି ଠାରେ ଥିବା ବର୍ଜ୍ୟବସ୍ତୁ ପରିଚାଳନା ଓ ମଳ ପ୍ରକ୍ରିୟାକରଣ ପରିସର ମଧ୍ୟରେ ନିର୍ମାଣ ହେବାକୁ ଥିବା ଶିଶୁ ଉଦ୍ୟାନ ଏବଂ ଖୋଲା ବ୍ୟାୟାମ ଶାଳା ନିମନ୍ତେ ବ୍ୟାୟାମ ଉପକରଣ ଓ ଖେଳଣା ସାମଗ୍ରୀ ଗତ ଫେବୃଆରୀ ମାସରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। ଏସବୁ ଉପକରଣକୁ ସୁରକ୍ଷିତ ଭାବେ ରଖିବା ପରିବର୍ତ୍ତେ ଲକ୍ଷ ଲକ୍ଷ ଟଙ୍କାର ମୂଲ୍ୟବାନ ଉପକରଣ ପ୍ରତି ଆଖି ବୁଜି ଦେଇଥିବା ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ମୁକ୍ତା ଯୋଜନାରେ ସୁନାମୁହିଁ ପାର୍କଠାରୁ ଆରମ୍ଭ କରି ପଠାଣି ସାମନ୍ତ ବ୍ୟାୟାମଶାଳା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଆଦି ବିଭିନ୍ନ ସ୍ଥାନରେ ଏହିସବୁ ସାମଗ୍ରୀ ବ୍ୟବହାର କରାଯାଇଛି। ମାତ୍ର ଏସବୁର ଉଚିତ ରକ୍ଷଣାବେକ୍ଷଣ ଅଭାବରୁ କେତେକ ଜିନିଷ ଚୋରି ହୋଇଛି ତ ଆଉ କେତେକ ଜିନିଷ ଭାଙ୍ଗିରୁଜି ଗଲାଣି।

ସୂଚନା ଅନୁଯାୟୀ, କିଛିମାସ ତଳେ ସହର ମଧ୍ୟରେ ଥିବା ବ୍ୟାୟାମ ଶାଳାରୁ କିଛି ଦୁର୍ବୃତ୍ତ ମୂଲ୍ୟବାନ ସାମଗ୍ରୀ ଚୋରି କରି କବାଡ଼ିଆ ଗୋଦାମରେ ବିକ୍ରି କରିଥିବା ଘଟଣାରେ ଜେଲ୍ ଯାଇଥିବା ନଜିର ରହିଛି। ଏପରି ସ୍ଥଳେ କାହା ଭରସାରେ ଏନ୍‌ଏସି କର୍ତ୍ତୃପକ୍ଷ ମୂଲ୍ୟବାନ ବ୍ୟାୟାମ ଉପକରଣ ବାହାରେ ପକାଇ ନିଶ୍ଚିନ୍ତ ହୋଇ ପଡ଼ିଛନ୍ତି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରା ଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିନାହିଁ। ତୁରନ୍ତ ଜିଲ୍ଲା ପ୍ରଶାସନ ଏବଂ ଏନ୍‌ଏସି କର୍ତ୍ତୃପକ୍ଷ ଏ ଦିଗର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ

ନୟାଗଡ଼,୮।୩(ସମିସ)

ନୟାଗଡ଼ ପଞ୍ଚାୟତ ସମିତି ସଭା ଗୃହରେ ଆଜି ବିଶ୍ୱ ମହିଳା ଦିବସ ସେତୁବନ୍ଧ ଓ ଜିଲ୍ଲା ଲେଖିକା ସଂସଦ ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ବିଶ୍ୱେଷ କୁମାର ସାହୁ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୟାଗଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ବିଭିନ୍ନ ସମସ୍ୟା, ସମାଧାନର ବାଟ ଦେଖାଇଥିଲେ। କନ୍ୟାଭ୍ରୂଣ ହତ୍ୟା, ବାଲ୍ୟ ବିବାହ ଓ କର୍ମଜୀବୀ ମହିଳାଙ୍କର ସମସ୍ୟା ଉପରେ ଆଲୋଚନା କରିଥିଲେ। ବକ୍ତା ଭାବେ ପ୍ରିୟମ୍ବଦା ଦାଶ ଥିବାବେଳେ ବସିରନ ବି ବି ସଭାପତିତ୍ୱ କରିଥିଲେ। ସେତୁବନ୍ଧ ସମ୍ପାଦିକା ଉଷାମଣୀ ମିଶ୍ର ସ୍ୱାଗତ ଭାଷଣ, ଅଥିତି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଶତାଧିକ କବି କବୟିତ୍ରୀ ଯୋଗ ଦେଇଥିଲେ। ଆଶୁତୋଷ ମିଶ୍ର, ପ୍ରତାପ ସାହୁ, ଗୋପୀନାଥ ସେଠୀ, ସୁଜାତା ତ୍ରିପାଠୀ, ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ନାରୀ ମାନଙ୍କର ସମାସ୍ୟା ଓ ତାର ସମାଧାନ ସମ୍ବଳିତ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ନିରୁପମା ଖଟେଇ ଅଧକ୍ଷା ପୌର ପରିଷଦ ନୟାଗଡ଼ ଯୋଗଦେଇ ନାରୀ ପୁରୁଷର କେତେ ଆବଶ୍ୟକ ସେ ନେଇ ଆଲୋଚନା କରିଥିଲେ। ଶାନ୍ତିଲତା ମିଶ୍ର, ଗୀତାଞ୍ଜଳି ମହାପାତ୍ର, ପ୍ରିୟମ୍ବଦା ଦାଶ, ସୌଦାମିନୀ ସ୍ୱାଇଁଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀମାନେ କବିତା, ପ୍ରବନ୍ଧ ଲେଖି ସମ୍ମାନିତ ହୋଇଥିଲେ। ମମତା ମଞ୍ଜରୀ ଦେବୀ ଓ ସସ୍ମିତା ମିଶ୍ର କବିତା ସଂଯୋଜନା କରିଥିଲେ। ଉପସ୍ଥିତ ସମସ୍ତ କବି ଓ କବୟିତ୍ରୀଙ୍କୁ

ଆଜିର ଇତିହାସ

- ୧୯୧୬- ଜର୍ମାନୀ ପର୍ତ୍ତୁଗାଲ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୯୫୨- ଭାରତର ପ୍ରସିଦ୍ଧ ତବଲା ବାଦକ ଜାକିର୍ ହୁସେନ୍‌ଙ୍କ ଜନ୍ମ ।
- ୧୯୭୩- ଲଣ୍ଡନ ଆୟରଲ୍ୟାଣ୍ଡରେ ହୋଇଥିବା ଏକ ଜନମତ ସଂଗ୍ରହରେ ଜନତା ବ୍ରିଟେନ ସହିତ ରହିବା ସପକ୍ଷରେ ଭୋଟ ଦେଲେ ।
- ୧୯୯୪- ଅଲିନେଡ୍ରା ଦେବିକା ରାନାଙ୍କ ଦେହାନ୍ତ ।
- ୨୦୧୮- ବିପ୍ଳବ କୁମାର ଦେବ ତ୍ରିପୁରାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ।

ଟମାଟୋରେ ହଳଦି ଉତ୍ସବ

ଆଜିକାଲି ବାହାଘରଠୁ ଅଧିକ ଜାଙ୍କଜମକରେ ହଳଦି, ସଙ୍ଗୀତ ତଥା ମେଘେନ୍ଦି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ତେବେ ଗତ ମାସରେ ଘୁମୁାଇରେ ଏମିତି ଏକ ହଳଦି ଉତ୍ସବ ଆୟୋଜିତ ହୋଇଥିଲା, ଯେଉଁଥିରେ ହଳଦି ପରିବର୍ତ୍ତେ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ପାଲଟିଥିଲା ଟମାଟୋ । ପୀଯୂଷ ଏଙ୍କ ମାଲିକା ନିଜ ହଳଦି ଉତ୍ସବକୁ ଭିନ୍ନ କରିବା ଉଦ୍ଦେଶ୍ୟରେ ଏଭଳି କିଛି କରିଥିଲେ ଚାହିଁ, ଏନେଇ ସେମାନଙ୍କୁ ସମ୍ପାଲୋଚନାର ଶିକାର ହେବାକୁ ପଡିଛି । ସେମାନେ ଏଭଳି ଭାବେ ଟମାଟୋକୁ ହଳଦି ଉତ୍ସବରେ ବ୍ୟବହାର କରିଛନ୍ତି, ଯାହାକି ଏବେ 'ଟମାଟିନା ହଳଦି' ଭାବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ତେବେ ଏ ଦୁଇଟି ଷ୍ଟେନର ପ୍ରତିବଂ ଲା ଟମାଟିନା ଉତ୍ସବକୁ ପ୍ରେରିତ ହୋଇ ନିଜର ହଳଦି ଉତ୍ସବରେ ହଳଦି ପରିବର୍ତ୍ତେ ଟମାଟୋ ବ୍ୟବହାର କରିଥିବା ଜଣାପଡ଼ିଛି । ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମ୍ପୂର୍ଣ୍ଣ ନଜରକୁ ଆସିଛି । ଏଥିରୁ ଦେଖିବାକୁ ମିଳିଛି, ହଳଦି ଉତ୍ସବରେ ବହୁ ପରିମାଣର ଟମାଟୋକୁ ତଳେ ଖଣ୍ଡାଯାଇଛି । ତା'ପର ଉତ୍ସବକୁ ଆସିଥିବା ଅତିଥିମାନେ ଟମାଟୋକୁ ଗୋଡ଼ରେ ଚକଚୁନ୍ଥନ୍ତି । ତେବେ ଏଭଳି ଉତ୍ସବକୁ ଲୋକମାନେ ନାପସନ୍ଦ କରି ଏହାଦ୍ୱାରା ଖାଦ୍ୟ ନଷ୍ଟ ହେଉଥିବା କହିଛନ୍ତି । ଏପରିକି ଲା ଟମାଟିନା ଉତ୍ସବରେ ପଠାଣ୍ଡଡ଼ା ଟମାଟୋର ବ୍ୟବହାର କରାଯାଉଥିବା ତେବେ ସେମାନେ ଏହି ଉତ୍ସବରେ ଭଲ ଟମାଟୋକୁ ଉପଯୋଗ କରି ସମାଜକୁ ଭଲ ବାର୍ତ୍ତା ଦେଲେ ନଥିବା ଅନେକ ମତ ଦେଇଛନ୍ତି ।

ଅପ୍ରେଲ୍‌ରୁ 'ସାଲାର୍-୨'ର ସୁଟିଂ

ହୋମ୍‌ବଲେ ଫିଲ୍ମସ୍ ଭାରତୀୟ ସିନେମାର ପ୍ରତିଷ୍ଠିତ ପ୍ରଯୋଜନା ସଂସ୍ଥା ମଧ୍ୟରୁ ଅନ୍ୟତମ । ଏହି ପ୍ରଡକ୍ସନ୍ ହାଉସ୍ 'କେଜିଏଫ୍ ପାର୍ଟ ୧' ଏବଂ ୨' ଓ 'କାନ୍ତାରା' ଭଳି ଫିଲ୍ମର ପ୍ରଯୋଜନା କରି ଦର୍ଶକଙ୍କ ମନୋରଞ୍ଜନ କରିଛି । ଏହି ପ୍ରଯୋଜନା ସଂସ୍ଥା ଦ୍ୱାରା ନିର୍ମିତ 'ସାଲାର୍ ପାର୍ଟ ୧-ସିଜ୍‌ଫାୟାର୍' ବକ୍ସଅଫିସ୍ ସାଂଘାତ୍ମକ ହୋଇଥିଲା । ଏହା ସାରା ବିଶ୍ୱରେ ୬୦୦ କୋଟି ଆୟ କରିଥିଲା । ଆହୁରି ମଧ୍ୟ ଭରପୁର ଏହି ଫିଲ୍ମର ଦ୍ୱିତୀୟ ପାର୍ଟକୁ ଏବେ ଦର୍ଶକଙ୍କ ଅପେକ୍ଷା କରିଛନ୍ତି । ତଳିତ ଅପ୍ରେଲରୁ ଏହାର ସୁଟିଂ ଆରମ୍ଭ ହେବ ବୋଲି 'ସାଲାର୍' ରେ ଅଭିନୟ କରିଥିବା ଅଭିନେତା ବବି ସିମ୍ହା ନିଜସ୍ୱରେ ଘଣ୍ଟାମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି । ଏହାର କାହାଣୀ ଲେଖା ସରିଛି । ୨୦୨୪ରେ ଏହା ରିଲିଜ୍ ହେବ ବୋଲି ସେ କହିଛନ୍ତି । ତେବେ 'ସାଲାର୍' ଅପେକ୍ଷା ଏହାର ସିକ୍ୱେଲରେ ଆହୁରି ଜଙ୍କଷ୍ଟରର ଆକ୍ସନ୍ ସିନ୍ ରହିବ ବୋଲି କୁହାଯାଉଛି ।

ନୂଆରୁ ପୋଖତ

ରୋଗାଟି ବିଛଣାରେ ଶୋଇଚି । ଡାକ୍ତରଖାନାର କର୍ମଚାରୀମାନେ ଅପରେସନ ପାଇଁ ଆବଶ୍ୟକପତ୍ର ସଜାଡୁଚନ୍ତି । ଡାକ୍ତର ଇଜେଜବରମ ସିରିଞ୍ଜ ଧରି ଠିଆ ହେଇଚନ୍ତି । ରୋଗାଟି ଭୟରେ ଥରିଥରି ହାଉଭାଡ଼ି କେନ୍ଦୁରା ହେଇ କହୁଚି, "ସାର୍, ମତେ ସିରିଞ୍ଜ ଦେଖିଲେ ଡର ଲାଗେ । ଛୁରି କଣ୍ଟି ଦେବେ ମୋ ଦେହରେ ବାଜିନାହିଁ । ପ୍ରଥମ ଥର ମୋ'ର ଅପରେସନ୍, ମୋତେ ଭାରି ଡର । ଡାକ୍ତର ରୋଗୀକୁ ସାନ୍ତ୍ୱନା ଦେଲେ କହୁଚନ୍ତି, "ଆରେ ରଚିବାର କ'ଣ ଅଛି ? ମତେ ଦେଖ । ମୁଁ ତ ପ୍ରଥମଥର ଅପରେସନ କରୁଚି । ମୁଁ ଟିକେ ହେଲେ ଡରୁଚି କି?"

ରୋଗୀ ଏକଥା ଶୁଣି ଜ୍ଞାନିଆଁହେଇ ଉଠିବସିପଡ଼ିଲା । ଏଇ ହସଉଥାଟିକୁ ବି ଥରେ ଗମ୍ଭୀରତା ସହ ଭାବିବା ଦରକାର । ସମସ୍ତେ ସବୁକଥାରେ ପୋଖତ ଖୋଜନ୍ତି । ନୂଆଲୋକକୁ କେହି ସହଜେ ଗ୍ରହଣ କରନ୍ତି ନାହିଁ । ନୂଆ ଡ୍ରାଇଭର ଗାଡ଼ିଚଳା, ନୂଆମିସ୍ତ୍ରି ହାତରେ ଘରଚୋରା, ନୂଆ ସାଇଚିଂକୁ ମଞ୍ଚ ବଣଣ କି ନୂଆ ଡାକ୍ତର ପାଖରେ ଚିକିତ୍ସା କରେଇବାକୁ କେହି ସହଜରେ ରାଜି ହୁଅନ୍ତି ନାହିଁ ।

ହାଟ ମଝିରେ ବ୍ରହ୍ମଜ୍ଞାନ

କେହି ସିଧାସଳଖ ପୋଖତ ହେଇଯା'ନ୍ତି ନାହିଁ । ଅଭ୍ୟାସ ବଳରେ ଧୀରେ ଧୀରେ ପୋଖତ ହୁଅନ୍ତି । ବାହାରେ ହାତ ହଲେଇ ତ କେହି ପଚାଁରା ଶିଖି ପାରିବନି ନା । ତାକୁ ପାଣି ଭିତରେ ପଶିବାକୁ ପଡ଼ିବ । ଧୀରେ ଧୀରେ ଅରୋଅଧେ ପାଣି ଚୋଚି ସେ ଭଲ ପହଁରାଳି ହେବ ।

ତେବେ ନୂଆକୁ ଚିହ୍ନି ତାକୁ ଉତ୍ସାହିତ କରିବାର ଦାୟିତ୍ୱ କେହି କେହି ପୋଖତ ମଣିଷଙ୍କୁ ନେବାକୁ ପଡ଼େ । ହେଲେ ପ୍ରଥମେ ଜଣକୁ ଜାଣିବାକୁ ପଡ଼ିବ ସେ ନୂଆ ନା ପୋଖତ । ଏଥିପାଇଁ ଟିକେ ଗଭୀର ଅନୁଧ୍ୟାନ ଦରକାର । ଗାଡ଼ି ଚଳେଇବାକୁ ଡ୍ରାଇଭର୍‌ଟିଏ ଆସିଲା । ପୋଖତକୁ କି ଚେହେରାକୁ ଜାଣି ହେବନି ସେ ନୂଆ କି ପୋଖତ । ହେଲେ ଗାଡ଼ି ଚଳେଇଲାବେଳେ ସେ ଯଦି ବ୍ରୁକ୍ସ, ବ୍ରେକ୍ ପାଇଁ ପାବକୁ ଅନଭଜି ଜିମ୍ବା ଶହେ ମିଟର ଦୂରରୁ ଗାଡ଼ିଟେ ଦେଖି ତରୁଚି, ଜାଣିପିବେ ଯେ ଡ୍ରାଇଭରଟି ନୂଆ । ତାକୁ ଟିକେ ସାହାସ ଦେବେ - ତଳକୁ ଅନାନା କି ତରନା । ଶହେ କିଲୋମିଟର ପରେ ସେ ପୋଖତ ହେଇଯିବ । କୋଉ କବିର କବିତାଟିଏ 'ଏକାଳ'ରେ ଯଦି ବାହାରିବି, ସେ ତାକୁ ତୁରନ୍ତ ଦୋସିଆଲ ମିଡିଆରେ ପକେଇବ । ତା'ର କେରେକ୍ଟ କରି ବିଭିନ୍ନ ଲୋକଙ୍କୁ ବାଣ୍ଟିବ । ମୁଖସ୍ଥ କରି କବିତାକୁ ଆପଣଙ୍କୁ ଶୁଣେଇବ, ଆଉ ପଚାରିବ 'ଭଲ ହେଉଚି ନା ? ଆପଣ 'ହଁ' ମାରିଲେ କହିବ- 'ଏକାଳ'କୁ ଗୋଟେ ଚିଠି ଦେଇନାହାନ୍ତି ଆପଣ? ଏଇଠି ଆପଣ ତାକୁ ଏସବୁରୁ ନିବୃତ୍ତ ରହି ଅଧିକ ଭଲ କେଖିବାର ପ୍ରେରଣା ଦେବେ ସେ ପୋଖତ ହେବ ।

ଏହି ଭଳି ବିଭିନ୍ନ ବୃତ୍ତିର ନୂଆ ଚେହେରାକୁ ଆମ୍ଭେ ଅନୁଧ୍ୟାନ କରିବୁ । ସବୁଠୁ ମଜାଦାର ଚରିତ୍ରଟି କିନ୍ତୁ ଥିଲା - ନୂଆ ନୂଆ ଧନୀ ହେଇଥିବା ଲୋକଟି ।

ଧନୀଟେଲା କଟିର ଗରୁକୁ ପଣି ଶିଢ଼ି ଚଢ଼ିଲାବେଳେ ସେ କହିଲା –ଧୀରେ ଚାଲନ୍ତୁ । ଏଇ ମାର୍ବଲଗୁଡ଼ା ଭାରି ଚିକ୍କଣ । ରାଜହସ୍ତାନରୁ ଫୁଟ ତିନି ହଜାର ଲେଖାଁ ଦେଇ ଯାଜୁ ଆଣିଥିଲି ।

ଜୋତାଷ୍ଟାଣ୍ଡ ପାଖରେ ଜୋତାଟିଏ ଦେଖେଇ କହିଲା – ଏଇ ଜୋତା ପାଖେ ଜୋତାଟା ଦଖିଦିଅନ୍ତୁ । ଏଇ ଜୋତାର ନାଁ ୱାଲର ସ୍ପୁ । ଲୁଏଟରୁ ଆଣିଥିଲି । ନାଁ ସିମା ୱାଲର୍ ସ୍ପୁ, ଦାମ୍ ଆମ ଟଙ୍କାରେ ହିସାବ କଲେ ପାସର ହଜାର ଟଙ୍କା ।

ଗରର ଯାବତୀୟ ଛୋଟବଡ଼ ଜିନିଷର ଦାମ୍ ବଢାଶିଲା । ଶେଷରେ ଦେଇଥିବା କାଜୁ- ବିସ୍କୁଟ୍ କୋଉଠୁ ଆସିଛି, ଆଉ ତା'ର ଦାମ୍ କେତେ, ତାହା ବି ବଢାଶିଲା । ଏସବୁ ବେଶେଖ ଦେବାରୁ ମୁଁ ବୁଝିଲି ଯେ ଲୋକଟା ନୂଆ ନୂଆ ଧନୀ ହେଇଚି । ଏଇ ଧନୀକୁ ପୋଖତ ଧନୀ କରିବା ନିମନ୍ତେ ବୋଧେ ମତେ ପଚାରିବାର ଥିଲା- ଏଇ ଜିନିଷର ଦାମ୍ କେତେ ? ସେଇ ଜିନିଷର ଦାମ୍ କେତେ?

ଲୋକଟା ସେ ସୁଯୋଗ ଦେଲେ ତ ପଚାରିବି ।■

- ଜ୍ଞାନ ହୋତା
ଚହଟା, ବିଦ୍ୟାନାସୀ, କଟକ-୧୪

ଓଁ ନମଃ ଶିବାୟ

ଲୁଙ୍ଗ ବିହାରୀ ସାହୁ

ସଞ୍ଜବେଳେ ବୋଉ ବସିଗଲୁଥିଲା ଶିବଙ୍କର ବେଢ଼ା ପରେ, ଜାଗର ଦୀପରେ ଜୁଳା ଘିଅ ଦେଇ ଜଳୁଥିଲା ପଞ୍ଚାକ୍ଷରେ । 'ଓଁ ନମଃ ଶିବାୟ' ତୁମାରି ଜୁଆରେ ବସିଛି କରୁଣା ପାଇଁ, ଶିବରାତ୍ରୀ ଆଜି ଜଳଦ ଗାଜଳି ରହିଛି ତୁମଙ୍କୁ ଚାହିଁ । ବେଳେ ବେଳେ ବୋଉ ବେଢ଼ା ଜୁଳୁଥିଲା ଶିବଙ୍କ ମଢ଼ିମା ଗାଇ, ବେଢ଼ା ତୁଲିଆସି ଦୀପ ପାଖେ ବସି ରୁଥିଲା ଶିବେ ଧ୍ୟାୟ । ବୋଉ ପାଖେ ବସି କହୁଥିଲି ମୁଁ ସବାକୁ ଉପାୟ ରହି, ମୋ ଲାଇପାଇଁ ଦୀପରେ ଜାଳୁତୁ ସବୁ ଦୁଖ ତକ ସହି ।

ମହାଦୀପ ପରା ଉଠିଲାବେଳକୁ ଭକତିରେ ଚାହୁଁଥିଲୁ, ମୋ ହାତ ଧରିକି କହୁଥିଲି ଥିରି ଭଲୁଥାରେ ଶିବ 'ବିଲୁ' । ମହାଦେବଙ୍କର ପାହୁଚ ପିଇ ତୁ ପେଟୁଥିଲୁ ଘର ଚାଟଟ, ବାଟସାରା ମୋତେ କହିଯାଉଥିଲୁ ଶିବରାତ୍ରୀ ଗପ ଗୋଟେ । ତୋଆଣି କଥାରେ 'ହୁଁ' ମାରୁଥିଲି କହୁଥିଲୁ ସୁନାପୁଅ, ମୁଁ ହୋଇଗଲେ ଆକାଶର ତାରା ଜାଳିକୁନି ଜେବେ ଲୁଚ । ନିତି ଜଳୁଥିଲୁ ଶିବ ପଞ୍ଚାକ୍ଷର ମନରେ ମନାସି ଶିବ, ଶିବରାତ୍ରି ଦିନ ଦୀପ ଜାଳୁଥିଲୁ ଠାକୁର ତୋ' ପାଖେ ଥିବ । ବୋଉ ଏବେ ମୋର ଆକାଶର ତାରା ଦିବିଦିବି ଜଳୁଅଛି, ଆଜି ଶିବରାତ୍ରୀ ଜାଗର ଜାଳୁଛି ବୋଉ କଥା ଭାବୁଅଛି ।■

ପାଟପୁଡ଼ା, ଭୁବନେଶ୍ୱର
ମୋ- ୭୦୦୮୮୨୪୨୦୪୦

ସକାଳ ଶିଶୁ କୁଇଜ୍-୧୦୯

(୧) ଅନ୍ତର୍ଜାତୀୟ ମହିଳା ଦିବସ କେବେ ପାଳନ କରାଯାଏ?
ଉତ୍ତର:

(୨) ଅଳକା ଗୁପ୍ତା ଭାରତର କେଉଁ ରାଜ୍ୟରେ ରହିଛି?
ଉତ୍ତର:

(୩) ଟାନ୍‌ର ମୁଦ୍ରାକୁ କ'ଣ କୁହାଯାଏ?
ଉତ୍ତର:

(୪) ଭାରତର ବୁଦ୍ଧିଜୀବୀ ଭାବେ କିଏ ପରିଚିତ?
ଉତ୍ତର:

(୫) ଅଁଳାର କେଉଁ ଭିଟାମିନ୍ ପ୍ରଚୁର ମାତ୍ରାରେ ଥାଏ?
ଉତ୍ତର:

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.com ରେ ପଠାଇବାକୁ ଅନୁରୋଧ । ଚିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

ଗତ ସପ୍ତାହର କୁଇଜ୍ ବିଜେତା
- ସୌମ୍ୟା ପ୍ରଭାବ ସାହୁ, ଯାଜପୁର
- ଦେବାଶିଷ କର, ଆଙ୍ଗପଡ଼ା, ଜଗତ୍‌ସିଂହପୁର
- ସୁପ୍ରଭା ସାମଲ, ନିମାପଡ଼ା, ପୁରୀ

ଆମର ପ୍ରାୟୋଜକ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଲେକ୍ଟ୍ରନିକ୍ସ ସିଟି, ଭୁବନେଶ୍ୱର-୭୫୧୦୧୯

ପହେଳି

- ଘର ସିନା ତାଙ୍କ ଅଟେ ମନିର କେବେ ମଣାଣିରେ ଗୋଳନ୍ତି ଘର ସାପଙ୍କୁ କରନ୍ତି ଗଳାର ହାର ଭକ୍ତଙ୍କ ଦୁଃଖ ସେ କରନ୍ତି ଦୂର ନାନୁଆଣ୍ଡି ସିଏ ଜମୁରୁ ଧରି କିଏ ସେ କହିବ ନାମ ତାଙ୍କରି ?
  ଉ-ଶିବ
- ଚାରୋଟି ଅକ୍ଷରେ ନାମ ମୋହର ପ୍ରଥମ ଦୁଇଟି ଅଟେ ଠାକୁର ପ୍ରଥମ ତୃତୀୟ ଯବି ମିଶିବ ମିଠାର ରସକୁ ଦୁଃଖଭୁଥିବ ଦ୍ୱିତୀୟ ତୃତୀୟ ମିଶିଲେ ଦୁଇ ସୁଆଳିଆ ଏକ ଖାଦ୍ୟାଟ ହୋଇ ରାଜ୍ୟର ନାମରେ ବିବସଟିଏ ନାମଟି ତାହାର କହିବ କିଏ ?
  ଉ-ଶିବରାତ୍ରୀ
- ଏମିତି ପବିତ୍ର ବ୍ରତଟେ ସେହି ଦୀପ ଜାଳୁଥାନ୍ତି ଅନ୍ଦ୍ୟା ରହି ଶିବଙ୍କର ପ୍ରିୟ ପୂଜାଟେ ସେହି କିଏ ସେ ପାରିବ ନାମ ତା' କହି ?
  ଉ-ଜାଗର

- ପ୍ରଶାନ୍ତ କୁମାର ନାଥ
ସ୍ୱାରପୁର, ପାଟିପୁର, ଯାଜପୁର
ମୋ-୮୩୦୯୩୭୮୩୪୫

ବଳିଆର ବଢ଼ିଆ ବୁଦ୍ଧି

ରମେଶ ଚନ୍ଦ୍ର ବାଶ

ବଳିଆ ନାମକ ପିଲାଟିଏ । ବଳଭଦ୍ରପୁରରେ ତା'ର ଘର । ବାପା ବନମାଳୀ ଜଣେ କୃଷକ । ରାତି ପାହିଲେ ସେ ବିଲକୁ ଯାଆନ୍ତି ଓ ସନ୍ଧ୍ୟାବେଳକୁ ଘରକୁ ଫେରନ୍ତି । ଦ୍ୱିପ୍ରହର ବେଳେ ମାଆ ବାପାଙ୍କ ପାଇଁ ଖାଦ୍ୟ ନେଇ ବିଲକୁ ଯାଆନ୍ତି । ବଳିଆ ଗାଁ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପଢ଼େ । ସେଦିନ ରବିବାର ହୋଇଥାଏ । ସବୁଦିନ ପରି ତା'ର ମାଆ ଖାଦ୍ୟ ନେଇ ବିଲକୁ ଗଲେ । ଘରେ ଏକା ଥାଏ ବଳିଆ । ତା'ର ଭଲ ନାମ ବଳରାମ । ଏତିକି ବେଳେ ଜଣେ ଭିକାରୀ ଭିକ୍ଷା ମାଗିବାକୁ ତାଙ୍କ ଦୁଆରକୁ ଆସିଲେ । ବଳିଆ ତାଙ୍କୁ ଭିକ୍ଷା ଦେବାକୁ ଯିବାବେଳକୁ ସେ କହିଲେ, "ବାବୁ ତୁମ ମାଆଙ୍କୁ କହ ମୋତେ ଦି'ଟା ଖାଇବାକୁ ଦେବେ !" ସେ ଏହା ଶୁଣି କହିଲା, "ଘରେ ମାଆ ନାହାନ୍ତି, ବିଲକୁ ଯାଇଛନ୍ତି !" ପିଲାଟିକୁ ଏକା ଦେଖି ସେ ଏମିତି କେହୁରା ହେଲେ ଯେ ବଳିଆ ସହିପାରିଲା ନାହିଁ । ତାଙ୍କ ହାଣ୍ଡିଶାଳକୁ ସେ ଡେକେ ବେଳେ ଭାତ ବାଢ଼ି ଖାଏ । ତେଣୁ ସେ ସବୁ ଜାଣିଥାଏ । ବଳିଆ ଭିକାରୀ ଭଣଜୁ ଡାକି କହିଲା, "ଭୁମେ ବସ । ମୁଁ ଭାତ ଥାଣ୍ଡିଦେବି !" ଏହା କହି ସେ ଭାତ ବାଢ଼ିବାକୁ ଗଲା । ଭିକାରୀର ତାଙ୍କ ଘରୁ ଚୋରି କରିବାକୁ ଇଚ୍ଛା । ସେ ହାଣ୍ଡିଶାଳ ଭିତରକୁ ପଶିବା ବେଳେ ଭିକାରୀଟି ଥୁଆ ହୋଇଥିବା ଜାଳଟିକୁ ତା' ଦ୍ୱାରରେ ପୁରାଇଲା । ବଳିଆ ଭାତ ବାଢ଼ିବା ପରେ ପାଣି ଦେବା ପାଇଁ ଜାଳଟିକୁ ଖୋଲେ ତ ନାହିଁ । ସେ ଜାଣିଲା ଯେ ଭିକାରୀଟିର କାମ ଏତକ । ଯିଏ ଏକୁଟିଆ ଚୋରି କରିପାରୁଛି, ଅନ୍ୟ କିଛି କରିପାରେ । ତେଣୁ ବଳିଆ ତାକୁ କିଛି ନ କହି ସେ ଖାଇବା ସମୟରେ ଦାଣ୍ଡକୁ ଯାଇ ଜଣେ ସଂପର୍କୀୟ ଭାଇକୁ ଡାକିଆଣିଲା । ଭିକାରୀଟି ଖାଇସାରି କଳ୍ୟାଣ କରି ଚାଲିଗଲା ବେଳକୁ ସେ କହିଲା, "ବୋଉ କହେଥିଲା ଚୋରି କରିଲେ, ମୁଁ ଖାଇବାକୁ ଦେଲି । ଆମର ଭାଇଟି କ'ଣ ବନ୍ଧିଶାଳ ନିମନ୍ତେ ନେଲେ ।" ଭିକାରୀଟି ନ ବୁଝିପାରି ଅଭିନୟ କରି ଚୋର୍ ଚୋର୍ ଚାଲିଯାଉଥିଲା । ବଳିଆ ତା' ଦ୍ୱାରକୁ ଜାଳୁଡ଼ି ଧରିଲା ଓ ତାର ସଂପର୍କୀୟ ଭାଇକୁ କହିଲା, "ତୁମେ ଆସ। ତା' ଦ୍ୱାରକୁ ଜାଳ ବାହାର କରିବା ।" ସଂପର୍କୀୟ ଭାଇ କିନ୍ତୁ ବଳିଆ କଥାକୁ ବିଶ୍ୱାସ ନ କରି ଓଲଟା ତାକୁ ଗାଳିକରି ଭିକାରୀକୁ ଛାଡ଼ିଦେବାକୁ ସବିନୟରୁ ସେ କିଦ୍ୟେର ନାହିଁଲା । ଶେଷରେ ନିଜେ ବଳିଆ ତା' ଦ୍ୱାରକୁ ଜାଳଟି ବାହାର କଲା । ଭିକାରୀଟି ବ୍ୟତିବ୍ୟସ୍ତ ହୋଇ କହିଲା, "ଏଇଟି ମୋର । ପିଲାଟି ଯଦି କହୁଛି, ସେ ଦଣ୍ଡୁ । ମୋର ଦେଉଛେଲାଣି ମୁଁ ଯାଉଛି !" ସେତେବେଳକୁ ତା'ର ମାଆ ଆସିଯାଇଥିଲେ । ସେ ସବୁ ଶୁଣିଲେ । ବଳିଆ ଦୟା ଦେଖାଇ ଭିକାରୀଟିକୁ ଖାଇବାକୁ ଦେଇଥିବାରୁ ଖୁସି ହେଲେ । ସେ ଆହୁରି ଖୁସି ହେଲେ ଯେ ଜଣେ ଚୋରକୁ ଧରିଥିବାରୁ । ଆମାକୁ ଖବର ଦେବାରୁ ପୁଲିସ୍ ଆସିଲେ । ସେ ତାକୁ ଥାନାକୁ ନେଲେ । ପଶ୍ଚାତବେଳକୁ ଖବର ଆସିଲା ଯେ ଭିକାରୀ ବେଶରେ ସେ ଜଣେ ଚୋର ଥିଲା । ବଳିଆର ବୁଦ୍ଧି ପାଇଁ ପୁଲିସ୍ ତରଫରୁ ତାକୁ ପୁରସ୍କୃତ କରାଗଲା ।■

ଶିକ୍ଷାଣ୍ଡା ଲେନ୍
କୁମ୍ଭାରପଡ଼ା, ପୁରୀ
ମୋ-୯୭୭୬୭୩୩୮୫୫୯

ଆଜିର ରାଶିଫଳ

- **ମେଷ:** ନୂଆ କାମ ଆରମ୍ଭ କରିବାକୁ ଆଜି ଦିନଟି ଭଲ । ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ଅନେକ ପରିବର୍ତ୍ତନ ଆସିବ । ବିଦ୍ୟାର୍ଥୀମାନେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି ।
- **ବୃଷ:** ବ୍ୟବସାୟ ପାଇଁ ଦୂରସ୍ଥାନ ଯାତ୍ରା କରିବେ । ଅପିସ୍‌ରେ ଲୋକପ୍ରୀତି ବୃଦ୍ଧି ପାଇବ । ନିଜର ସମସ୍ୟା ବିଷୟରେ କହିବାକୁ ସଙ୍କୋଚ କରନ୍ତୁ ନାହିଁ । ଆର୍ଥିକ ମାମଲା ପ୍ରତି ସତର୍କ ରୁହନ୍ତୁ ।
- **ମିଥୁନ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ । ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ । ପିଲାମାନେ ଖେଳକୁଦରେ ମାତିବେ ।
- **କର୍କଟ:** ଅପିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଘରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ଅଟକି ଥିବା କାର୍ଯ୍ୟ ପୂରା ହେବ । ମହିଳାମାନେ ଅଳଙ୍କାର ଓ ବସ୍ତ୍ର କିଣିବେ ।
- **ସିଂହ:** ପରିବାର ଲୋକଙ୍କ ସହ ଦୂରଯାତ୍ରା କରିପାରନ୍ତି । ନୂତନ ବ୍ୟବସାୟ ପାଇଁ ଉପଯୁକ୍ତ ସମୟ । ଲୋର୍ଚ୍ଚ କରେଗା ମାମଲାରେ ଜିତିବେ । ବାମ୍ପତ୍ୟ ଜୀବନରେ ବିକ୍ତତା ସୃଷ୍ଟି ହେବ ।
- **କନ୍ୟା:** ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଠାରେ ପ୍ରକାଶ କରନ୍ତୁ ନାହିଁ । କୌଣସି ମାମଲାକୁ ନେଇ ଚିନ୍ତିତ ରହିବେ । ପଡ଼ୋଶୀଙ୍କ ସହ ବିବାଦ ବଢ଼ିପାରେ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।
- **ତୁଳା:** ଦୀର୍ଘ ଦିନରୁ ଅଟକିଥିବା କାମ ପୂରା ହେବ । ଆତ୍ମବିଶ୍ୱାସ ରଖନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ଗୁରୁ ଖଣ୍ଡନ ପାଇଁ ହନୁମାନଙ୍କୁ ପ୍ରାର୍ଥନା କରନ୍ତୁ ।
- **ବିଛା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପାରନ୍ତି । ଅପିସ୍‌ରେ ଉପରିସ୍ଥ କର୍ମଚାରୀଙ୍କ ପ୍ରିୟଭାଜନ ହେବେ । ପାରିବାରିକ ଜୀବନ ସୁଖମୟ ହେବ ।
- **ଧନୁ:** ବନ୍ଧୁଙ୍କ ସହିତ ହଠାତ୍ ସାକ୍ଷାତ ହେବ । ଦାମ୍ପତ୍ୟ ପ୍ରୀତି ବଢ଼ିବ । ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କରନ୍ତୁ । ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ ।
- **ମକର:** ବ୍ୟସ୍ତତା ଭିତରେ ଦିନଟି କଟିବ । ଏକାଧିକ କାର୍ଯ୍ୟ କରିପାରନ୍ତି । ଅପିସ୍‌ରେ ସମସ୍ତଙ୍କ ସହ ଭଲ ବ୍ୟବହାର ଦେଖାନ୍ତୁ । ମାନସିକ ଚିନ୍ତା ଦୂରହେବ ।
- **କୁମ୍ଭ:** ସମ୍ପତ୍ତି ଆପଣଙ୍କ ପାଇଁ ବହୁତ ଭଲ । ଆର୍ଥିକ ସମ୍ପନ୍ନତା ମିଳିବ । ଭାଇର ଦେଇଥିବା ଟଙ୍କା ଫେରି ପାଇବେ । ନୂତନ ଯାନବାହନ କ୍ରୟ କରିପାରନ୍ତି ।
- **ମୀନ:** ମନ ଚାହୁଁଥିବା କାର୍ଯ୍ୟ ପୂରା ହୋଇପାରେ ।

ଭବାନୀପାଟଣା ବ୍ଲକ୍

ବ୍ଲକ୍ ସଂଯୋଗ
ରୁଟ୍ କୋଡ୍: କେଏଲ୍ ୦୦୨ । ନନ୍-ଏସି
ଭବାନୀପାଟଣା ⇄ କର୍ଲାପଦ

ବସ୍ ଷ୍ଟପ୍	ଟ୍ରିପ୍ ୧ ଆଗମନ	ଟ୍ରିପ୍ ୧ ପ୍ରସ୍ଥାନ	ଟ୍ରିପ୍ ୨ ଆଗମନ	ଟ୍ରିପ୍ ୨ ପ୍ରସ୍ଥାନ	ଟ୍ରିପ୍ ୩ ଆଗମନ	ଟ୍ରିପ୍ ୩ ପ୍ରସ୍ଥାନ
ଭବାନୀପାଟଣା	—	୬:୦୦	—	୧୦:୧୦	—	୨:୨୦
ଡୋଙ୍ଗରିପଦ	୬:୦୮	୬:୦୯	୧୦:୧୮	୧୦:୧୯	୨:୨୮	୨:୨୯
ଚିରିଗାଁ	୬:୧୧	୬:୧୩	୧୦:୨୧	୧୦:୨୩	୨:୩୧	୨:୩୩
ଲମ୍ବବାଣ୍ଡୋପଲା	୬:୧୬	୬:୧୮	୧୦:୨୬	୧୦:୨୮	୨:୩୬	୨:୩୮
ସିଂହଦଗଡ଼ ଛକ	୬:୨୨	୬:୨୩	୧୦:୩୨	୧୦:୩୩	୨:୪୨	୨:୪୩
ଫୁଲଯୋଡ଼ି	୬:୨୬	୬:୨୭	୧୦:୩୬	୧୦:୩୭	୨:୪୬	୨:୪୭
ଗଣ୍ଡ ବରଖୋଲ	୬:୨୯	୬:୩୧	୧୦:୩୯	୧୦:୪୧	୨:୪୯	୨:୫୧
ତିଲଜୋଡି	୬:୩୫	୬:୩୬	୧୦:୪୫	୧୦:୪୬	୨:୫୫	୨:୫୬
ବଡଗାଁ	୬:୪୦	୬:୪୧	୧୦:୫୦	୧୦:୫୧	୩:୦୦	୩:୦୧
ଢେଢେରାଜୁନି	୬:୪୪	୬:୪୫	୧୦:୫୪	୧୦:୫୫	୩:୦୪	୩:୦୫
କଲାମ	୬:୪୯	୬:୫୧	୧୦:୫୯	୧୧:୦୧	୩:୦୯	୩:୧୧
ଥେମଗଡା	୬:୦୩	୬:୦୪	୧୧:୧୩	୧୧:୧୪	୩:୨୩	୩:୨୪
ଗୁରୁପି	୬:୧୦	୬:୧୧	୧୧:୨୦	୧୧:୨୧	୩:୩୦	୩:୩୧
ମାତିଙ୍ଗପଦର	୬:୧୮	୬:୧୯	୧୧:୨୮	୧୧:୨୯	୩:୩୮	୩:୩୯
ଢେଲିଆମାଳ	୬:୨୨	୬:୨୪	୧୧:୩୨	୧୧:୩୪	୩:୪୨	୩:୪୪
କର୍ଲାପଦ	୬:୨୮	—	୧୧:୩୮	—	୩:୪୮	—

ବ୍ଲକ୍ ସଂଯୋଗ
ରୁଟ୍ କୋଡ୍: କେଏଲ୍ ୦୦୨ । ନନ୍-ଏସି
କର୍ଲାପଦ ⇄ ଭବାନୀପାଟଣା

ବସ୍ ଷ୍ଟପ୍	ଟ୍ରିପ୍ ୧ ଆଗମନ	ଟ୍ରିପ୍ ୧ ପ୍ରସ୍ଥାନ	ଟ୍ରିପ୍ ୨ ଆଗମନ	ଟ୍ରିପ୍ ୨ ପ୍ରସ୍ଥାନ	ଟ୍ରିପ୍ ୩ ଆଗମନ	ଟ୍ରିପ୍ ୩ ପ୍ରସ୍ଥାନ
କର୍ଲାପଦ	—	୭:୪୦	—	୧୧:୫୦	—	୪:୦୦
ଢେଲିଆମାଳ	୭:୪୪	୭:୪୬	୧୧:୫୪	୧୧:୫୬	୪:୦୪	୪:୦୬
ମାତିଙ୍ଗପଦର	୭:୪୯	୭:୫୦	୧୧:୫୯	୧୨:୦୦	୪:୦୯	୪:୧୦
ଗୁରୁପି	୭:୫୭	୭:୫୮	୧୨:୦୭	୧୨:୦୮	୪:୧୭	୪:୧୮
ଥେମଗଡା	୮:୦୪	୮:୦୫	୧୨:୧୪	୮:୦୫	୪:୨୪	୪:୨୫
କଲାମ	୮:୧୭	୮:୧୯	୧୨:୨୦	୧୨:୨୧	୪:୩୦	୪:୩୧
ଢେଢେରାଜୁନି	୮:୨୩	୮:୨୪	୧୨:୩୩	୮:୨୪	୪:୪୩	୪:୪୪
ବଡଗାଁ	୮:୩୦	୮:୩୧	୧୨:୪୦	୧୨:୪୧	୪:୪୦	୪:୪୧
ତିଲଜୋଡି	୮:୩୩	୮:୩୪	୧୨:୪୩	୧୨:୪୪	୪:୫୩	୪:୫୪
ଗଣ୍ଡ ବରଖୋଲ	୮:୩୭	୮:୩୮	୧୨:୪୭	୮:୩୮	୪:୫୭	୪:୫୯
ଫୁଲଯୋଡ଼ି	୮:୪୧	୮:୪୨	୧୨:୫୧	୮:୪୨	୪:୧୦	୪:୦୨
ସିଂହଦଗଡ଼ ଛକ	୮:୪୫	୮:୪୬	୧୨:୫୫	୮:୪୬	୪:୦୬	୪:୦୭
ଲମ୍ବବାଣ୍ଡୋପଲା	୮:୫୦	୮:୫୧	୧:୦୦	୮:୫୧	୪:୧୦	୪:୧୨
ଚିରିଗାଁ	୮:୫୪	୮:୫୫	୧:୦୫	୮:୫୫	୪:୧୫	୪:୧୬
ଡୋଙ୍ଗରିପଦ	୮:୫୭	୮:୫୮	୧:୦୯	୮:୫୮	୪:୧୯	୪:୨୦
ଭବାନୀପାଟଣା	୯:୦୮	—	୧:୧୮	—	୪:୨୮	—

ବ୍ଲକ୍ ସଂଯୋଗ
ରୁଟ୍ କୋଡ୍: କେଏଲ୍ ୦୦୩ । ନନ୍-ଏସି
ଭବାନୀପାଟଣା ⇄ ଗଣ୍ଡବସା ଛକ

ବସ୍ ଷ୍ଟପ୍	ଟ୍ରିପ୍ ୧ ଆଗମନ	ଟ୍ରିପ୍ ୧ ପ୍ରସ୍ଥାନ	ଟ୍ରିପ୍ ୨ ଆଗମନ	ଟ୍ରିପ୍ ୨ ପ୍ରସ୍ଥାନ	ଟ୍ରିପ୍ ୩ ଆଗମନ	ଟ୍ରିପ୍ ୩ ପ୍ରସ୍ଥାନ
ଭବାନୀପାଟଣା	—	୬:୦୦	—	୧୧:୦୦	—	୪:୫୦
ଭଞ୍ଜାବାରି	୬:୦୭	୬:୦୮	୧୧:୦୭	୧୧:୦୮	୪:୫୭	୪:୫୮
ଉଦିବନାରାୟଣପୁର	୬:୧୨	୬:୧୩	୧୧:୧୨	୧୧:୧୩	୫:୦୨	୫:୦୩
କାମଚଣ୍ଡ	୬:୧୫	୬:୧୬	୧୧:୧୫	୧୧:୧୬	୫:୦୫	୫:୦୬
ସରଙ୍ଗେଶ୍ୱରମାଳ	୬:୨୦	୬:୨୧	୧୧:୨୦	୧୧:୨୧	୫:୧୦	୫:୧୧
ବରରାଗୁଡ଼ା	୬:୨୫	୬:୨୬	୧୧:୨୫	୧୧:୨୬	୫:୧୫	୫:୧୬
ପଟ୍ଟିଦରା	୬:୩୦	୬:୩୧	୧୧:୩୦	୧୧:୩୧	୫:୨୦	୫:୨୧
ମାଡି ଛକ	୬:୩୫	୬:୩୬	୧୧:୩୫	୧୧:୩୬	୫:୨୫	୫:୨୬
ଛେଲିଆମାଲ୍	୬:୪୦	୬:୪୧	୧୧:୪୦	୧୧:୪୧	୫:୩୦	୫:୩୧
କର୍ଲାପଡ଼ା	୬:୪୪	୬:୪୬	୧୧:୪୪	୧୧:୪୬	୫:୩୫	୫:୩୬
ଚକ୍ରଧାନାଳ	୬:୫୦	୬:୫୧	୧୧:୫୦	୧୧:୫୧	୫:୪୦	୫:୪୧
ମାଳଝିପଦର	୬:୫୩	୬:୫୪	୧୧:୫୩	୧୧:୫୪	୫:୪୩	୫:୪୪
ସେନପୁର	୬:୫୮	୬:୦୦	୧୧:୫୮	୧୨:୦୦	୫:୪୮	୫:୫୦
ସାପସିରେଟ୍ ଛକ	୭:୦୨	୭:୦୪	୧୨:୦୨	୧୨:୦୪	୫:୫୨	୫:୫୪
ଦେବସା	୭:୧୦	୭:୧୨	୧୨:୧୦	୧୨:୧୨	୬:୦୦	୬:୦୨
ଚାନ୍ଦାଗାଁ	୭:୧୭	୭:୧୮	୧୨:୧୭	୧୨:୧୮	୬:୦୭	୬:୦୮
ପାଲନା	୭:୨୩	୭:୨୫	୧୨:୨୩	୧୨:୨୫	୬:୧୩	୬:୧୫
ଆର୍ତ୍ତାଳ	୭:୩୧	୭:୩୩	୧୨:୩୧	୧୨:୩୩	୬:୨୧	୬:୨୩
ଢୁଗୁଡିଆ	୭:୪୧	୭:୪୩	୧୨:୪୧	୧୨:୪୩	୬:୩୧	୬:୩୩
ବୋର୍ଦା ଛକ	୭:୫୧	୭:୫୩	୧୨:୫୧	୧୨:୫୩	୬:୪୧	୬:୪୩
ଗୁରୁଡ଼ଙ୍ଗ	୭:୫୭	୭:୫୯	୧୨:୫୭	୧୨:୫୯	୬:୪୭	୬:୪୯
ଗଣ୍ଡବସା ଛକ	୮:୦୧	—	୧:୦୧	—	୬:୫୧	—

ବ୍ଲକ୍ ସଂଯୋଗ
ରୁଟ୍ କୋଡ୍: କେଏଲ୍ ୦୦୩ । ନନ୍-ଏସି
ଗଣ୍ଡବସା ଛକ ⇄ ଭବାନୀପାଟଣା

ବସ୍ ଷ୍ଟପ୍	ଟ୍ରିପ୍ ୧ ଆଗମନ	ଟ୍ରିପ୍ ୧ ପ୍ରସ୍ଥାନ	ଟ୍ରିପ୍ ୨ ଆଗମନ	ଟ୍ରିପ୍ ୨ ପ୍ରସ୍ଥାନ	ଟ୍ରିପ୍ ୩ ଆଗମନ	ଟ୍ରିପ୍ ୩ ପ୍ରସ୍ଥାନ
ଗଣ୍ଡବସା ଛକ	—	୮:୨୦	—	୧:୧୦	—	୪:୫୦
ଗୁରୁଡ଼ଙ୍ଗ	୮:୨୨	୮:୨୪	୨:୧୨	୨:୧୪	୨:୧୨	୨:୧୪
ବୋର୍ଦା ଛକ	୮:୨୮	୮:୩୦	୨:୧୮	୨:୨୦	୨:୧୮	୨:୨୦
ଢୁଗୁଡିଆ	୮:୩୮	୮:୪୦	୨:୩୮	୨:୪୦	୨:୩୮	୨:୪୦
ଆର୍ତ୍ତାଳ	୮:୪୮	୮:୫୦	୨:୪୮	୨:୫୦	୨:୪୮	୨:୫୦
ପାଲନା	୮:୫୩	୮:୫୪	୨:୫୩	୨:୫୪	୨:୫୩	୨:୫୪
ଦାହାଗାଁ	୯:୦୩	୯:୦୪	୨:୫୩	୨:୫୪	୩:୦୩	୩:୦୪
ଦେବସା	୯:୦୫	୯:୦୬	୨:୫୫	୨:୫୬	୩:୦୫	୩:୦୬
ସାପସିରେଟ୍ ଛକ	୯:୧୦	୯:୧୨	୨:୧୦	୨:୧୨	୩:୧୦	୩:୧୨
ସେନପୁର	୯:୧୫	୯:୧୬	୨:୧୫	୨:୧୬	୩:୧୫	୩:୧୬
ମାଳଝିପଦର	୯:୧୯	୯:୨୦	୨:୧୯	୨:୨୦	୩:୧୯	୩:୨୦
ଚକ୍ରଧାନାଳ	୯:୨୪	୯:୨୫	୨:୨୪	୨:୨୫	୩:୨୪	୩:୨୫
କର୍ଲାପଡ଼ା	୯:୨୯	୯:୩୦	୨:୨୯	୨:୩୦	୩:୨୯	୩:୩୦
ଛେଲିଆମାଲ୍	୯:୩୩	୯:୩୪	୨:୩୩	୨:୩୪	୩:୩୩	୩:୩୪
ପଟ୍ଟିଦରା	୯:୩୭	୯:୪୦	୨:୩୭	୨:୪୦	୩:୩୭	୩:୪୦
ମାଡି ଛକ	୯:୪୨	୯:୪୩	୨:୪୨	୨:୪୩	୩:୪୨	୩:୪୩
ଆର୍ତ୍ତାଳ	୯:୪୫	୯:୪୬	୨:୪୫	୨:୪୬	୩:୪୫	୩:୪୬
ଢୁଗୁଡିଆ	୯:୪୯	୯:୫୦	୨:୪୯	୨:୫୦	୩:୪୯	୩:୫୦
ବୋର୍ଦା ଛକ	୯:୫୩	୯:୫୪	୨:୫୩	୨:୫୪	୩:୫୩	୩:୫୪
ଗୁରୁଡ଼ଙ୍ଗ	୯:୫୭	୯:୫୮	୨:୫୭	୨:୫୮	୩:୫୭	୩:୫୮
ଗଣ୍ଡବସା ଛକ	୧୦:୦୧	—	୨:୦୧	—	୩:୫୧	—

ଜିଲ୍ଲା ସଂଯୋଗ
ରୁଟ୍ କୋଡ୍: କେଏଏଲ୍୨୦୦୧ । ଏସି
ଭବାନୀପାଟଣା ⇄ କେସିଙ୍ଗା

ବସ୍ ଷ୍ଟପ୍	ଟ୍ରିପ୍ ୧ ଆଗମନ	ଟ୍ରିପ୍ ୧ ପ୍ରସ୍ଥାନ	ଟ୍ରିପ୍ ୨ ଆଗମନ	ଟ୍ରିପ୍ ୨ ପ୍ରସ୍ଥାନ	ଟ୍ରିପ୍ ୩ ଆଗମନ	ଟ୍ରିପ୍ ୩ ପ୍ରସ୍ଥାନ
ଭବାନୀପାଟଣା	—	୧୦:୦୦	—	୩:୦୦	—	୫:୫୦
ଜାଙ୍ଗରି ପଦର ଛକ	୧୦:୧୪	୧୦:୧୭	୩:୧୪	୩:୧୭	୬:୦୪	୬:୦୭
ଡେବୁରିଝୁଣ୍ଟି ଛକ	୧୦:୧୯	୧୦:୨୨	୩:୧୯	୩:୨୨	୬:୦୯	୬:୧୨
ପାଣ୍ଡିକୁଡି ଛକ	୧୦:୨୬	୧୦:୨୯	୩:୨୬	୩:୨୯	୬:୧୬	୬:୧୯
ଗାଇଗାଁ ଛକ	୧୦:୩୩	୧୦:୩୬	୩:୩୩	୩:୩୬	୬:୨୩	୬:୨୬
ଚାଣ୍ଡେର ଛକ	୧୦:୩୯	୧୦:୪୨	୩:୩୯	୩:୪୨	୬:୨୯	୬:୩୨
ଉଚ୍ଛେଇଛକ	୧୦:୪୬	୧୦:୪୯	୩:୪୬	୩:୪୯	୬:୩୬	୬:୩୯
ଚିଚାରଲା ଛକ	୧୦:୫୨	୧୦:୫୫	୩:୫୨	୩:୫୫	୬:୪୨	୬:୪୫
ବୋଲିଆ	୧୦:୫୭	୧୧:୦୦	୩:୫୭	୪:୦୦	୬:୪୭	୬:୫୦
ଜୋଡ଼ୋ	୧୧:୦୨	୧୧:୦୫	୪:୦୨	୪:୦୫	୬:୫୨	୬:୫୫
ବୋଲିଆ ପଦର	୧୧:୦୭	୧୧:୧୦	୪:୦୭	୪:୧୦	୬:୫୭	୭:୦୦
କେସିଙ୍ଗା	୧୧:୧୩	—	୪:୧୩	—	୭:୦୩	—

ଜିଲ୍ଲା ସଂଯୋଗ
ରୁଟ୍ କୋଡ୍: କେଏଏଲ୍୨୦୦୧ । ଏସି
କେସିଙ୍ଗା ⇄ ଭବାନୀପାଟଣା

ବସ୍ ଷ୍ଟପ୍	ଟ୍ରିପ୍ ୧ ଆଗମନ	ଟ୍ରିପ୍ ୧ ପ୍ରସ୍ଥାନ	ଟ୍ରିପ୍ ୨ ଆଗମନ	ଟ୍ରିପ୍ ୨ ପ୍ରସ୍ଥାନ	ଟ୍ରିପ୍ ୩ ଆଗମନ	ଟ୍ରିପ୍ ୩ ପ୍ରସ୍ଥାନ
କେସିଙ୍ଗା	—	୮:୦୦	—	୧୨:୩୦	—	୪:୦୦
ବୋଲିଆ ପଦର	୮:୦୩	୮:୦୬	୧୨:୩୩	୧୨:୩୬	୪:୦୩	୪:୦୬
ଜୋଡ଼ୋ	୮:୦୮	୮:୧୧	୧୨:୩୮	୧୨:୪୨	୪:୦୮	୪:୧୧
ବୋଲିଆ	୮:୧୩	୮:୧୬	୧୨:୪୩	୧୨:୪୬	୪:୧୩	୪:୧୬
ଚିଚାରଲା ଛକ	୮:୧୮	୮:୨୧	୧୨:୪୮	୧୨:୫୧	୪:୧୮	୪:୨୧
ଉଚ୍ଛେଇଛକ	୮:୨୪	୮:୨୭	୧୨:୫୪	୧୨:୫୭	୪:୨୪	୪:୨୭
ଚାଣ୍ଡେର ଛକ	୮:୩୧	୮:୩୪	୧:୦୧	୧:୦୪	୪:୩୧	୪:୩୪
ଗାଇଗାଁ ଛକ	୮:୩୭	୮:୪୦	୧:୦୭	୧:୧୦	୪:୩୭	୪:୪୦
ପାଣ୍ଡିକୁଡି ଛକ	୮:୪୪	୮:୪୭	୧:୧୪	୧:୧୭	୪:୪୪	୪:୪୭
ଡେବୁରିଝୁଣ୍ଟି ଛକ	୮:୫୧	୮:୫୪	୧:୨୧	୧:୨୪	୪:୫୧	୪:୫୪
ଜାଙ୍ଗରି ପଦର ଛକ	୮:୫୬	୮:୫୯	୧:୨୬	୧:୨୯	୪:୫୬	୪:୫୯
ଭବାନୀପାଟଣା	୯:୧୩	—	୧:୫୩	—	୫:୧୩	—

କଳାହାଣ୍ଡି ଜିଲ୍ଲା

ଧର୍ମଗଡ଼ ବ୍ଲକ୍

ବ୍ଲକ୍ ସଂଯୋଗ
ରୁଟ୍ କୋଡ୍: କେଏଲ୍ ୦୦୫ । ନନ୍-ଏସି
ଧର୍ମଗଡ ⇄ ଚେଣ୍ଡାପାଲି

ବସ୍ ଷ୍ଟପ୍	ଟ୍ରିପ୍ ୧ ଆଗମନ	ଟ୍ରିପ୍ ୧ ପ୍ରସ୍ଥାନ	ଟ୍ରିପ୍ ୨ ଆଗମନ	ଟ୍ରିପ୍ ୨ ପ୍ରସ୍ଥାନ	ଟ୍ରିପ୍ ୩ ଆଗମନ	ଟ୍ରିପ୍ ୩ ପ୍ରସ୍ଥାନ
ଧର୍ମଗଡ	—	୬:୦୦	—	୧୦:୨୦	—	୨:୧୦
ଡ୍ରାଟ୍ରାଣ୍ଡେଣ୍ଡିଆ ଛକ	୬:୦୫	୬:୦୬	୧୦:୨୫	୧୦:୨୬	୨:୧୫	୨:୧୬
ଛିପରା	୬:୧୧	୬:୧୩	୧୦:୩୧	୧୦:୩୩	୨:୨୧	୨:୨୩
ଗଡିଆଯୋର	୬:୧୮	୬:୨୦	୧୦:୩୮	୧୦:୪୦	୨:୨୮	୨:୩୦
ଖୁଲୁଖୁଲୁଗୁଡା	୬:୨୪	୬:୨୫	୧୦:୪୪	୧୦:୪୫	୨:୩୪	୨:୩୫
ପିପଲା	୬:୩୦	୬:୩୧	୧୦:୫୦	୧୦:୫୧	୨:୪୦	୨:୪୧
ଆମଗୁଡା	୬:୩୬	୬:୩୩	୧୦:୫୩	୧୦:୫୩	୨:୪୬	୨:୪୩
ପରଲା	୬:୩୭	୬:୩୮	୧୦:୫୭	୧୦:୫୮	୨:୪୭	୨:୪୮
ଜୟନ୍ତପୁର	୬:୪୮	୬:୫୧	୧୧:୦୧	୧୧:୧୧	୨:୫୮	୩:୦୧
ଶରଧାପୁର	୬:୫୩	୬:୫୪	୧୧:୧୩	୧୧:୧୪	୩:୦୩	୩:୦୪
ବେହେରା	୬:୫୮	୬:୦୧	୧୧:୧୮	୧୧:୨୧	୩:୦୮	୩:୧୧
ଜଟାଗୋଡ଼ିରା	୬:୦୮	୬:୦୯	୧୧:୨୮	୧୧:୨୯	୩:୧୮	୩:୧୯
ଚେଣ୍ଡାପାଲି	୬:୧୨	—	୧୧:୩୨	—	୩:୨୨	—

ବ୍ଲକ୍ ସଂଯୋଗ
ରୁଟ୍ କୋଡ୍: କେଏଲ୍ ୦୦୫ । ନନ୍-ଏସି
ଚେଣ୍ଡାପାଲି ⇄ ଧର୍ମଗଡ

ବସ୍ ଷ୍ଟପ୍	ଟ୍ରିପ୍ ୧ ଆଗମନ	ଟ୍ରିପ୍ ୧ ପ୍ରସ୍ଥାନ	ଟ୍ରିପ୍ ୨ ଆଗମନ	ଟ୍ରିପ୍ ୨ ପ୍ରସ୍ଥାନ	ଟ୍ରିପ୍ ୩ ଆଗମନ	ଟ୍ରିପ୍ ୩ ପ୍ରସ୍ଥାନ
ଚେଣ୍ଡାପାଲି	—	୭:୩୦	—	୧୧:୫୦	—	୩:୪୦
ଜଟାଗୋଡ଼ିରା	୭:୩୩	୭:୩୪	୧୧:୫୩	୧୧:୫୪	୩:୪୩	୩:୪୪
ବେହେରା	୭:୪୧	୭:୪୩	୧୨:୦୧	୧୨:୦୩	୩:୫୧	୩:୫୩
ଶରଧାପୁର	୭:୪୪	୭:୪୫	୧୨:୦୪	୧୨:୦୫	୩:୫୪	୩:୫୫
ଜୟନ୍ତପୁର	୭:୫୧	୭:୫୨	୧୨:୦୭	୧୨:୦୮	୪:୦୧	୪:୦୩
ପରଲା	୭:୫୫	୭:୫୬	୧୨:୧୧	୧୨:୧୨	୪:୧୫	୪:୧୬
ଆମଗୁଡା	୭:୫୯	୭:୫୧	୧୨:୧୫	୧୨:୧୬	୪:୧୯	୪:୨୦
ପିପଲା	୮:୦୩	୮:୦୪	୧୨:୧୯	୧୨:୨୦	୪:୨୩	୪:୨୪
ଖୁଲୁଖୁଲୁଗୁଡା	୮:୦୭	୮:୦୮	୧:୦୨	୧:୦୩	୪:୩୦	୪:୩୧
ଗଡିଆଯୋର	୮:୧୨	୮:୧୪	୧:୧୭	୧:୧୯	୪:୩୩	୪:୩୪
ଛିପରା	୮:୧୮	୮:୧୧	୧:୨୫	୧:୨୭	୪:୪୧	୪:୪୩
ଡ୍ରାଟ୍ରାଣ୍ଡେଣ୍ଡିଆ ଛକ	୮:୩୫	୮:୩୬	୧:୩୫	୧:୩୬	୪:୪୫	୪:୪୬
ଧର୍ମଗଡ	୮:୪୨	—	୧:୪୨	—	୪:୫୨	—

ବ୍ଲକ୍ ସଂଯୋଗ
ରୁଟ୍ କୋଡ୍: କେଏଲ୍ ୦୦୬ । ନନ୍-ଏସି
ଧର୍ମଗଡ ⇄ ଛଞ୍ଚାଣ ବାହଲି

ବସ୍ ଷ୍ଟପ୍	ଟ୍ରିପ୍ ୧ ଆଗମନ	ଟ୍ରିପ୍ ୧ ପ୍ରସ୍ଥାନ	ଟ୍ରିପ୍ ୨ ଆଗମନ	ଟ୍ରିପ୍ ୨ ପ୍ରସ୍ଥାନ	ଟ୍ରିପ୍ ୩ ଆଗମନ	ଟ୍ରିପ୍ ୩ ପ୍ରସ୍ଥାନ
ଧର୍ମଗଡ	—	୬:୦୦	—	୧୦:୩୦	—	୩:୦୦
ବାଗ ବାହାଲି-	୬:୧୧	୬:୧୨	୧୦:୪୧	୧୦:୪୨	୩:୧୧	୩:୧୨
ଲଛାପୁର	୬:୧୪	୬:୧୫	୧୦:୪୪	୧୦:୪୫	୩:୧୪	୩:୧୫
ବୋଡେନ୍	୬:୧୮	୬:୨୦	୧୦:୪୮	୧୦:୫୦	୩:୧୮	୩:୨୦
ବଡ଼ଘୁମେର	୬:୩୦	୬:୩୨	୧୧:୦୦	୧୧:୦୨	୩:୩୦	୩:୩୨
ଆମଗୁଡ଼ା ଛକ	୬:୩୭	୬:୩୯	୧୧:୦୭	୧୧:୦୯	୩:୩୭	୩:୩୯
ପାର୍ଲା	୬:୪୫	୬:୪୭	୧୧:୧୫	୧୧:୧୭	୩:୪୫	୩:୪୭
ଡିଡାଗୁଣ୍ଡା	୬:୫୨	୬:୫୩	୧୧:୨୨	୧୧:୨୩	୩:୫୨	୩:୫୩
ବଡଚିମୁଣ୍ଡା ଛକ	୬:୫୫	୬:୫୭	୧୧:୨୫	୧୧:୨୭	୩:୫୫	୩:୫୭
ବେହେରାଗୁଡା	୭:୦୫	୭:୦୭	୧:୦୧	୧:୦୩	୪:୧୦	୪:୧୨
ମାଡି	୭:୧୨	୭:୧୪	୧:୩୨	୧:୩୪	୪:୩୨	୪:୩୪
ଭୁବନେଶ୍ୱର, ୮।୩ (ସମିସ): ଚିଟ୍‌ଫଣ୍ଡ ସଂସ୍ଥା ଅର୍ଥତତ୍ତ୍ୱ (ଏଟି) ଠକେଇ ମାମଲାରେ ଗୁରୁବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଇଡି ଓଡ଼ିଶାର ୮ଟି ସ୍ଥାନରେ ଚଢ଼ଉ କରିଥିଲା। ଏହି ଚଢ଼ଉରେ ଇଡି ୨୩ ଲକ୍ଷ ଟଙ୍କା, ୪ ଶହ ଗ୍ରାମ ଓଜନର ସୁନାଗହଣା ସମେତ ଏକ ଦାମୀ କାର୍ ଜବତ କରିଛି। ଜବତ ସୁନାଗହଣା ମୂଲ୍ୟ ୨୪.୧୫ଲକ୍ଷ ହେବ ଏବଂ ଦାମୀ ଗାଡ଼ିର ମୂଲ୍ୟ ୩୫ଲକ୍ଷ ହେବ ବୋଲି ଇଡ଼ି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଏଥିସହ ଡିଜିଟାଲ ଏଭିଡେନ୍ସ ଏବଂ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଇଡି ହାତରେ ଲାଗିଛି। ଏଟି ଲିଙ୍କ୍‌ରେ ଗତକାଲି ଇଡ଼ି ୮ଟି ସ୍ଥାନରେ ଚଢ଼ଉ କରିଥିଲା। ଜଣେ ବିଲ୍ଡରଙ୍କ ଘର ଓ କାର୍ଯ୍ୟାଳୟ, ଜଣେ କମ୍ପ୍ୟୁଟର ଦୋକାନ ସମେତ ଏକାଧିକ ସ୍ଥାନ ଏବଂ ସଂସ୍ଥା ଉପରେ ଇଡି ଗତ ଗୁରୁବାର ଚଢ଼ଉ କରିଥିଲା। ଜବତ ଅଡି କାର ବ୍ରହ୍ମପୁରର ଜଣେ କଣ୍ଟ୍ରାକ୍ଟରଙ୍କ ନାମରେ ଥିବା ତଦନ୍ତକାରୀ ସଂସ୍ଥା ଜାଣିବାକୁ ପାଇଛି। ଉକ୍ତ ବ୍ୟକ୍ତିଙ୍କର ଏଟି ସହିତ କ'ଣ ଲିଙ୍କ୍ ରହିଛି, ସେନେଇ ଖୋଳତାଡ଼ କରାଯାଉଛି। ଏପରିକି କାର ମାଲିକଙ୍କୁ ପଚରାଉଚରା କରିବ ଇଡି।

AFFIDAVIT

By virtue of an affidavit sworn before the Executive Magistrate, Panposh, Rourkela on dtd. 01.03.2024, 1, Firender Badaik, S/o. Ganesh Chick, residing at Qrs. No. D/75, Sector-14, Rourkela-9, P.S.-Sector-15, Dist.-Sundergarh, Odisha, have changed my minor son's name from Ronit Chick to Ronit Badaik. Henceforth, he shall be known, called and identified as **Ronit Badaik** for all purposes.

FIRENDER BADAIK

ଭାରତ ସରକାର
ରାଜକୁମାରୀ ଅମ୍ରିତ କୌର କଲେଜ ଅଫ୍ ନର୍ସିଂ
ଲାଜପତ ନଗର-୪, ମୂଲଚାନ୍ଦ ମେଟ୍ରୋ ଷ୍ଟେସନ ନିକଟ, ନୂଆ ଦିଲ୍ଲୀ-୧୧୦୦୨୪, ଫୋନ୍-୦୧୧-୨୨୪୩୬୭୮, ୨୨୪୩୫୨୨୦

ନାମଲେଖା ବିଜ୍ଞାପନ
M.Sc. Nursing (Session 2024-2025)
Affiliated to University of Delhi

MSC, ନର୍ସିଂ, ଏକାଡେମିକ୍ ଅଧିବେଶନ 2024-2025 ରେ ଆଡମିଶନ ପାଇଁ ଆବେଦନଗୁଡ଼ିକ ଆମନ୍ତ୍ରିତ | ପ୍ରୋସପେକ୍ଟସ୍ ସହିତ ନିର୍ଦ୍ଦିଷ୍ଟ ଆବେଦନ ଫର୍ମଗୁଡ଼ିକ କଲେଜ ୱେବସାଇଟ୍ www.rakcon.com ରୁ ଡାଉନଲୋଡ୍ ହୋଇପାରିବ ଏବଂ କଲେଜରେ (ହାତ କିମ୍ବା ପୋଷ୍ଟ ଦ୍ୱାରା) 18/03/2024 ରୁ 19/04/2024 ପର୍ଯ୍ୟନ୍ତ ଅପରାହ୍ନ 5.00 ପୂର୍ବା 1000 ଟଙ୍କା ଦେୟ ଉପରେ ଦାଖଲ କରାଯିବା ଉଚିତ୍ | / - ପ୍ରିନ୍ସିପାଲ୍ ପସନ୍ଦରେ ଡିମାଣ୍ଡ ଡ୍ରାଫ୍ଟ, ରାଜକୁମାରୀ ଅମୃତ କ ur ର କଲେଜ ଅଫ୍ ନର୍ସିଂ, ନୂଆଦିଲ୍ଲୀରେ ପେମେଣ୍ଟ୍ | ଫର୍ମ ଦାଖଲ କରିବାର ସମୟ ସମସ୍ତ କାର୍ଯ୍ୟ ଦିନରେ i. e ସକାଳ 10.00 ରୁ 5.00 ପର୍ଯ୍ୟନ୍ତ ହେବ | ସୋମବାରରୁ ଶୁକ୍ରବାର ଗେଜେଟେଡ୍ ଛୁଟି ବ୍ୟତୀତ |

cbc 17149/12/0001/2324

CENTRAL UNIVERSITY OF ODISHA
(Established Under the Central Universities Act,2009)
Dept. of Higher Education, Ministry of Education, Govt. of India
Post- NAD, Sunabeda, Dist: Koraput, Odisha, Pin-763004

Advertisement No. 01,02,03/2024 Date: 09.03.2024

EMPLOYMENT NOTIFICATION FOR FACULTY POSITIONS: PROFESSOR, ASSOCIATE PROFESSOR, ASSISTANT PROFESSOR

Online applications are invited through **CU-Chayan portal** from Eligible Indian Citizens and candidates possessing Overseas Citizenship of India (OCI) for appointment to the posts of **Professor, Associate Professor, Assistant Professor** in the Academic Pay Level 14, 13A and 10 of 7th Central Pay Commission Pay Scales, in various Departments of the University on direct recruitment. The important dates are as follows:

Date of Short advertisement	09.03.2024
Date of detailed advertisement in the University Website	09.03.2024
Date of online application (CU-Chayan)	26.03.2024
Last date of online application (CU-Chayan)	25.04.2024

For details, please visit the University website www.cuo.ac.in

Sd/- Registrar

CAD-4525

ZILLA PARISHAD, SAMBALPUR
Dist- Sambalpur, Odisha-768001
Ph: 0663-2410992, Email: ori-dsambalpur@nic.in

NOTICE NO. 244 Date 07.03.2024

TENDER CALL NOTICE FOR SUPPLY OF PACKAGING MACHINES FOR RIPC AT MANESWAR AND BAMRA BLOCK UNDER STATE SECTOR SCHEME- IMPLEMENTATION SUPPORT TO ORMAS

Sealed Tenders are invited from GST registered Agency/ MSME Firm **FOR SUPPLY PACKAGING MACHINES FOR RIPC AT MANESWAR AND BAMRA BLOCK UNDER STATE SECTOR SCHEME- IMPLEMENTATION SUPPORT TO ORMAS for the year 2023-24.** Intending bidders may download the Bid documents containing eligibility criteria and detail terms and conditions of the tender can be downloaded from the website **https://Sambalpur.nic.in**

The sealed tenders should reach the Office of the "Chief Development Officer-cum-EO, ZP, Sambalpur on or before 12.3.2024 up to 5.00 PM by Regd. post/ Speed post/ Courier only and the same will be opened on 13.3. 2024 at 11.00 AM in the Conference Hall of Zilla Parishad, Sambalpur in presence of the bidders or their authorised representatives.

The details of the bidding process are as follows

Sl.	Bidding Schedule	Date and Time
1	Last Date of submission of Bid	12.3.2024 up to 5.00 PM
2	Opening of Technical Bid	13.3.2024 at 11.00 AM
3	Opening of Financial Bid	13.3.2024 at 11.30 AM

Bidders are required to submit the technical and financial bids separately. The bids in sealed Cover-I containing "**Technical Bid**" and sealed Cover-II containing "**Financial Bid**" should be placed in third sealed cover super-scribed "TENDER CALL NOTICE FOR SUPPLY OF PACKAGING MACHINES FOR RIPC AT MANESWAR AND BAMRA BLOCK UNDER STATE SECTOR SCHEME- IMPLEMENTATION SUPPORT TO ORMAS.

The Tenders must reach the undersigned on or before 12.3.2024 by 5.00 PM through Speed Post/ Regd. Post/ Courier only in the following address

CDO-cum-EO, Zilla Parishad, Sambalpur
Katcheri Road
At/P.O. / Dist- Sambalpur
Pin- 768001

The last date and time for submission of tender document is 12.3.2024 by 5.00 PM. The Authority shall not be held responsible for postal delay, if any, in case of non-receipt of the same in time.

1. The Authority reserves every right to reject any or all the **Tender** without assigning any reason thereof.
2. Clarifications on specific Request, if felt necessary by the tender inviting authority, shall be responded through email and general clarifications, affecting all the bidders shall be published in the official website of the tender inviting authority https://Sambalpur.nic.in. However, it shall be the duty of the prospective bidder to ensure that the clarification sought for has been properly received in time by tender inviting authority.

CDO-cum- Executive Officer,
Zilla Parishad, Sambalpur

OIPR-19241/11/0023/2324

XXVII-44

ଓଡ଼ିଶା ସରକାର
ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

File No.- 36 Date- 13.02.2024

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାର ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ଗଉଡପୁଟ, ଥାନା- ମୁଦୁଲିପଡା, ନଂ.୩୮, ତହସିଲ- ଖଇରପୁଟ, ଜିଲ୍ଲା- ମାଲକାନଗିରିରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୦୩୯୫ଟି ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ କୋରାପୁଟ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ମାଲକାନଗିରି ।
୬. ଜମିର ବିବରଣୀ

ଜିଲ୍ଲା	ତହସିଲ	ଗ୍ରାମାଞ୍ଚଳ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	ପ୍ଲଟ୍‌ର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତଙ୍କ ନାମ
ଏଥି ସହିତ ସଂଲଗ୍ନ କରାଗଲା								

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ **NIL** ସରକାରୀ ସଂରକ୍ଷିତ ଜମି ପ୍ରତିବେଦକ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ସତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମାଲକାନଗିରି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

ଭୂମି ଅନୁସୂଚୀ

ମୌଜା: ଗଉଡପୁଟ, ଥାନା- ମୁଦୁଲିପଡା ନଂ.-୩୮, ତହସିଲ- ଖଇରପୁଟ, ଜିଲ୍ଲା- ମାଲକାନଗିରି
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

ଖାତା ନଂ.	ପ୍ଲଟ୍ ନଂ	ମୋଟ ରକବା (ଏକର)	ଅଧିଗ୍ରହଣ ରକବା (ଏକର)	କିସମ	ରୟତଙ୍କ ନାମ
୮୪/୬୩	୨୬୩/୪୭୪	୦.୦୩୯୫	୦.୦୩୯୫	ଘରବାରି	ହରି ପୂଜାରୀ ପି: ସମରା ପୂଜାରୀ, ମଙ୍ଗୁଳି ପୂଜାରୀ, ସା: ହରି ପୂଜାରୀ, ଜା: ଗଉଡ, ବା: ନିଜଗାଁ

Special Land Acquisition Officer,
Jeypore - Malkangiri New
B.G. Bail Lin Project, Jeypore, Koraput

OIPR-24382/14/0005/2324

SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

Ph.: 9437015112

AFFIDAVIT

By virtue of an affidavit sworn before the Executive Magistrate, Kanika, I Binita Sahoo D/o Madhusudan Behera, W/o Bikash Sahoo residing at Deogan, Po: Chhadesh, Ps; Rajkanika, Dist: Kendrapara declare that in some documents my name has been mentioned as Rasmita Behera instead of Binita Sahoo. By this affidavit no: 459, Dated 17.11.2023, both the name Binita Sahoo & Rasmita Behera is same & one person i.e; me. Henceforth I shall be known as **BINITA SAHOO** for all purposes.

AFFIDAVIT

I RAJEEB HARIJAN, aged about 43 years, son of Sri Maheswar Bagh, permanent resident of Vill/Po - Kamata, Tahasil / Po - Tentulikhunti, District Nabarangpur, do hereby solemnly affirm on oath and state as follows:- I am willing to change my surname from Harijan to BAGH today onwards, from today onwards my wife Jharana Harijan (40), son Sarat Harijan (24), son Kumar Sanu Harijan (22) and Daughter Jemina Harijan (23) they will also change their surname from HARIJAN to BAGH and today onwards their surname will known as BAGH for all purposes. Hence in the Notari public nabarangpur affidavit dt-28.12.2023.

XXI-41

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No RDM-LAA-MBJ-0047-2021- 4024 R&DM, Dated 08.02.2024

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ପୂର୍ଣଚନ୍ଦ୍ରପୁର ନଂ-୧**, ଥାନା- ବେତନଟୀ ନଂ. ୯୪, ତହସିଲ- ମୋରଡା, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପୁରିଖୁଣ୍ଟା ମାଇନର, ଭଦ୍ରସୁଲ ସବ-ମାଇନର ଏବଂ ମହୁଲବଣୀ ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୩୫୦୫୫ ତା. ୨୩.୧୧.୨୦୨୧** ରିଖ ରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ ୨୦୧୭ ତା ୧୯.୦୧.୨୦୨୪ ରିଖ ଅନୁସାରେ ଅଧିସୂଚନାର ବୈଧତା ତା ୧୧.୦୨.୨୦୨୪ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା – **ପୂର୍ଣଚନ୍ଦ୍ରପୁର ନଂ-୧**, ଥାନା- ବେତନଟୀ ନଂ. ୯୪, ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ଲକ୍ଷ୍ମୀପୋଷି, ବାରିପଦା, ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ: - ମୋରଡା

ଗ୍ରାମର ନାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	କିସମ	ପ୍ଲଟ୍ ର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତ୍‌ଙ୍କ ନାମ
୧	୨	୩	୪	୫	୬	୭	୮
ପୂର୍ଣଚନ୍ଦ୍ରପୁର ନଂ-୧	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏକର ୪୧.୧୬	ଏକର ୧୦.୧୩	ଏଥି ସହିତ ସଂଲଗ୍ନ

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ ତହସିଲ: - ମୋରଡା

ଗ୍ରାମର ନାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	କିସମ	ପ୍ଲଟ୍ ର ମୋଟ ରକବା	ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା	ରୟତ୍‌ଙ୍କ ନାମ
୧	୨	୩	୪	୫	୬	୭	୮
ପ୍ରଯୁଜ୍ୟ ନୁହେଁ							

ଅଧିସୂଚନାର ବୈଧ ତାରିଖ- ୧୨.୦୨.୨୦୨୨।

ରାଜ୍ୟପାଳଙ୍କ ଆଦେଶକ୍ରମେ
(ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୭୨/୨୦୧୮
ଏ.୧୦.୧୩ହି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପୁରିଖୁଣ୍ଟା ମାଇନର, ଭଦ୍ରସୁଲ ସବ୍‌ମାଇନର, ମହୁଲବଣୀ ମାଇନର ନିମନ୍ତେ
ମୌଜା- ପୂର୍ଣ୍ଣଚନ୍ଦ୍ରପୁର ନଂ-୧, ଥାନା- ବେତନଟୀ ନଂ-୯୪, ତହସିଲ- ମୋରଡା, ଜିଲ୍ଲା-ମୟୂରଭଞ୍ଜ

ଖାତା ନଂ ଏବଂ ସତ୍ୱ	ପ୍ଲଟ ନଂ	ମୋଟ ରକବା	ଆକ୍ୟୁଆର ରକବା	କିସମ	ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ
୧	୨	୩	୪	୫	୬
୮	୫୪୧	୦.୧୬	୦.୦୪	ଶାରଦ ତିନି	ଅରୁଣ ମହାନ୍ତ ପି:ଦୟାଲ ମହାନ୍ତ ଜା: କୁଡୁମି ବା: ମହୁଲ ବଣି
୩୪	୪୮୪	୦.୩୮	୦.୨୮	ଡାହି ଏକ	କ୍ଷେତ୍ର ମୋହନ ମହାନ୍ତ ପି:ବିର ମହାନ୍ତ ଜା: କୁଡୁମି ବା: ମହୁଲ ବଣି
୩୮	୪୨୭	୧.୮୦	୦.୪୮	ଡାହି ଏକ	ଗିରିଶ ମାହାନ୍ତ ପି: ଘାସିରାମ ମାହାନ୍ତ, ସନାତନ ମାହାନ୍ତ ପି: ପାଣ୍ଡୁ ମାହାନ୍ତ ଜା: କୁଡୁମି ବା: ମହୁଲବଣି
୪୨	୪୨୫	୦.୫୧	୦.୧୬	ଡାହି ଏକ	ଗୁରୁ ଚରଣ ମାହନ୍ତ ପି:ଲାଲ ମାହନ୍ତ ଜା: କୁଡୁମି ବା: ମହୁଲ ବଣି
୬୩	୩୦	୧.୧୭	୦.୩୩	ଡାହି ଏକ	ଦୟାଲ ମାହାନ୍ତ, ଗୌର ମାହାନ୍ତ, ଗୋରାଚାନ୍ଦ ମାହାନ୍ତ ପି: ପାହାଲୁ ମାହାନ୍ତ ଜା: କୁଡୁମି ବା: ମହୁଲବଣି
୬୭	୪୨୯	୦.୨୬	୦.୧୦	ଡାହି ଏକ	ଦଶରଥ ମାହାନ୍ତ ପି: ଚତଚନ୍ଦ୍ରୁ ମାହାନ୍ତ, ରମେଶ ମାହାନ୍ତ ପି: ହରମୋହନ ମାହ

ସକାଳ THE SAKALA
ଖୋର୍ଦ୍ଧା
www.sakalaepaper.com

'ଓଁ ନମୋ ଶିବାୟ' ଧ୍ୱନିରେ ପ୍ରକମ୍ପିତ ଶୈବପୀଠ

ଭକ୍ତି ନୈବେଦ୍ୟ ସହ ଜାଗର ଦୀପ ଜାଳିଲେ ଭକ୍ତ

ଖୋର୍ଦ୍ଧା, ୮।୩(ସମିସ)

ପବିତ୍ର ମହାଶିବରାତ୍ରି ତଥା ଜାଗର ଅବସରରେ ଜିଲ୍ଲାବ୍ୟାପୀ ଶୈବ୍ୟପୀଠ ଗୁଡ଼ିକ ଦେଖାଯାଇଛି ଚଳଚଞ୍ଚଳ। ଝିଲିମିଲି ଆଲୋକମାଳାରେ ଶୈବ୍ୟପୀଠ ଗୁଡ଼ିକ ଝଲସୁଥିବା ବେଳେ ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଓଁ କାରାୟ ନମୋନମଃ ଶବ୍ଦରେ ଶୈବ୍ୟପୀଠ ଗୁଡ଼ିକ କମ୍ପମାନ ହୋଇ ଉଠିଥିଲା। ଗୁରୁଜଙ୍ଗ ସ୍ଥିତ ଧବଳେଶ୍ୱର ପୀଠରେ ୮ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ବାଘମାରୀ ଅଟ୍ରୀସ୍ଥିତ ବାବା ହଟକେଶ୍ୱର, ବେଗୁନିଆ ଗୋଡ଼ାଲୋକନାଥ, ଖୋର୍ଦ୍ଧା ପଲ୍ଲୀସ୍ଥିତ ଲୋକଶ୍ୱର, ଜରିପୁଟସ୍ଥିତ ବାଲୁଙ୍କେଶ୍ୱର, ଲୋକନାଥ, ସ୍ୱପ୍ନେଶ୍ୱର, ସିଦ୍ଧେଶ୍ୱର, ଟିଏଲସି ସ୍ଥିତ ତାରକେଶ୍ୱର, ଶ୍ରୀରାମନଗର ଦକ୍ଷେଶ୍ୱର, ନିରାକାରପୁର ନୀଳକଣ୍ଠେଶ୍ୱର ଦେବ, ରାମ ମନ୍ଦିରସ୍ଥିତ ଚନ୍ଦ୍ରଶେଖର ଦେବ, ପାଣ୍ଡବପାଟଣା ନୀଳକଣ୍ଠେଶ୍ୱର ଦେବ, ଡ଼ିଆ କପିଳେଶ୍ୱର ଦେବ, ଲେଣ୍ଡୁ ସିଦ୍ଧେଶ୍ୱର ଦେବ, ସିକୋର ଚନ୍ଦ୍ରଶେଖର ଦେବ ପ୍ରମୁଖ ଶୈବ ପୀଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଶିବଙ୍କ ଆରାଧନା କରୁଥିବା ଦେଖିବାକୁ ମିଳିଛି।

ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ ଏବଂ ଶୃଙ୍ଖଳିତ ଦର୍ଶନ ଲାଗି ମନ୍ଦିର ଟ୍ରଷ୍ଟି ଏବଂ ପୁଲିସ ତରଫରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୀଠ ଗୁଡ଼ିକରେ ମହାଦେବଙ୍କ ଶ୍ରୀଜାଉବେଶ, ମାଜଣା, ହରିହରଭେଟ, ବଡ଼ସିଂହାର ନୀତିକାନ୍ତି ସମ୍ପୂର୍ଣ୍ଣ ହୋଇଥିବାବେଳେ ସନ୍ଧ୍ୟା ସାଢେ ୬ଟାରେ ଦୀପ ପ୍ରଜ୍ଜଳନ କରାଯାଇଥିବା ଦେଖାଯାଇଛି। ଭଜନକୀର୍ତ୍ତନରେ ଶୈବ ପୀଠ ଗୁଡ଼ିକରେ ଅଧ୍ୟାତ୍ମିକ ପରିବେଶ ସୃଷ୍ଟିହୋଇଛି। ଶ୍ରୀଧବଳେଶ୍ୱରଙ୍କ ପୀଠରେ ରାତି ୩ଟାରୁ ଦ୍ୱାରଫିଟା, ମଙ୍ଗଳ ଆଳତୀ ପରେ ଭୋର ୪ଟାରୁ ଦର୍ଶନ ଆରମ୍ଭ ହୋଇଥିଲା। ରାତି ୧୦ଟା ରେ ହରିହର ଭେଟ, ୧୧ଟାରେ ମହାଦୀପ ଉଠିଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ରାତି ପ୍ରାୟ ୧୧ଟା ବେଳକୁ ହଟକେଶ୍ୱରଙ୍କ ପୀଠରେ ମହାଦୀପ ଉଠିଛି।

କୁହୁଡ଼ି: ରତନପୁର ବାଲୁଙ୍କେଶ୍ୱର ଦେବ, କୁହୁଡ଼ି ଚଣ୍ଡିହର ଦେବ ସାନ କୋଠୀ, ବଡ କୋଠୀ, ଲକ୍ଷ୍ମୀଧରପୁର ଗୁପ୍ତେଶ୍ୱର ଦେବ, ଚଣ୍ଡେଶ୍ୱର୍ ଚଣ୍ଡିହାରଦେବ, ଛକଡିପୂର୍ ଲୋକନାଥ ଦେବ, ସୋରଣ ବ୍ରହ୍ମେଶ୍ୱର, ଦାରୁଗାଁ, ମାନସିଂହପୁର, ପଣସପୁର, ଓରଡ ଓ ହାଟ ବରଡି ଶୈବପୀଠ ମହାପ୍ରଭୁ ଶିବଙ୍କ ପୂଜା ହେବା ସହିତ ରାତିରେ ଜାଗର ରହି ନିଜର ମନସ୍କାମନା ପୂର୍ଣ୍ଣ ହେବା ପାଇଁ ଭକ୍ତମାନେ ବ୍ରତ ରଖିଥିଲେ। ଅନେକ ଶୈବ ପୀଠରେ ଯାତ୍ରା, ମେଲୋଡି, ସଂକୀର୍ତ୍ତନ, ଅପେରା ଭଜନ ଓ ଅସ୍ଥାୟୀ ଭାବରେ ବିଭିନ୍ନ ଦୋକାନ ବଜାର ଖୋଲାଯାଇ ଥିବା ବେଳେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା।

ଟାଙ୍ଗୀ: ଟାଙ୍ଗୀ ବ୍ଲକର ବିଭିନ୍ନ ଶୈବପୀଠରେ ପବିତ୍ର ମହାଶିବରାତ୍ରି ପାଳିତ ହୋଇଯାଇଛି। ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚଣ୍ଡେଶ୍ୱରସ୍ଥିତ ଚଣ୍ଡୀହର ଦେବଙ୍କ ମନ୍ଦିର, ବଡପାରୀରେ ନିଳକଣ୍ଠେଶ୍ୱର, ଟାଙ୍ଗୀର ଶ୍ରୀ ଲୋକନାଥ ଦେବ, ବାଲୁଙ୍କେଶ୍ୱରଦେବ ଟାଙ୍ଗୀବିଲ ବାଲୁଙ୍କେଶ୍ୱର ଦେବ, ଓରଡରେ ଚଉରା ଚଣ୍ଡୀହରଦେବ, ସୁନ୍ଦରପୁରରେ ମୁକ୍ତେଶ୍ୱରଦେବ, କୁସୁମୀରେ କୁସୁମେଶ୍ୱର ଦେବ, ତେନ୍ତୁଳିଆ ପଡ଼ାରେ ବ୍ରହ୍ମେଶ୍ୱର ଦେବ, ଭୁଷଣ୍ଡପୁରରେ ବାଲୁଙ୍କେଶ୍ୱର ଦେବ, ବାଲିପାଟପୁରରେ ଗ୍ରାମେଶ୍ୱରଦେବ ଉରୁମୁଖୀରେ ଐଶାନ୍ୟଶ୍ୱର ଦେବ, ମନ୍ଦିରରେ ଭକ୍ତମାନଙ୍କର ଭିଡ ଲାଗିରହିଥିଲା।

ବୋଲଗଡ଼: ମହା ଶିବରାତ୍ରି ଅବସରରେ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବ୍ଲକ ବାଙ୍କୋଇ ଶ୍ରୀ ତାରେଶ୍ୱର

ଦେବଙ୍କ ପୀଠରେ ଭକ୍ତଙ୍କ ଭିଡ଼ ଲାଗିଥିଲା।। ଭୋର ୪ ଟାରୁ ମନ୍ଦିର ଖୋଲାଯାଇ ଠାକୁରଙ୍କ ପହଡ଼ ଖୋଲିଥିଲା। ସାଢେ ୪ଟା ପର୍ଯ୍ୟନ୍ତ ଠାକୁରଙ୍କର ଅବକାଶ ନୀତି ହୋଇଥିଲା। ପରେ ସକାଳ ୮ଟା ପର୍ଯ୍ୟନ୍ତ ଠାକୁର ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସକାଳ ୮ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ପୂଜାର୍ଚ୍ଚନା, ନୀତି ଓ ସକାଳର ସମସ୍ତ ଧୂପ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୦ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ସର୍ବ ସାଧାରଣ ଦର୍ଶନ ହୋଇଥିଲା। ରାତି ସାଢେ ୧୦ଟାରୁ ଠାକୁରଙ୍କର ମହାଶିବ ରାତ୍ରି ନୀତି ମାଘ ସ୍ନାନ ତିନି ଧୂପ ଓ ଚାରି ଅବକାଶ ପରେ କେତକୀ ଫୁଲ ଲାଗି ହୋଇଥିଲା। ପରେ ଶ୍ରୀ ତାରେଶ୍ୱରଦେବଙ୍କ ବିଜେ ପ୍ରତିମା ଚନ୍ଦ୍ର ଶେଖର ଦକ୍ଷିଣ ଦ୍ୱାର ଦେଇ ବେଢ଼ା ପରିକ୍ରମା ପାଇଁ

ଦୋଳବିମାନରେ ଉପବେଷ୍ଟନ କରିଥିଲେ। ୩ଥର ବେଢ଼ା ପରିକ୍ରମା ପରେ ଭୋଗ ମଣ୍ଡପରେ ଶୁଖିଲି ଭୋଗ ଲାଗି ହୋଇଥିଲା। ପରିଶେଷରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା ବେଳେ ଚଳନ୍ତି ପ୍ରତିମା ଚନ୍ଦ୍ର ଶେଖର ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଏପରି ରାତିରେ ମହାଦୀପ ଉଠିଲା ସମୟରେ ମନ୍ଦିର ବେଢ଼ା ଚାରିଆଡ ଦୀପର ଆଲୋକରେ ଝଲସି ଉଠୁଥିଲା। ସେହିପରି ମହାଶିବରାତ୍ରି ନୀତି ସ୍ଥାନୀୟ ବ୍ଲକ ଅଞ୍ଚଳର ସମସ୍ତ ଶୈବ ପୀଠରେପାଳିତ ହୋଇଥିଲା।

ବେଗୁନିଆ: ବେଗୁନିଆ ବ୍ଲକର ବିଭିନ୍ନ ଶୈବ ପୀଠ ମହା ଶିବରାତ୍ରି ଜାଗର ଉପଲକ୍ଷେ ଚଳଚଞ୍ଚଳ ହୋଇ ଉଠିଛି। ବେଗୁନିଆ ବାଲୁଙ୍କେଶ୍ୱର ଦେବ, ବାବା ଏକାଦଶ ରୁଦ୍ର ତଥା ବାବା ହଟ୍ଟକେଶ୍ୱର ଦେବ, ଗୋଡା ଲୋକନାଥ ଦେବ, କୁଶପଲ୍ଲା ଲୋକନାଥ ଦେବ କୋଲୁହାପାଟଣା ସ୍ୱପ୍ନେଶ୍ୱର ଦେବ, ଗଂପୁର ସୋମନାଥ ଦେବ, ସୁଆଁଳ ଲୋକେଶ୍ୱର ଦେବ, ବଡ଼ବେରଣା ଜଳେଶ୍ୱର ଦେବ, ଭୋଗଡ଼ା ବାଲୁଙ୍କେଶ୍ୱର ଦେବ, ଲେଖନପୁର ବ୍ରହ୍ମେଶ୍ୱର ଦେବ, କଣ୍ଟାବାଡ ବାଲୁଙ୍କେଶ୍ୱର ଦେବ ଓ ତଣ୍ଡାଳ ବିଶ୍ୱନାଥ ଦେବଙ୍କ ସମେତ ବିଭିନ୍ନ ଶୈବପୀଠରେ ଭକ୍ତମାନେ ଉଜାଗର ରହି ଦୀପ ଜାଳି ଥିଲେ। ଏହି ଅବସରରେ ଭୋଗଡ଼ାରେ ଦୁଇ ଦିନ ଧରି ମୁକ୍ତମଞ୍ଚ ନାଟକ, କୁଶପଲାରେ ବିଶ୍ୱଶାନ୍ତି ମହାଯଜ୍ଞ, ସୁଆଁଳରେ ବାଦୀପାଲା ଓ ହଟକେଶ୍ୱର ପୀଠରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ସେହିପରି ବଡ ପଦର ଗ୍ରାମରେ ଲୋକେଶ୍ୱର ଦେବଙ୍କ ପୀଠରେ ଯୁବ ଗୋଷ୍ଠୀଙ୍କ ପକ୍ଷରୁ ଭଜନ ସନ୍ଧ୍ୟା ଓ ସାଲତରା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ନାମ ସଂକୀର୍ତ୍ତନ, ପ୍ରବଚନ ଓ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି।

ନିରାକାରପୁର: ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ବିଭିନ୍ନ ଶୈବପୀଠରେ ଜାଗର ଉତ୍ସବ ତଥା ମହାଶିବରାତ୍ରି ପାଳିତ ହୋଇଯାଇଛି। ସକାଳୁ ଭକ୍ତମାନେ ଉପବାସରେ ରହି ଶୈବ ପୀଠଗୁଡ଼ିକୁ ଯାଇ ଠାକୁରଙ୍କୁ ପୂଜାଅର୍ଚ୍ଚନା କରିଥିଲେ। ପରେ ରାତିରେ ଶହ ଶହ ଭକ୍ତମାନେ ମନ୍ଦିର ବେଢ଼ାରେ ଦୀପ ପ୍ରଜ୍ଜ୍ୱଳନ କରି ବସି ରହିଥିଲେ। ଶେଷରେ ମହାଦୀପ ଉଠିବା ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ନିରାକାରପୁର ନୀଳକଣ୍ଠେଶ୍ୱର ଦେବ, ଡ଼ିଆ କପିଳେଶ୍ୱର ଦେବ, ପାଣ୍ଡବପାଟଣା କପିଳେଶ୍ୱର ଦେବ, ନିରାକାରପୁର ରାମ ମନ୍ଦିର ପରିସର ବାବା ଚନ୍ଦ୍ରଶେଖର ଦେବ, ସିଦ୍ଧେଶ୍ୱର ଦେବ, ସିକୋ ବାବା ଚନ୍ଦ୍ରଶେଖର ଦେବ ପ୍ରମୁଖ ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଡ଼ିଆ କପିଳେଶ୍ୱର ଦେବଙ୍କ ପୀଠରେ ପ୍ରାୟ୧୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡ଼ିଛି।

ବାଲୁଗାଁ: ସମଗ୍ର ବାଲୁଗାଁ ଅଞ୍ଚଳର ପ୍ରତିଷ୍ଠିତ ଶୈବପୀଠ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ପାରମ୍ପରିକ ଜାଗର ଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ଦିନତମାମ ହଜାର ହଜାର ଉପାସନାକାରୀ ଠାକୁରଙ୍କ ଦର୍ଶନ କରିବା ସହ ଜଳ, କ୍ଷୀର ଓ କେତକୀ ଫୁଲ ଲାଗି କରିଥିଲେ। ସନ୍ଧ୍ୟରେ ଉପସନାକାରୀ ମନ୍ଦିର ପରିସରରେ ଦୀପ ଜାଳିଥିଲେ। ପରମ୍ପରା ତଥା ପୂର୍ବ ସମୟ ନିର୍ଘଣ୍ଟଅନୁଯାୟୀ ରାତ୍ରି ୯ଘଟିକା ସମୟରେ ଠାକୁରଙ୍କର ବେଢ଼ା ଅନୁଷ୍ଠିତ ହୋଇଥିଲା। ମନ୍ଦିରକୁ ଫୁଲ ଓ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଛି। ସେହିପରି ଶ୍ରୀରାମେଶ୍ୱର ଦେବ ପୀଠ, ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା, ଜଗତେଶ୍ୱରଦେବ ସୁବୁଦ୍ଧିପାଟଣା, ଗାଦିଶ୍ୱରଦେବ ବଡ଼କୁଳ, ସିଙ୍ଗୀନାଥ ଦେବ ସିଙ୍ଗେଶ୍ୱର, କଳିଯୁଗେଶ୍ୱର ଦେବ ମଠପୁର, ଧବଳେଶ୍ୱର ଦେବ ଧୂଆଁଳ, ବାଣପୁରର ଗୁପ୍ତେଶ୍ୱରଦେବ ଗାଲୁଆ, ଭେଟିନାଥ ଦେବ ଭେଟେଶ୍ୱର, ବୁଢ଼ାକପିଳେଶ୍ୱର ଦେବ ଆଦି ବାଲୁଗାଁ ବାଣପୁର ଅଞ୍ଚଳର ପ୍ରମୁଖ ଶୈବପୀଠ ଓ ବାଲୁଗାଁ ମାମୁଁ ଭଣଜା ପାହାଡ଼ ସ୍ଥିତ ସାଇବାବା ମନ୍ଦିରେ ଜାଗରଯାତ୍ରା ପାଳିତ ହୋଇଯାଇଛି।

ଜଟଣୀର ବିଭିନ୍ନ ସ୍ଥାନରେ ମହାଶିବରାତ୍ରି

ଜଟଣୀ, ୮।୩(ସମିସ): ପବିତ୍ର ମହାଶିବରାତ୍ରି ଅବସରରେ ଜଟଣୀ ଅଞ୍ଚଳର ବିଭିନ୍ନ ଶିବ

ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଜଟଣୀ ବ୍ଲକ ବୁଢାପଡ଼ା ସୋମନାଥ ମନ୍ଦିର, ପଞ୍ଚୁପଲ୍ଲୀର ନୀଳକଣ୍ଠେଶ୍ୱର ମନ୍ଦିର, ମୁଣ୍ଡଳ ମଣି କର୍ଣ୍ଣକେଶ୍ୱର ମନ୍ଦିର, ଜାମୁକୋଳି ତ୍ରିନାଥ ମନ୍ଦିର, ଜଟଣୀ ନାଗେଶ୍ୱର ମନ୍ଦିର ଇତ୍ୟାଦି ପ୍ରମୁଖ ସ୍ଥାନରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଭିଡ଼ ନିୟନ୍ତ୍ରଣ କରିବାକୁ ମଧ୍ୟ ବ୍ୟବସ୍ଥା ହୋଇଛି। ଜଟଣୀ ଉପକଣ୍ଠ ପଶ୍ଚିମେଶ୍ୱର ମନ୍ଦିରର ପୂଜକଙ୍କ କହିବା ମୁତାବକ, କିମ୍ବଦନ୍ତି ଅନୁଯାୟୀ ସମୁଦ୍ର ମନ୍ଥନରେ ବାହାରିଥିବା ହଳାହଳ ବିଷକୁ ଆଜି ମହାଦେବ ପାନ କରି ଶୋଇ ରହିଥିଲେ। ସମସ୍ତ ଦେବତାମ ମହାଦେବଙ୍କୁ ଜଗି ରହିଥିଲେ। ଏହି କିମ୍ବଦନ୍ତିକୁ ଆଧାର କରି ଲୋକେ ଆଜିର ଦିନରେ ଜାଗର ପାଳନ କରି ଆସୁଛନ୍ତି। ଲିଙ୍ଗରାଜ ମନ୍ଦିରରେ ମହାଦୀପ ଉଠିବା ପରେ ରାତି ଦଶଟା ପରେ ସମସ୍ତ ମନ୍ଦିରରେ ମହାଦୀପ ଉଠିଥିଲା

୧୦ହଜାର ଲିଟର କ୍ଷୀରରେ ଭିଜିଲେ ବାବା କପିଳେଶ୍ୱର ଦେବ

ନିରାକାରପୁର, ୮।୩(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବାଇଶଦେଶ ଯାଦବ ସମିତି ଦ୍ୱାରା ବାର୍ଷିକ କ୍ଷୀର ସାଗର ଉତ୍ସବ ଜାଗରରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ବାଇଦେଶ ଯାଦବ ସମିତି ନିରାକାରପୁର ମଞ୍ଜାରିଆପାଟଣାସ୍ଥିତ ମା ଦହିଖାଇ ଠାକୁରାଣୀଙ୍କ ପୀଠରେ ପୂଜା ଅର୍ଚ୍ଚନା ଶେଷକରି ଏକ ବିରାଟ ପଟୁଆରରେ କ୍ଷୀର ଡ୍ରମଗୁଡ଼ିକୁ ଡ଼ିଆ ବାବା କପିଳେଶ୍ୱର ଦେବଙ୍କ ପୀଠକୁ ନିଆଯାଇଥିଲା। ସେଠାରେ ପ୍ରାୟ ୧୦ହଜାର ଲିଟର କ୍ଷୀରରେ ବାବା କପିଳେଶ୍ୱର ଦେବଙ୍କ କ୍ଷୀରାଭିଷେକ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବାଇଦେଶ ଯାଦବ ସମିତି ସଭାପତି ରତ୍ନାକର ବେହେରା ଓ ଯାମିନୀ ମୋହନ ବେହେରା, ଆନନ୍ଦ ଚନ୍ଦ୍ର ବେହେରା, ପଦ୍ମଚରଣ ବେହେରା, ଲକ୍ଷ୍ମୀଧର ବେହେରା, ବିଶ୍ୱନାଥ ବେହେରା ଓ ପୀତବାସ ବେହେରା, ପ୍ରହ୍ଲାଦ ବେହେରା ପ୍ରମୁଖଙ୍କ ସମେତ ସମସ୍ତ ସଭ୍ୟ ଦୁଗ୍ଧ, ଛୋନା ବ୍ୟବସାୟୀ ଭାଇମାନେ ଡ଼ହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଦହିଖାଇ

ଠାକୁରାଣୀଙ୍କ ପୀଠକୁ ଭୁବନେଶ୍ୱର ସାଂସଦ ଅପରଜିତା ଷଡଙ୍ଗୀ, ରାଜ୍ୟ ମହିଳା ବିଜୁ ଜନତା ଦଳ ବରିଷ୍ଠ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଓ ବିଜେପି ନେତା କାଳୁ ଚରଣ ଖଣ୍ଡୟତରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଠାକୁରାଣୀଙ୍କ ଆର୍ଶିବାଦ କାମନା କରିଥିଲେ।

ଧବଳେଶ୍ୱର ପୀଠରେ ଦୁଇ ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ

ବାଲୁଗାଁ, ୮।୩(ସମିସ): ବାଲୁଗାଁ ନିକଟସ୍ଥ ଶ୍ରୀ ଧବଳେଶ୍ୱର ଦେବଙ୍କ ପୀଠରେ ପବିତ୍ର ମହାଶିବରାତ୍ରି ପାଳନ ହେଉଥିବା ବେଳେ ପୂର୍ବ ବିବାଦକୁ କେନ୍ଦ୍ର କରି ବାଲୁଗାଁ ଥାନା ଧୂଆଁଳ ଓ କୋତରୀ ଦୁଇ ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଯାଇଛି। ଏଥିରେ ଉଭୟ ଗ୍ରାମର ୧୦ଜଣ ଆହତ ହୋଇଥିବା ବେଳେ ଆହତଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ଡାକ୍ତର ବ୍ରହ୍ମପୁର ସ୍ଥାନାନ୍ତର କରି ଦେଇଥିବା ସୂଚନା ମିଳିଛି। ଖବର ପାଇ ଘଟଣା ସ୍ଥଳରେ ପୁଲିସ୍ ମୁତୟନ କରାଯାଇଥିବା ବେଳେ ଜାଗରଯାତ୍ରାରେ ଏଭଳି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ନଜରରେ ରଖି ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କୁ ଦୀପ ଜାଳିବାକୁ ବାରଣ କରାଯାଇଛି। ପରମ୍ପରା ବଜାୟ ରଖିବା ଲାଗି କେବଳ ଠାକୁରଙ୍କ ପୂଜା ନୀତିକାନ୍ତି ସମ୍ପର୍ଣ୍ଣ ନିମନ୍ତେ ମନ୍ଦିର ପରିଚାଳନା କମିଟିକୁ ପୁଲିସ୍ ପ୍ରଶାସନ ଅନୁମତି ଦେଇଛି। ସୂଚନା ମୁତାବକ, ମନ୍ଦିର ପ୍ରତିଷ୍ଠା ହୋଇ କାହିଁ କେଉଁ ଅନାଦି କାଳରୁ ଶ୍ରୀଧବଳେଶ୍ୱର ଦେବ ପୂଜା ପାଇଆସୁଛନ୍ତି। ମନ୍ଦିରଟି କୋତରୀ ଗ୍ରାମ ମୌଜାରେ ଅବସ୍ଥାପିତ ହୋଇଥିବା ବେଳେ ଧୂଆଁଳ ଗ୍ରାମବାସୀ ମନ୍ଦିର ପରିଚାଳନା ସହ ସମସ୍ତ ପୂଜା ନୀତିକାନ୍ତି ପ୍ରାରମ୍ଭରୁ କରିଆସୁଛନ୍ତି। ତେବେ ଗତ କିଛି ବର୍ଷ ହେଲା ମନ୍ଦିରର ଉନ୍ନୟନ କାର୍ଯ୍ୟକୁ ନେଇ ପଡ଼ୋଶୀ ଦୁଇ ଗ୍ରାମ ଧୂଆଁଳ ଓ କୋତରୀ ମଧ୍ୟରେ ବିବାଦ ଲାଗି ରହିଛି। କୋତରୀ ଗ୍ରାମବାସୀ ଗତ କିଛି ବର୍ଷ ହେଲା ଉକ୍ତ ମନ୍ଦିରଟି ବିଜେ କୋତରୀ ଭାବେ ସାର୍ବଜନୀନ କରିବା ପାଇଁ ଦାବି କରିବା ଫଳରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏପରିସ୍ଥଳେ ଜାଗରଯାତ୍ରା ଉପଲକ୍ଷେ କୋତରୀ ଗ୍ରାମବାସୀଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ବାଲୁଗାଁ ପୁଲିସ୍‌ର ଅନୁମତି ମାଗିଥିବା ବେଳେ ଉପଜିଲ୍ଲାପାଳଙ୍କ ଅନୁମତି ପତ୍ର ନଥିବାରୁ ବାଲୁଗାଁ ପୁଲିସ୍ ଅନୁମତି ଦେଇ ନଥିଲା। ଏଥିରେ ଅସନ୍ତୁଷ୍ଟ ହୋଇ କୋତରୀ ଗ୍ରାମର କିଛି ବ୍ୟକ୍ତି ଶୁକ୍ରବାର ପୂର୍ବାହ୍ନରେ ମନ୍ଦିର ପରିସରରେ ପହଞ୍ଚି ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଉଦ୍ୟମ କରିବା ବେଳେ ଉଭୟ ଗ୍ରାମ ମଧ୍ୟରେ ପ୍ରଥମେ କଥା କଟାକଟି ପରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ତାହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଉଭୟ ଗ୍ରାମର ଲୋକ ପରସ୍ପରକୁ ଠେଙ୍ଗାରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ଉଭୟ ଗ୍ରାମର ୫ଜଣ ଲେଖାଏଁ ଆହତ ହୋଇ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କୋତରୀ ଗ୍ରାମର ଗତି କୃଷ୍ଣ ବିଶ୍ୱାଳ ଏବଂ ପଞ୍ଚାନନ ମଲ୍ଲିକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତମାନେ ହେଲେ କୋତରୀ ଗ୍ରାମର ଲକ୍ଷ୍ମୀଧର ପ୍ରଧାନ, ଫକିର ସେନାପତି, ପଞ୍ଚାନନ ଦଳେଇ ଏବଂ ଧୂଆଁଳ ଗ୍ରାମର ହରମୋହନ ରଣା, ବିଦେଶୀ ରଣା, ବିନାୟକ ରଣା, ଲକ୍ଷ୍ମୀଧର ଜେନା ଏବଂ କୈଳାସ ସେଠୀ ଚିକିତ୍ସାଧିନ ଅଛନ୍ତି। ଖବର ପାଇ ବାଲୁଗାଁ ଏସ୍‌ଡ଼ିପିଓ ଶୁଭ୍ରାଶୁ ଶେଖର ମିଶ୍ର ଓ ଥାନାଧିକାରୀ ଜୟପ୍ରକାଶ ପରିଡ଼ା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶାନ୍ତିଶୃଙ୍ଖଳା ପାଇଁ ୨ସେକ୍ସନ ପୁଲିସ୍ ଫୋର୍ସ ମୁତୟନ କରି ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ତେବେ ରିପୋର୍ଟ ଲେଖାଯିବା ବେଳକୁ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଆଇଆଇସି ଜୟପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି।

ଟ୍ରକ୍‌କୁ ପିଟିଲା ସ୍କୁଟି ; ୨ ମୃତ, ଜଣେ ଗୁରୁତର

ଖୋର୍ଦ୍ଧା, ୮।୩(ସମିସ): ସଦରଥାନା ଅନ୍ତର୍ଗତ ତାପଙ୍ଗ ଓଭରବ୍ରିଜ ନିକଟରେ ସନ୍ଧ୍ୟା ପ୍ରାୟ ସାଢେ ୭ଟା ସମୟରେ ଏକ ଦ୍ରୁତଗାମୀ ସ୍କୁଟି ଟ୍ରକ୍ ପଛରୁ ଧକ୍କା ଦେବା ଫଳରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଥିବା ଜଣାଯାଇଛି। ସୂଚନା ଅନୁସାରେ, ଓଡି.୨୫ ପି-୫୬୮୮ ନଂ ବି

ଏଆଇଟିଏ ଓଟିଏ ଟେନିସ୍: କବୀରଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର, ୮।୩(ସମିସ): ସ୍ଥାନୀୟ ଗୁରୁକୂଳ ରିସୋର୍ଟ୍ସରେ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏମ୍‌ଓଏସ୍‌ଏଫ୍ ଏଆଇଟିଏ ଓଟିଏ ଟେନିଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଶେଷ ହୋଇଛି। ଦୁଇ ଲକ୍ଷ ୫୦ ହଜାର ଟଙ୍କା ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର କବୀର ହଂସ ଦ୍ୱିମୁକୁଟ ହାସଲ କରିଛନ୍ତି। ପୁରୁଷ ଏକକ ଫାଇନାଲରେ କବୀର ୩-୬, ୬-୩, ୬-୪ ସେଟ୍‌ରେ ରାଜସ୍ଥାନର ଫେଜଲ କାମାରଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ସେହିପରି ପୁରୁଷ ଯୁଗଳ ଇଭେଣ୍ଟରେ କବୀର ଓ ଫେଜଲ ୬-୭, ୬-୧, ୧୦-୫ ସେଟ୍‌ରେ ପଶ୍ଚିମବଙ୍ଗ ଓ ଅବିନାଂଶୁ ବୋରଠାକୁର ଓ ନାଗାଲାଣ୍ଡର ଭିଲାସିଏର ଖାଟେଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ସମ୍ପାଦକ ତଥା ପୂର୍ବତନ ଆଇପିଏସ୍ ଅଧିକାରୀ ସତ୍ୟଜିତ୍ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ୟୁସିସିଆଇଏଲ୍ ଅଧକ୍ଷ ବ୍ରହ୍ମାନନ୍ଦ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

ଓଡ଼ିଶାର ଆହାନ ଓ ସଜଫା ଚାମ୍ପିଅନ

ଭୁବନେଶ୍ୱର, ୮।୩ (ସମିସ): ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଆଇଟିଏ ଓଟିଏ ଅଲ୍‌ଓଡ଼ିଶା କନିଷ୍ଠ (୧୨ ଓ ୧୪ ବର୍ଷରୁ କମ୍) ସୁପର୍ ସିରିଜ ଟେନିସ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୪ ବର୍ଷରୁ କମ୍ ବାଳିକା ଏକକରେ

ଅଲ୍‌ଇଣ୍ଡିଆ କନିଷ୍ଠ ସୁପର୍ ସିରିଜ ଟେନିସ ଉଦ୍‌ଯାପିତ

ଓଡ଼ିଶାର ଆହାନ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ସେ ୬-୦, ୬-୧ ସିଧାସଳଖ ସେଟ୍‌ରେ ତାମିଲନାଡୁର ତନୁଶ୍ରୀ ସତେଶଙ୍କୁ ପରାସ୍ତ କରିଥିଲେ। ଏହି ବୟସବର୍ଗର ବାଳକ ବିଭାଗରେ ତେଲଙ୍ଗାନାର ଅର୍ଥବ ଶ୍ରୀରାମଜୁ ଟାଇଟଲ୍ ଜିତିଛନ୍ତି। ତେବେ ୧୨ ବର୍ଷରୁ କମ୍ ବାଳିକା ଏକକରେ ଓଡ଼ିଶାକୁ ଉପବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହି ବିଭାଗର ଫାଇନାଲରେ ଓଡ଼ିଶାର ଏସ୍‌କେ ସଜଫା ୩-୬, ୨-୬ ସିଧାସଳଖ ସେଟ୍‌ରେ କର୍ଣ୍ଣାଟକର କ୍ରିଷିକା ଗୌତମଙ୍କ ନିକଟରୁ ହାରି ଉପବିଜେତା ହୋଇଥିଲେ। ଏହି ବୟସବର୍ଗର ବାଳକରେ ମହାରାଷ୍ଟ୍ରର ଶ୍ଳୋକ ଅଳାନ୍ଦ ଚାମ୍ପିଅନ ହୋଇଛନ୍ତି। ତେବେ ଓଡ଼ିଶାର ସଜଫା ୧୪ ବର୍ଷରୁ କମ୍ ବାଳିକା ଯୁଗଳରେ ଟାଇଟଲ୍ ହାତେଇ ନେଇଛନ୍ତି। ସଜଫା ଓ ତାଙ୍କ କର୍ଣ୍ଣାଟକ ଯୋଡ଼ିଦାର ରୀତ ଜୱାର ୭-୫, ୩-୬ (୧୦-୦) ସେଟ୍‌ରେ ପ୍ରତିପକ୍ଷ କର୍ଣ୍ଣାଟକ ଯୋଡ଼ିଙ୍କୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଫଳରେ ସଜଫା ଏହି ପ୍ରତିଯୋଗିତାରେ ୨ଟି ଟ୍ରଫି ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଟେନିସ ସଂଘ (ଓଟିଏ)ର ସମ୍ପାଦକ ଡ. ସତ୍ୟଜିତ୍ ମହାନ୍ତି, ଯୁଗ୍ମ ସମ୍ପାଦକ ତଥା ପୋଲିସ କମିସନର ସଞ୍ଜୀବ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଭାରତୀୟ ଦଳରେ ଆହାନ:

୧୪ ବର୍ଷରୁ କମ୍ ଆଇଟିଏଫ୍ ଏସିଆ ଓ ଅଣ୍ଡର ଡେଭଲପ୍‌ମେଣ୍ଟ ଚାମ୍ପିଅନସିପ୍ ଲାଗି ଓଡ଼ିଶାର ଆହାନ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏପ୍ରିଲ ୮ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ମାଲେସିଆର କୁଚିଙ୍ଗଠାରେ ଖେଳାଯିବ।

ଆଶୁତୋଷ-କୁନାଲ ଫାଇନାଲ

ଭୁବନେଶ୍ୱର, ୮।୩ (ସମିସ): ସ୍ଥାନୀୟ ଭୁବନେଶ୍ୱର କ୍ଲବ ପରିସରରେ ଚାଲିଥିବା ନିଖିଳ ଓପନ୍ ୬ ରେଡ୍‌ବଲ୍ ସ୍କୁକର ଚାମ୍ପିଅନସିପ୍‌ର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଆଶୁତୋଷ ପାଢ଼ୀ ଓ କୁନାଲ ଅଗ୍ରୱାଲଙ୍କ ମଧ୍ୟରେ ଶନିବାର ଫାଇନାଲ ମ୍ୟାଚ୍ ଖେଳାଯିବ। ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲରେ ଆଶୁତୋଷ ୬-୩ ଫ୍ରେମରେ ଡ. ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନ୍ୟ ଏକ ସେମିରେ କୁନାଲ ୬-୫ ଫ୍ରେମରେ ସୁବ୍ରତ ଦାସଙ୍କୁ ହରାଇ ଫାଇନାଲରେ ପହଞ୍ଚିଥିଲେ।

ଦ୍ୱିତୀୟ ଟେଷ୍ଟ: ନ୍ୟୁଜିଲାଣ୍ଡ ୧୬୨ରେ ସୀମିତ

ଖ୍ରୀଷ୍ଟଚର୍ଚ୍ଚ, ୮।୩(ଏଜେନ୍ସି): ସ୍ଥାନୀୟ ହଗଲି ଓଭାଲ ଗ୍ରାଉଣ୍ଡ ଶୁକ୍ରବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୪୫.୨ ଓଭରରେ ୧୬୨ ରନରେ ଅଲଆଉଟ ହୋଇଛି। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ପାଳି ଆରମ୍ଭ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୩୬ ଓଭରରେ ୪ ୱିକେଟ ହରାଇ ୧୨୪ ରନ ସଂଗ୍ରହ କରିଛି। ମାର୍ନସ ଲାବୁସେନ୍ ୪୫ ଓ ନାଇଟ୍ ୱାଚ୍‌ମ୍ୟାନ ନାଥନ ଲାୟନ ୧ ରନକରି ଅପରାଜିତ ରହିଛନ୍ତି। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ମ୍ୟାଟ ହେନେରୀ ୩ ୱିକେଟ୍ ଅକ୍ତିଆର କରିଛନ୍ତି। ନ୍ୟୁଜିଲାଣ୍ଡ ପାଳିରେ ଟମ୍ ଲାଥନ ସର୍ବାଧିକ ୩୮ ରନ୍ କରିଥିବା ବେଳେ ଅଷ୍ଟ୍ରେଲିଆର ହାଜ୍‌ଲେଉଡ୍ ସର୍ବାଧିକ ୫ଟି ୱିକେଟ୍ ନେଇଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ କେନ୍ ୱିଲିୟମସନ୍ ଓ ଟିମ୍ ସାଉଦି ୧୦୦ତମ ଟେଷ୍ଟ୍ ମ୍ୟାଚ୍ ପଦାର୍ପଣ କରିଛନ୍ତି।

ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ | ଓଡ଼ିଶାର ଅଭିଯାନ ଶେଷ

କଟକ, ୮।୩(ସମିସ): ଝାଡଖଣ୍ଡରେ ଚାଲିଥିବା ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଘରୋଇ ଝାଡଖଣ୍ଡ ଠାରୁ ଓଡ଼ିଶା ୫ ୱିକେଟରେ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୯ ୱିକେଟରେ ୯୮ ରନ କରିଥିଲା। ବଳରାମ ବସ୍ତିଆ ସର୍ବାଧିକ ୩୫ରନ କରିଥିଲେ। ଝାଡଖଣ୍ଡ ପକ୍ଷରୁ ବିକାଶ ଯାଦବଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ୧୨.୫ ଓଭରରେ ୫ ୱିକେଟ ହରାଇ ଝାଡଖଣ୍ଡ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଝାଡଖଣ୍ଡର ବିକାଶ ଯାଦବ ୪୦ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ମହମ୍ମଦ ସୋହେଲ ଖାନ ଏବଂ ଜଗଜିତ ମହାନ୍ତି ୨ଟି ଲେଖାଏ ୱିକେଟ ସଂଗ୍ରହ କରିଥିଲେ। ଓଡ଼ିଶାର ବଳରାମ ବସ୍ତିଆଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ୱିକେଟ କିପର ବିବେଚିତ କରାଯାଇଛି।

ଇଣ୍ଡିଆନ ଓମେନ୍ସ ଲିଗ୍ ବିଜୟ ସହ ଶୀର୍ଷରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୮।୩ (ସମିସ): ଚଳିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଓଡ଼ିଶା ଫୁଟ୍‌ବଲ କ୍ଲବ୍ (ଓଏଫ୍‌ସି) ଏହାର ଚମତ୍କାର ଫର୍ମ ଜାରି ରଖି ଶୀର୍ଷ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛି। ଶୁକ୍ରବାର ଦିଲ୍ଲୀର ଡ. ଆମ୍ବେଦକର ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ଏଫ୍‌ସି ମହିଳା ଦଳ ୩-୦ ଗୋଲରେ ଘରୋଇ ହୋସ୍ପ ଏଫ୍‌ସିକୁ ପରାସ୍ତ କରିଥିଲା। ଏଥିସହ ଚଳିତ ପ୍ରତିଯୋଗିତାରେ ୧୦ମ ମ୍ୟାଚରୁ ୮ମ ବିଜୟ ଏବଂ ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ଓଡ଼ିଶା ଏଫ୍‌ସି ୨୫ ପଏଣ୍ଟ ପାଇ ଶୀର୍ଷକୁ ଉଠିଛି। ଅପରପକ୍ଷରେ ହୋସ୍ପ ଏଫ୍‌ସି ୧୦ମ ମ୍ୟାଚରୁ ୫ମ ପରାଜୟ ସହ ୧୩ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛି। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ଭେଟିବ। ଏହି ମ୍ୟାଚ୍ ଚଳିତ ମାସ ୧୭ରେ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ଶୁକ୍ରବାର ଦିଲ୍ଲୀରେ ଘରୋଇ ହୋସ୍ପ ଏଫ୍‌ସି ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟାଚର ପ୍ରାରମ୍ଭରୁ ଓଡ଼ିଶା ଏଫ୍‌ସି ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ୨୦ତମ ମିନିଟ୍‌ରେ ପେନାଲ୍ଟି କିକ୍‌ରୁ ଇନ୍ଦୁମତୀ କାଥିରେସାନ, ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ପ୍ୟାରୀ ଖାଖାଙ୍କ ଗୋଲ୍ ଓଡ଼ିଶାର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରାଇଥିଲା। ପ୍ୟାରୀ ୫୨ତମ ମିନିଟ୍‌ରେ ଏହି ଗୋଲଟି ଦେଇଥିଲେ। ଏହାପରେ ମ୍ୟାଚର ଶେଷ ମିନିଟ୍ (୯୦ତମ)ରେ ଲିଣ୍ଡା କମ୍ ଓଡ଼ିଶା ପାଇଁ ଆଉ ଏକ ଗୋଲ୍ ଦେଇ ଦଳକୁ ୩-୦ରେ ଜିତାଇଥିଲେ।

୯ମ ଜାତୀୟ ମିନି ଗଲ୍‌ଫ ଓଡ଼ିଶାକୁ ୨୨ ପଦକ ସହ ଜାତୀୟ କ୍ରୀଡ଼ା ଯୋଗ୍ୟତା

ଭୁବନେଶ୍ୱର, ୮।୩ (ସମିସ): ନାଗପୁରଠାରେ ଅନୁଷ୍ଠିତ ଜାତୀୟ ମିନି ଗଲ୍‌ଫ ପ୍ରତିଯୋଗିତାର ୯ମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ୨୪ ଜଣିଆ ଓଡ଼ିଶା ପୁରୁଷ ଓ ମହିଳା ଦଳ ମୋଟ୍ ୨୨ ପଦକ ବିଜୟୀ ହୋଇଛି। ଯେଉଁଥିରେ ୧୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୮ କାଂସ୍ୟ ପଦକ ରହିଛି। ସାମଗ୍ରିକ ଭାବେ ଓଡ଼ିଶା ମହିଳା ଦଳ ୨ୟ ଓ ପୁରୁଷ ଦଳ ଚତୁର୍ଥ ସ୍ଥାନରେ ରହି ଉତ୍ତରାଖଣ୍ଡରେ ହେବାକୁ ଥିବା ଆଗାମୀ ଜାତୀୟ କ୍ରୀଡ଼ାର ୩୮ତମ ସଂସ୍କରଣକୁ ଯୋଗ୍ୟତା ଅର୍ଜନ କରିଛି।

ପୁରୁଷ ଓ ମହିଳା ଦଳଗତ ପ୍ରତିଯୋଗିତାରେ ଓଡ଼ିଶା ସ୍ୱର୍ଣ୍ଣିମ ସଫଳତା ପାଇଥିଲା। ପୁରୁଷ ଦଳରେ ରିଦ୍ଧିକ ଆନନ୍ଦ ମିଶ୍ର, ୟାଶରାୟ ପଟ୍ଟନାୟକ, ବୀନିତ ଦାସ, ସୌଭାଗ୍ୟ ଶରଣ, ଅଭିନବ ମହାନ୍ତି ଓ ରୋମିତ ରୋଶନ ପ୍ରଧାନ ସଦସ୍ୟ ରହିଥିଲେ। ସେହିଭଳି ଅମ୍ରିତା ଦାସ, ଆଦ୍ୟାଶା ମିଶ୍ର, ପ୍ରିୟଦର୍ଶିନୀ ପ୍ରଧାନ, ସୌମ୍ୟାଶ୍ରୀ ରଥ, ଆସ୍ଥା ପଟ୍ଟନାୟକ ଓ ସୌନ୍ଦର୍ଯ୍ୟା ସ୍ୱାଇଁ ସ୍ୱର୍ଣ୍ଣ ବିଜୟୀ ମହିଳା ଦଳର ସଦସ୍ୟା ରହିଥିଲେ। ଅପରପକ୍ଷରେ ମହିଳା ବ୍ୟକ୍ତିଗତ ପ୍ରତିଯୋଗିତାରେ ସ୍ମୃତିରେଖା ସ୍ୱାଇଁ, ପୁରୁଷ ବର୍ଗରେ ରୋମିତ ରୋଶନ ଓ ରାଶନ ପ୍ରଧାନ କାଂସ୍ୟ ପଦକ ସଫଳତା ପାଇଥିଲେ। ମିଶ୍ରିତ ଯୁଗଳରେ ବିକାଶଚନ୍ଦ୍ର ପଟ୍ଟନାୟକ ଓ ଅଭିଷ୍ଟା ପଣ୍ଡା ରୌପ୍ୟ ପଦକ ହାସଲ କରିଥିଲେ। ଷ୍ଟ୍ରୋକ ଇଭେଣ୍ଟରେ ମହିଳା ଦଳର ପାୟଲ ପଟ୍ଟନାୟକ, ନୂପୁର ପଟ୍ଟନାୟକ, ଅଭିଷ୍ଟା ପଣ୍ଡା, ଆନିକା ପଟ୍ଟନାୟକ, ଲତା ସମର୍ଥା ଓ ପ୍ରିୟଦର୍ଶିନୀ ପ୍ରଧାନ କାଂସ୍ୟ ପଦକ ଜିତିଥିଲେ। ଏହି ସଫଳତା ଲାଗି ଓଡ଼ିଶା ମିନି ଗଲ୍‌ଫ ସଂଘର ସଭାପତି ସତ୍ୟବ୍ରତ ମୀନକେତନ, ଉପସଭାପତି ପ୍ରସେନଜିତ୍ ପତି, ସାଧାରଣ ସମ୍ପାଦକ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ରୋହିତ ଶର୍ମା ଓ ଶୁବମାନ ଗିଲଙ୍କ ଶତକ

ଭାରତ ନିୟନ୍ତ୍ରଣରେ ଧର୍ମଶାଳା ଟେଷ୍ଟ

ଧର୍ମଶାଳା, ୮।୩(ଏଜେନ୍ସି)

ଅଧିନାୟକ ରୋହିତ ଶର୍ମା ଓ ଯୁବ ଖେଳାଳି ଶୁବମାନ ଗିଲ୍‌ଙ୍କ ଚମତ୍କାର ଶତକ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଆୟୋଜକ ଭାରତ ନିୟନ୍ତ୍ରଣରେ ରହିଛି। ରୋହିତ ୧୦୩ ଓ ଶୁବମାନ ଗିଲ୍‌ଙ୍କ ୧୧୦ରନ୍ ସାଙ୍ଗକୁ ପଦାର୍ପଣକାରୀ ଦେବଦତ୍ତ ପାଡିକଲଙ୍କ ୬୫ ଓ ସର୍ଫରାଜ ଖାନ୍ ୫୬ ରନ୍ କରିବା ଫଳରେ ଭାରତ ପ୍ରଥମ ପାଳିରେ ୨୫୫ ରନ୍‌ରେ ଆଗୁଆ ରହିଛି। ପ୍ରଥମ ପାଳିରେ ଇଂଲଣ୍ଡର ୨୧୮ ରନ୍ ଜବାବରେ ଶୁକ୍ରବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୮ ୱିକେଟରେ ୪୭୩ ରନ୍ କରିନେଇଛି। ଷଷ୍ଠ ଅପସାରଣ ବେଳକୁ କୁଲଦୀପ ଯାଦବ ୨୭ ଓ ଯଶପ୍ରୀତ ବୁମ୍‌ରା ୧୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଇଂଲଣ୍ଡ ପକ୍ଷରୁ ଦୁଇ ସ୍ପିନର ସୋଏବ ବସିର ୪ଟି ଓ ଟମ୍ ହର୍ଟଲୀ ୨ଟି ୱିକେଟ ନେବା ସହ ଭାରତର ମିଡଲ ଅର୍ଡରରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଦୀର୍ଘ୧୫ ବର୍ଷ ପରେ ଭାରତର ପ୍ରଥମ ୫ ଜଣ ବ୍ୟାଟର ଗୋଟିଏ ପାଳିରେ ୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି।

ଶତକ ଓ ଶତକୀୟ ଭାଗୀଦାରି

ଘରୋଇ ଭାରତୀୟ ଦଳ ୧ ୱିକେଟରେ ୧୩୫ ରନ୍‌ରୁ ଅସମାପ୍ତ ପ୍ରଥମ ପାଳି ଆରମ୍ଭ କରି ଇଂଲଣ୍ଡ ବୋଲରଙ୍କୁ ମନଇଚ୍ଛା ଖେଳିଥିଲେ। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ରୋହିତ ଶର୍ମା ଓ ଶୁବମାନ ଗିଲ ଚମତ୍କାର ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି ୩ଟି ବଲ ବ୍ୟବଧାନରେ ଶତକ ହାସଲ କରିଥିଲେ। ସେହିପରି ଏମାନେ ଦ୍ୱିତୀୟ ୱିକେଟ ଭାଗୀଦାରିରେ ୨୪୪ ବଲ୍‌ରୁ ୧୭୧ ରନ୍ ଉଠାଇବା ପରେ ୭ଟି ବଲ ବ୍ୟବଧାନରେ ଆଉଟ ହୋଇଯାଇଥିଲେ। ଚଳିତ ସିରିଜ୍‌ରେ ଦ୍ୱିତୀୟ ତଥା ଟେଷ୍ଟ ଜୀବନର ଦ୍ୱାଦଶ ଶତକ ହାସଲ କରିବା ପରେ ରୋହିତ ୧୬୨ ବଲ୍‌ରୁ ୧୩ ଚୌକା ଓ ୩ଛକା ସହ ୧୦୩ ରନ୍ କରି ପ୍ରତିପକ୍ଷ ଦଳର ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ଷ୍ଟୋକ୍ସ ଦୀର୍ଘ ୮ ମାସ ପରେ ଏବଂ ଚଳିତ ସିରିଜ୍‌ରେ ବୋଲିଂ କରିଥିବା ପ୍ରଥମ ବଲ୍‌ରେ ହିଁ ରୋହିତଙ୍କୁ ଚମତ୍କାର ଭାବେ ବୋକା ବନାଇ ଆଉଟ କରିଦେଇଥିଲେ। ଅନ୍ୟପକ୍ଷରେ ଜୀବନର ଚତୁର୍ଥ ଟେଷ୍ଟ ଶତକ ହାସଲ କରିଥିବା ଗିଲ୍ ୧୫୦ ବଲ୍ ଖେଳି ୧୨ ଚୌକା ଓ ୫ ଛକା ସହ ୧୧୦ ରନ୍‌ରେ ଆଉଟ ହୋଇଥିଲେ।

ଦମ୍ ଦେଖାଇଲେ ଦେବଦତ୍ତ

୨୭୯ ରନ୍‌ରେ ତୃତୀୟ ୱିକେଟର ପତନ ପରେ ସର୍ଫରାଜ ଖାନ୍‌ଙ୍କ ସହ ଯୋଗଦେଇଥିଲେ ପଦାର୍ପଣକାରୀ ଦେବଦତ୍ତ ପାଡିକଲ। ଚଳିତ ସିରିଜ୍‌ରେ ୫ମ ଖେଳାଳି ଭାବେ ପଦାର୍ପଣ କରିଥିବା ଏହି ବାମହାତୀ ବ୍ୟାଟର କ୍ରିକେଟ ଲାଗି ଜନ୍ମମାଟି କେରଳ ଛାଡ଼ି ହାଇଦରାବାଦ୍‌ରେ ବାପାଙ୍କ ସହ ରହିଥିଲେ। କିନ୍ତୁ କ୍ରିକେଟ ଖେଳିବା ଲାଗି ହାଇଦରାବାଦ୍ ଛାଡି ବାଙ୍ଗାଲୋର କ୍ରିକେଟ ଏକାଡେମୀରେ ଖେଳିଥିଲେ। ସେଠାରେ ତାଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା। ଏଠାରେ ଭାରତ ପକ୍ଷରୁ ପ୍ରଥମ ଟେଷ୍ଟ ଖେଳୁଥିଲେ ମଧ୍ୟ ଦେବଦତ୍ତ ପରିପକ୍ୱ ବ୍ୟାଟିଂ କରିଥିଲେ। ସେ ଓ ସର୍ଫରାଜ କିଛି ସମୟ ଇଂଲଣ୍ଡ ଫାଷ୍ଟ ବୋଲିଂ ବିପକ୍ଷରେ ସଂଘର୍ଷ କରିଥିଲେ। ପରେ ବ୍ୟାଟିଂ କରିବା ଏମାନଙ୍କ ଲାଗି ଅତି ସହଜ ହୋଇଯାଇଥିଲା। ଏମାନେ ଚତୁର୍ଥ ୱିକେଟ ଭାଗୀଦାରିରୁ ୧୩୨ ବଲ୍‌ରୁ ୯୭ ରନ୍ ଉଠାଇ ଭାରତକୁ ଏକ ଭଲ ସ୍ଥିତିରେ ପହଞ୍ଚାଇଥିଲେ। କିନ୍ତୁ ଏହି ସମୟରେ ଅଫ୍ ସ୍ପିନର ସୋଏବ ବସିର ପ୍ରତିପକ୍ଷ ବ୍ୟାଟର ସର୍ଫରାଜଙ୍କୁ ଆଉଟ କରି ଏହି ଯୋଡି ଭାଙ୍ଗିଦେଇଥିଲେ। ସର୍ଫରାଜ ୬୦ ବଲ୍‌ରେ ୫୬ ରନ୍ କରିଥିଲେ। ଚଳିତ ସିରିଜ୍‌ରେ ଭଲ ବ୍ୟାଟିଂ କରିଥିବା ଧ୍ରୁବ ଜୁରେଲଙ୍କୁ ବସିର ଆଉଟ କରି ଭାରତକୁ ବ୍ୟାକ୍ ଫୁଟ୍‌କୁ ଠେଲିଦେଇଥିଲେ। ଦଳ ୪୦୦ ରନ୍ ଅତିକ୍ରମ କରିବା ପରେ ଦେବଦତ୍ତଙ୍କୁ ବୋଲ୍ଡ କରି ବସିର ତୃତୀୟ ୱିକେଟ ଅକ୍ତିଆର କରିଥିଲେ। ଦେବଦତ୍ତ ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ୧୦୩ଟି ବଲ ଖେଳି ୧୦ ଚୌକା ଓ ଗୋଟିଏ ଛକା ସହ ୬୫ରନ୍ କରିଥିଲେ। ଏହି ସମୟରେ ବାମହାତୀ ସ୍ପିନର ଟମ୍ ହର୍ଟଲୀ ଗୋଟିଏ ଓଭରରେ ରବୀନ୍ଦ୍ର ଜାଡେଜା (୧୫) ଓ ରବିଚନ୍ଦ୍ରପ ଅଶ୍ୱିନ (୦)ଙ୍କୁ ଆଉଟ କରିଦେଇଥିଲେ। ଏକଦା ଦଳ ୨୫ ରନ୍ ମଧ୍ୟରେ ୪ଟି ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୪୨୮ ରନ୍‌ରେ ୮ମ ୱିକେଟ ପଡ଼ିଯିବା ପରେ କୁଲଦୀପ ଯାଦବ ଓ ଯଶପ୍ରୀତ୍ ବୁମ୍‌ରା ୯ମ ୱିକେଟରେ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ୧୦୮ଟି ବଲ୍‌ର ସାମ୍ନା କରି ଇଂଲଣ୍ଡକୁ ନିରାଶ କରିଥିଲେ। ଏମାନଙ୍କ ଅବିଭକ୍ତ ଭାଗୀଦାରିରୁ ମଧ୍ୟ ୪୫ଟି ଗୁରୁତ୍ୱପୂର୍ଣ୍ଣ ରନ୍ ମିଳିଥିଲା। ଉଭୟ ୫୫ ଟି ଲେଖାଏଁ ବଲ ଖେଳିଥିବାବେଳେ କୁଲଦୀପ ୨୭ ଓ ବୁମ୍‌ରା ୧୯ ରନ୍ କରି ଅପରାଜିତ ରହିଥିଲେ।

ଚଳିତ ସିରିଜ୍‌ରେ ପ୍ରଭାବି ପ୍ରଦର୍ଶନ କରିଥିବା ବସିର ଇଂଲଣ୍ଡ ପକ୍ଷରୁ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ହର୍ଟଲୀଙ୍କୁ ୨ଟି ୱିକେଟ ମିଳିଥିଲା। ୪୨ ବର୍ଷୀୟ ଫାଷ୍ଟ ବୋଲର ଜେମ୍‌ସ ଆଣ୍ଡରସନ୍ ଗିଲଙ୍କୁ ଆଉଟ କରି ତାଙ୍କ ୱିକେଟ ସଂଖ୍ୟାକୁ ୬୯୯ରେ ପହଞ୍ଚାଇଛନ୍ତି। ସେ ଆଉ ଗୋଟିଏ ୱିକେଟ ନେଲେ ବିଶ୍ୱର ତୃତୀୟ ବୋଲର ତଥା ପ୍ରଥମ ଫାଷ୍ଟ ବୋଲର ଭାବେ ୭୦୦ ୱିକେଟ ହାସଲ କରିବେ। କିନ୍ତୁ ଦୀର୍ଘ ୮ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟରେ ବୋଲିଂ କରିଥିବା ବେନ୍ ଷ୍ଟୋକ୍ସ ପ୍ରଥବ ବଳରେ ରୋହିତ ଶର୍ମାଙ୍କୁ ଆଉଟ କରି ସବୁଠାରୁ ବଡ଼ ସଫଳତା ପାଇଥିଲେ।

ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ପାଳି: ୨୧୮/୧୦, ୫୭.୪ ଓଭର (ଜ୍ୟାକ୍ କ୍ରଲୀ-୭୯, ଜନ୍ନି ବେୟାରଷ୍ଟୋ-୨୯, କୁଲଦୀପ ଯାଦବ-୫/୭୨, ଅଶ୍ୱିନ-୪/୫୧)।

ଭାରତ ପ୍ରଥମ ପାଳି: ୪୭୩/୮, ୧୨୦ ଓଭର (ରୋହିତ ଶର୍ମା-୧୦୩, ଶୁବମାନ ଗିଲ-୧୧୦, ଦେବଦତ୍ତ ପାଡିକଲ-୬୫, ବସିର-୪/୧୭୦, ଟମ୍ ହର୍ଟଲୀ-୨/୧୨୬)।

ରାତିରେ ଭଲଭାବେ ଶୋଇପାରି ନ ଥିଲେ ପାଡିକଲ

ଧର୍ମଶାଳା, ୮।୩(ଏଜେନ୍ସି): ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୫ମ ଭାରତୀୟ ଖେଳାଳି ଭାବେ ପଦାର୍ପଣ କରିଥିବା ଦେବଦତ୍ତ ପାଡିକଲ ୫ମ ଟେଷ୍ଟ ଖେଳିବାକୁ ସୂଚନା ପାଇବା ପରେ ମ୍ୟାଚ୍ ଆରମ୍ଭର ପୂର୍ବଦିନ ରାତିରେ ଭଲ ଶୋଇପାରି ନ ଥିଲେ। ଟିମ୍ ମ୍ୟାନେଜମେଣ୍ଟ ରଜତ ପଟିଦାରଙ୍କୁ ସମର୍ଥନ ଦେଉଥିବାରୁ ଏହି ସିରିଜ୍‌ରେ ମୋର ଖେଳିବା ନେଇ ସନ୍ଦେହ ରହିଥିଲା। କିନ୍ତୁ ଗତକାଲି ପଟିଦାର ସାମାନ୍ୟ ଆହତ ହୋଇଥିବାରୁ ମୋତେ ଖେଳିବାକୁ ପ୍ରସ୍ତୁତ ରହିବାକୁ ସୂଚନା ଦିଆଯାଇଥିଲା। ଯାହା ଫଳରେ ଉତ୍ତେଜନା ଯୋଗୁଁ ମୁଁ ଗତ କାଲି ରାତିରେ ଶୋଇ ପାରି ନଥିଲି। ଗତକାଲି ଅର୍ଥାତ ମ୍ୟାଚ୍ ଆରମ୍ଭ ହେବା ସକାଳେ ମୁଁ ଖେଳିବି ବୋଲି ଜାଣିବାକୁ ପାଇଥିଲି। ନର୍ଭସ ଥିଲି କିନ୍ତୁ ଭଲ ଖେଳିବି ବୋଲି ବିଶ୍ୱାସ ଥିଲାବୋଲି କହିଛନ୍ତି ଏହି ବାମହାତୀ ଖେଳାଳି।

କର୍ଣ୍ଣାଟକ ପକ୍ଷରୁ ଚଳିତ ରଣଜୀ ସିଜନରେ ଗୋଆ, ତାମିଲନାଡୁ ଓ ପଞ୍ଜାବ ବିପକ୍ଷରେ ୩ଟି ଶତକ ଓ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଗୋଟିଏ ଶତକ ହାସଲ କରିବା ପରେ ତାଙ୍କୁ ଲୋକେଶ ରାହୁଲଙ୍କ ସ୍ଥାନରେ ତୃତୀୟ ଟେଷ୍ଟରେ ସାମିଲ କରାଯାଇଥିଲା। କିନ୍ତୁ ରଜତ ପଟିଦାରଙ୍କୁ ଖେଳିବା ସୁଯୋଗ ପାଇବା ପରେ ତାଙ୍କୁ ସାମିଲ କରାଯାଇ ନଥିଲା। ଏବେ ସେ ତାଙ୍କ ପ୍ରତିଭା ପ୍ରଦର୍ଶନ କରିବାରେ ସମର୍ଥ ହୋଇଛନ୍ତି। ଚଳିତ ଘରୋଇ ସିଜନରେ ସେ ୯୨.୬୬ ହାରରେ ୫୬୬ ରନ୍ ସଂଗ୍ରହ କରିଛନ୍ତି।

ମହିଳା ପ୍ରିମିଅର୍ ଲିଗ୍ | ୱାରିୟର୍ଜଙ୍କୁ ଜିତାଇଲେ ଦୀପ୍ତି

ନୂଆଦିଲ୍ଲୀ, ୮।୩ (ଏଜେନ୍ସି): ଦୀପ୍ତି ଶର୍ମାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ୟୁପି ୱାରିୟଜ ଚଳିତ ମହିଳା ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ତୃତୀୟ ବିଜୟ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ଏକ ରୋମାଞ୍ଚକ ମୁକାବିଲାରେ ୱାରିୟର୍ଜ ୧ ରନରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ୱାରିୟର୍ଜ ଦୀପ୍ତି ଶର୍ମା (୪୮ ବଲରୁ ୫୯ ରନ)ଙ୍କ ଲଢୁଆ ଅର୍ଦ୍ଧଶତକ ସହାୟତାରେ ୮ ୱିକେଟ୍‌ରେ ୧୩୮ ରନ କରିଥିଲା। ବୋଲିଂରେ ଦିଲ୍ଲୀ କ୍ୟାପିଟାଲ୍ସର ତିତାସ ସାଧୁ ଓ ରାଧା ଯାଦବଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ଦୀପ୍ତିଙ୍କ ସ୍ପିନ ବୋଲିଂଙ୍କୁ ସାମ୍ନା କରି ନପାରି ଦିଲ୍ଲୀ ୧୯.୫ ଓଭରରେ ୧୩୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଅଧିନାୟିକା ମେଗ୍ ଲାନ୍ନିଂ ୬୦ ରନର ପାଳି ଖେଳିଥିଲେ। ବୋଲିଂରେ ଦୀପ୍ତି ୧୯ ରନରେ ୪ଟି ୱିକେଟ୍ ସଫଳତା ପାଇଥିଲେ। ୟୁପି ୭ମ ମ୍ୟାଚରୁ ୩ୟ ବିଜୟ ସହ ୬ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଦିଲ୍ଲୀ ୮ ପଏଣ୍ଟ ପାଇ ଶୀର୍ଷରେ ଅପରିବର୍ତ୍ତିତ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର